


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-237 ♦SUNDAY ♦22 FEBRUARY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୩୭ ♦ରବିବାର ♦୨୨ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


ଟି-୨୦ ବିଶ୍ୱକପ୍ ସୁପର ଏଇଟ୍‌ସ

## ଭାରତ-ଦକ୍ଷିଣ ଆଫ୍ରିକା ମୁକାବିଲା ଆଜି

■ ଅହମ୍ମଦାବାଦ୍, ୨୧।୨ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ରନର୍ସଅପ୍ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତାକାଲି ଚଳିତ ଟି-୨୦ ବିଶ୍ୱକପ୍‌ର ସୁପର ଏଇଟ୍‌ସ ମୁକାବିଲା ଆୟୋଜିତ ହେବ। ଏହି ମୁକାବିଲା ଲାଗି ଉଭୟ ଦଳ ବେଶ ପ୍ରସ୍ତୁତି କରିଛନ୍ତି। ବିଶେଷ କରି ଭାରତର ସ୍ପିନ୍ ପିଚ୍‌ରେ କିପରି ଭାରତୀୟ ବୋଲରଙ୍କୁ ମୁକାବିଲା କରିବାକୁ ହେବ ତାହା ଦକ୍ଷିଣ ଆଫ୍ରିକା ୪ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ଦମ୍ ଦେଖାଇଛି। କିନ୍ତୁ ଭାରତୀୟ ପିଚ୍‌ରେ ଅଭିଜ୍ଞତା ରଖିଥିବା ଭାରତୀୟ ସ୍ପିନରଙ୍କୁ ମୁକାବିଲା କରି ଦକ୍ଷିଣ ଆଫ୍ରିକା ଟାଇଟଲ ଜିତିବାକୁ ନିଶ୍ଚିତଭାବେ ପ୍ରଥମ ପଦକ୍ଷେପ ନେବ। ଭାରତ ମଧ୍ୟ ପାକିସ୍ତାନ ସମେତ ୪ଟି ଯାକ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ସୁପର ଏଇଟ୍‌ସ ଖେଳିବାକୁ ଯାଉଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ନିକଟରେ ଅନୁଷ୍ଠିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଦକ୍ଷିଣ ଆଫ୍ରିକାକୁ ୩-୧ରେ ପରାସ୍ତ କରିଥିଲା। ଭାରତ ଏହି ବିଜୟଧାରା ବଜାୟ ରଖିବାକୁ ସମସ୍ତ ପ୍ରକାର ଚେଷ୍ଟା କରିବ। ସେହିପରି ଗତ ବିଶ୍ୱକପ୍ ଫାଇନାଲ ଓ ଭାରତରେ ଅନୁଷ୍ଠିତ ଟି-୨୦ ସିରିଜ୍ ପରାଜୟର ପ୍ରତିଶୋଧ ନେବାକୁ ଦକ୍ଷିଣ ଆଫ୍ରିକା ତାହାର ସମସ୍ତ ଦକ୍ଷତା ବାଜିରେ ଲଗାଇଦେବ। ଆସନ୍ତାକାଲିର ସୁପର ଏଇଟ୍‌ସ ମୁକାବିଲା ବେଶ ରୋମାଞ୍ଚକ ହେବ ବୋଲି ଆଶା କରାଯାଇଛି। ଆସନ୍ତାକାଲି ଅହମ୍ମଦାବାଦ୍‌ରେ ରାତି ୭ଟାରୁ ଏହି ମୁକାବିଲା ଆରମ୍ଭ ହେବ ବୋଲି ଜଣାଯାଇଛି। ଏହା ପୂର୍ବରୁ ଶ୍ରୀଲଙ୍କାର ପାଲେକେଲେଠାରେ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ସୁପର ଏଇଟ୍‌ର ଦ୍ୱିତୀୟ ମୁକାବିଲା ଅନୁଷ୍ଠିତ ହେବ।

ନାସାର ମିଶନ 'ଆର୍ଟେମିସ୍-୨'

## ମାର୍ଚ୍ଚରେ ଚନ୍ଦ୍ରକୁ ଯିବେ ମହାକାଶଚାରୀ

■ ୱାସିଂଟନ, ୨୧।୨ (ଏଜେନ୍ସି): ଖୁବଶୀଘ୍ର ପୁଣି ଥରେ ଚନ୍ଦ୍ରରେ ମହାକାଶଚାରୀ ଦେଖିବାକୁ ମିଳିବେ ଅର୍ଥାତ ଚନ୍ଦ୍ରର ଚାରିପଟେ ପରିକ୍ରମା କରୁଥିବାର ଦେଖିବାକୁ ମିଳିବେ। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ଶୁକ୍ରବାର ଦିନ ଏ ନେଇ ଘୋଷଣା କରିଛି। ଆସନ୍ତା ମାର୍ଚ୍ଚ ୬ରେ 'ଆର୍ଟେମିସ୍-୨' ମିଶନର ଉତକ୍ଷେପଣ କରାଯାଇପାରେ ବୋଲି ନାସା ତରଫରୁ କୁହଯାଇଛି। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ଏହା ହେବ ଚନ୍ଦ୍ରକୁ ପ୍ରଥମ ମାନବ ସମ୍ବଳିତ ମିଶନ। ଫେବୃଆରୀ ପ୍ରାରମ୍ଭରେ କିଛି ବୈଷୟିକ ତ୍ରୁଟି ଓ ତରଳ ହାଇଡ୍ରୋଜେନ୍ ଲିକେଜ ଯୋଗୁଁ ଏହି ମିଶନ ପ୍ରସ୍ତୁତିରେ ବାଧା ଉପୁଜିଥିଲା। ମାତ୍ର ଗୁରୁବାର ଦିନ ଫ୍ଲୋରିଡ଼ାର କେପ୍ କାନାଭେରାଲଠାରେ କରାଯାଇଥିବା ରିହର୍ସାଲ ସଫଳ ହୋଇଛି। ଏହି ପରୀକ୍ଷଣରେ ରେକେଟ୍ ଟାଙ୍କିରେ ସମ୍ପୂର୍ଣ୍ଣ ଇନ୍ଧନ ଭର୍ତ୍ତି କରାଯାଇ ପ୍ରକୃତ ଉତ୍କ୍ଷେପଣ ଭଳି ପରିବେଶ ସୃଷ୍ଟି କରାଯାଇଥିଲା। ଏହି ଅଭ୍ୟାସର କାଉଣ୍ଟ ଡାଉନ୍‌ର ଟି-୨୯ ସେକେଣ୍ଡ ପର୍ଯ୍ୟନ୍ତ ସଫଳତାର ସହ ଯାଇଥିଲା। ଏହି ମିଶନରେ ୩ ଜଣ ଆମେରିକୀୟ ଓ ଜଣେ କାନାଡ଼ୀୟ ମହକାଶଚାରୀ ସାମିଲ ଅଛନ୍ତି। ଏହି ମହାକାଶଚାରୀମାନେ ଚନ୍ଦ୍ର ଚାରିପଟେ ବୁଲି ପୁଣି ପୃଥିବୀକୁ ଫେରିବେ। ଏହା ଭବିଷ୍ୟତରେ ଚନ୍ଦ୍ର ପୃଷ୍ଠରେ ମଣିଷ ପହଞ୍ଚିବା ପାଇଁ ପଥ ପରିଷ୍କାର କରିବ। ନାସାର ବରିଷ୍ଠ ଅଧିକାରୀ ଲୋରୀ ଗ୍ଲେଜ କହିଛନ୍ତି, ମାର୍ଚ୍ଚ ୬ ତାରିଖ ପୂର୍ବରୁ ଆହୁରି କିଛି ବୈଷୟିକ ଯାଞ୍ଚ୍ ଓ 'ଫ୍ଲାଇଟ୍ ରେଡିନେସ ରିଭ୍ୟୁ' କରାଯିବ।

ଧାନ ବିକ୍ରି, ମଣ୍ଡି ସମସ୍ୟାକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଜାରି

# ହଟ୍ଟନି ଅଚଳାବସ୍ଥା; ୪ ଦିନ ଧରି ଗୃହ ଅଚଳ



ଶନିବାର ଗୃହ ଚାଲିଲା ୨୨ ମିନିଟ

ସରକାରଙ୍କୁ ଘେରିଲେ ବିରୋଧୀ, ବିଧାନସଭା ଚଳାଇବାକୁ ସରକାରଙ୍କର ମାନସିକତା ନାହିଁ

ଚାଷୀ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ

■ ଭୁବନେଶ୍ୱର, ୨୧।୨ (ସମିସ): ରାଜ୍ୟରେ ଧାନ ବିକ୍ରି ଓ ଚାଷୀ ସମସ୍ୟାକୁ ନେଇ କ୍ରମାଗତ ଚତୁର୍ଥ ଦିନ ପାଇଁ ଗୃହ ଅଚଳ କରିଛନ୍ତି ବିରୋଧୀ। ଏହି ପ୍ରସଙ୍ଗକୁ ନେଇ ଶନିବାର ବିରୋଧୀ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଯେପର୍ଯ୍ୟନ୍ତ ଚାଷୀଙ୍କର ଧାନ ବିକ୍ରି ନେଇ ସମସ୍ୟାର ସମାଧାନ ନହୋଇଛି, ସେପର୍ଯ୍ୟନ୍ତ ଗୃହ ଚଳାଇ ଦିଆଯିବ ନାହିଁ ବୋଲି ବିରୋଧୀ ଜିଦରେ ଅଟଳ ରହିଛନ୍ତି। ଗୃହକୁ ସ୍ୱାଭାବିକ କରିବା ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଶାସକ-ବିରୋଧୀ ନିଜ ନିଜ ଜିଦରେ ଅଟଳ ଥିବାବେଳେ ବିଧାନସଭା ମାତ୍ର ୨୨ ମିନିଟ୍ ଚାଲିପାରିଛି।

ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟମାନେ ପ୍ଲାକାର୍ଡ, ପୋଷ୍ଟର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ଧାନ କିଣା ଓ ଚାଷୀ ସମସ୍ୟାକୁ ନେଇ ନାରାବାଜି କରି ଗୃହ କମ୍ପାଇଥିଲେ। ବିଧାୟକ ଭାସ୍କର ମଢ଼େଇଙ୍କ ଏକ ତାରକା ପ୍ରଶ୍ନର ଉତ୍ତର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରଖୁଥିବା ବେଳେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଏହା ଶୁଣାଯାଇନଥିଲା। ନିଜ ନିଜ ଆସନକୁ ଫେରିଯିବାକୁ ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର ଅନୁରୋଧ କରିଥିଲେ ହେଁ ଏହାକୁ ଶୁଣି ନ ଥିଲେ ବିରୋଧୀ। ପ୍ରଶ୍ନକାଳ ଚାଲିଥିବା ବେଳେ ବିରୋଧୀ ସଦସ୍ୟ 'ପଏଣ୍ଟ ଅଫ୍ ଅର୍ଡର' ମାଗିଥିବା ବେଳେ ଏହାକୁ ବାଚସ୍ପତି ଅଗ୍ରାହ୍ୟ କରିଥିଲେ। ଏହାକୁ ନେଇ ବିରୋଧୀ ସଦସ୍ୟ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ୧୦ଟା ୩୬ ରୁ ୧୧ଟା ୩୦ ଯାଏଁ ଗୃହକୁ ମୁଲତବୀ ରଖିଥିଲେ।

ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପୁନଶ୍ଚ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ଯାଏଁ ମୁଲତବୀ ରଖିଥିଲେ। ଅପରାହ୍ଣରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଗୃହ ମଧ୍ୟରେ ଜୋରଦାର ହଟ୍ଟଗୋଳ କରିଥିଲେ। ବିରୋଧୀଙ୍କ ପ୍ରବଳ ହୋହଲ୍ଲା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ମନ୍ତ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ କାଗଜ ଉପସ୍ଥାପନ କରିଥିଲେ। ମାତ୍ର ୧୨ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ଗୃହକୁ ସୋମବାର ସକାଳ ୧୦ଟା ୩୦ ମିନିଟ ଯାଏଁ ମୁଲତବୀ ରଖିଛନ୍ତି।

ଗୃହକାର୍ଯ୍ୟ ସୂଚାରୁ ରୂପେ ଚାଲି ନପାରିବା ପ୍ରସଙ୍ଗରେ ଗୃହ ବାହାରେ ପ୍ରତିକ୍ରିୟା ରଖି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଧାନସଭା ଚଳାଇବାକୁ ବୋଧହୁଏ ସରକାରଙ୍କ ମାନସିକତା ନାହିଁ। ବିଧାନସଭା ଚାଲିଲେ ରାଜ୍ୟର ବହୁ ସମସ୍ୟା ଆଲୋଚନା ▶ପୃଷ୍ଠା-୭

## 'ସୁପ୍ରିମ୍' ଝଟ୍‌କା ପରେ ଟ୍ରମ୍ପଙ୍କ ବିକଳ୍ପ ରଣନୀତି

■ ୱାସିଂଟନ, ୨୧।୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଉପରେ 'ସୁପ୍ରିମ' ଛାଟ ବାଜିଛି। ବିଶ୍ୱର ଅନେକ ଦେଶ ଉପରେ ଟ୍ରମ୍ପ ଲଗାଇ ଥିବା ଶୁଳ୍କକୁ ଆମେରିକା ସର୍ବୋଚ୍ଚ ନ୍ୟାୟାଳୟ 'ବେଆଇନ' କହି ରଦ୍ଦ କରିଦେଇଛନ୍ତି।

ବିଶ୍ୱ ଉପରେ ଲଗାଇଲେ ଅତିରିକ୍ତ ୧୦% ଶୁଳ୍କ

ସୁପ୍ରିମକୋର୍ଟ ବିଚାରପତିଙ୍କୁ କଳଙ୍କ କହିଲେ ରାଷ୍ଟ୍ରପତି

ଚାହିଁଲେ ଶୁଳ୍କ ନ ନେଇ ବି ଅନ୍ୟ ଦେଶକୁ ବର୍ବାଦ କରିଦେବି

ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟର ତିନି ଘଣ୍ଟା ପରେ ରାଷ୍ଟ୍ରପତି ଟ୍ରମ୍ପ ବିକଳ୍ପ ରଣନୀତି ଭାବେ ସାରା ବିଶ୍ୱ ଉପରେ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏ ସମ୍ବନ୍ଧିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଟ୍ରମ୍ପ ସ୍ୱାକ୍ଷର କରିଛନ୍ତି। ଏଥିପାଇଁ ପୂର୍ବ ଭଳି ଆଉ ଜରୁରୀ ସମୟରେ ପ୍ରୟୋଗ ହେଉଥିବା ଆଇନର ବ୍ୟବହାର କରିନାହାନ୍ତି। ସେ ନୂଆ ଆଇନ (ଧାରା- ୧୨୨) ବ୍ୟବହାର କରି ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏହି ଶୁଳ୍କ ଆସନ୍ତା ୨୪ ତାରିଖ ସକାଳୁ ୫ ମାସ ପାଇଁ କାର୍ଯ୍ୟକାରୀ ହେବ। ହ୍ୱାଇଟ ହାଉସର ଜଣେ ଅଧିକାରୀ କହିଛନ୍ତି ଯେ ବ୍ରିଟେନ, ଭାରତ ଏବଂ ▶ପୃଷ୍ଠା-୭

## ଚର୍ଚ୍ଚାରେ ଭାରତୀୟ ଓକିଲ ନିଲ କାତ୍ୟାଲ

■ ୱାସିଂଟନ, ୨୧।୨ (ଏଜେନ୍ସି): ଆମେରିକା ସୁପ୍ରିମକୋର୍ଟଙ୍କ ଶୁଳ୍କ ରଦ୍ଦ ରାୟ ପଛରେ ଭାରତୀୟ ବଂଶୋଦ୍ଭବ ଓକିଲ ନିଲ କାତ୍ୟାଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଏହି ଶୁଳ୍କ ବିରୋଧରେ କାତ୍ୟାଲ ସୁପ୍ରିମକୋର୍ଟରେ ଲଢ଼ି ବିଜୟୀ ହୋଇଛନ୍ତି। ଏବେ ସାରା ବିଶ୍ୱରେ କାତ୍ୟାଲଙ୍କୁ ପ୍ରଶଂସା କରାଯାଉଛି। ସେ ପୂର୍ବରୁ ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ସଲିସିଟର ଜେନେରାଲ ଭାବେ କାର୍ଯ୍ୟ କରୁଥିଲେ। ଏହି ଶୁଳ୍କ ମାମଲାରେ ସେ କ୍ଷୁଦ୍ର ବ୍ୟବସାୟୀଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଟ୍ରମ୍ପଙ୍କ ବିରୋଧରେ ଯାଇ କାତ୍ୟାଲ ସୁପ୍ରିମକୋର୍ଟରେ ଶୁଳ୍କ ବିରୋଧରେ ଏବଂ ସାମ୍ବିଧାନିକ କ୍ଷମତା ସପକ୍ଷରେ ଯୁକ୍ତି ଉପସ୍ଥାପନ ▶ପୃଷ୍ଠା-୭

ଲଜ୍ଜା

## ସ୍କୁଲରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ ରାଜକନିକା, ୨୧।୨ (ସମିସ): କେନ୍ଦ୍ରାପଡ଼ାରେ ପୁଣି ଲଜ୍ଜା। ସ୍କୁଲ ଭିତରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ। ରାଜକନିକା ଥାନା ଅଧୀନ ଓଳାଭର ଅଞ୍ଚଳର ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଘଟିଥିବା ଏହି ଜଘନ୍ୟ କାଣ୍ଡ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ୪ଜଣ ଶିକ୍ଷକ ଓ ଜଣେ ପିଅନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଶିକ୍ଷକ ଚନ୍ଦନ କୁମାର ପୃଷ୍ଟି, ବିଶ୍ୱରଞ୍ଜନ ସାହୁ, ରଶ୍ମିକାନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ମିନତି ବାଇ ଓ ପିଅନ ରଶ୍ମିରଞ୍ଜନ ରଣା। ଏନେଇ ରାଜକନିକା ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୫(୨), ୭୦(୨), ୬୦, ୪୯, ୩୫୧(୨)(୩), ୩(୫) ସହ ପୋକ୍ସୋ ଆଇନର ଧାରା ୪ ଓ ୬ ଅନୁଯାୟୀ ନମ୍ବର ୫୪/୨୬ରେ ଏକ ମାମଲା ରୁଜୁ ହୋଇଛି।



୪ ଶିକ୍ଷକ ଓ ପିଅନ ଗିରଫ

ପୀଡ଼ିତାଙ୍କ ମାଆଙ୍କ ଏତଲା ଅନୁସାରେ, ତାଙ୍କ ଝିଅ ଓଳାଭରସ୍ଥିତ ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିଲା। ସ୍କୁଲର କିଛି ଶିକ୍ଷକ ତାଙ୍କ ଝିଅକୁ ଦୀର୍ଘ ଦିନ ଧରି ଭୟଭୀତ କରିବା ସହ ଯୌନ ନିର୍ଯାତନା ଦେଉଥିଲେ। ଗତ ଜାନୁଆରୀ ୧୪ତାରିଖରେ ନାବାଳିକାଜଣଙ୍କ ଘରକୁ ଫେରି ଜୋରରେ କାନ୍ଦିବା ସହ ତା' ସହ ଘଟିଥିବା ପାଶବିକ ଅତ୍ୟାଚାର ସଂପର୍କରେ ମା'ଙ୍କୁ ଜଣାଇଥିଲା। ଏ ସଂପର୍କରେ ନାବାଳିକାର ମା' ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ହେଁ ସେମାନେ ଏହାକୁ ଗୁରୁତ୍ୱର ସହ ନେଇନଥିଲେ। ଏପରି ସ୍କୁଲ କର୍ତ୍ତୃପକ୍ଷ ଏଭଳି ଗୁରୁତର ଅଭିଯୋଗକୁ ତଦନ୍ତ ପୂର୍ବରୁ ଖଣ୍ଡନ କରିଦେଇଥିଲେ। ପରେ ପରିବାରଲୋକ ଶିଶୁ ସୁରକ୍ଷା ସମିତି ଓ ପୁଲିସର ଦ୍ୱାରସ୍ଥ ହେବା ପରେ ଘଟଣା ପଦାକୁ ଆସିଥିଲା। ପରିବାରଲୋକ ଆହୁରି ଅଭିଯୋଗ କରିଛନ୍ତି ଯେ ଅଭିଯୁକ୍ତମାନେ ତାଙ୍କ ଝିଅକୁ ବାରମ୍ବାର ଦୁଷ୍କର୍ମ କରିବା ସହ ଏ ସଂପର୍କରେ କାହାରିକୁ ନ କହିବାକୁ ଧମକାଉଥିଲେ। ପାଟି ଖୋଲିଲେ, ସେହି ସ୍କୁଲରେ ପଢୁଥିବା ତାଙ୍କ ସାନଭାଇଙ୍କୁ ହତ୍ୟା କରିବୁ ବୋଲି କହି ଭୟଭୀତ କରୁଥିଲେ। ଏହି ଘଟଣା ପଦାକୁ ଆସିବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲା କଂଗ୍ରେସ ଓ ବିଜୁ ମହିଳା ଜନତା ▶ପୃଷ୍ଠା-୭

## ଠିକାଦାରଙ୍କୁ ଘରୁ ଡାକି ଆଣି ମାରିଦେଲେ

■ ଆନନ୍ଦପୁର, ୨୧।୨ (ସମିସ): ଘରୁ ଡାକି ଆଣି ଠିକାଦାରଙ୍କୁ ମାରିଦେଲେ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ଅତାସାହି ଗାଁରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଗାଁର ବିପିନ ପରିଡ଼ା। ଘଷିପୁରା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ହତ୍ୟାକାଣ୍ଡରେ ୪ଜଣ ସାମିଲ ଥିବା ବିପିନଙ୍କ ଘରଲୋକ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ ଘଟଣା ପରଠାରୁ ଫେରାର୍ ହୋଇଯାଇଥିବା ଜଣାଯାଇଛି। ସୂଚନାନୁଯାୟୀ, ବିପିନ ଶୁକ୍ରବାର ରାତିରେ ଖାଇପିଇ ଶୋଇବାକୁ ଯାଉଥିବା ବେଳେ ସେହି ଗାଁର କେତେକ ଯୁବକ ତାଙ୍କ ଘରକୁ ଆସିଥିଲେ। ତାଙ୍କୁ ଘର ବାହାରକୁ ଡାକି ମଦ ପିଇବାକୁ ବିପିନଙ୍କୁ ୫୦୦ ଟଙ୍କା ମାଗିଥିଲେ। କିନ୍ତୁ ବିପିନ୍ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କ ସହ ପାଟିତୁଣ୍ଡ କରିଥିଲେ। କଥା ବଢ଼ିବାରୁ ଦୁର୍ବୃତ୍ତମାନେ ଉତ୍କ୍ଷିପ୍ତ ହୋଇ ବିପିନଙ୍କୁ ବିଧା ଗୋଇଠା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବିପିନଙ୍କ ମୃତ୍ୟୁ ହୋଇଯାଇଥିଲା। ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ସେମାନଙ୍କ ପରିଚୟ ଜଣାପଡ଼ିନାହିଁ। ରାତି ହୋଇଥିବାରୁ ସ୍ଥାନୀୟଲୋକ ମଧ୍ୟ ସେମାନଙ୍କ ବିଷୟରେ କେହି କିଛି କହିପାରୁ ନାହାନ୍ତି। ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

ସ୍କୁଲ କୋଠରି ନିର୍ମାଣ ଅର୍ଥ ଆତ୍ମସାତ ଘଟଣା

## ତତ୍କାଳୀନ ପ୍ରଧାନ ଶିକ୍ଷକ ଓ ଭିଇସି ଅଧ୍ୟକ୍ଷଙ୍କୁ ୩ ବର୍ଷ ଜେଲ୍

■ ବାଲେଶ୍ୱର, ୨୧।୨ (ସମିସ): ସ୍କୁଲ ଶ୍ରେଣୀ କୋଠରି ନିର୍ମାଣ ଅର୍ଥ ଆତ୍ମସାତ୍ ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଆଜି ବାଲେଶ୍ୱର ଜିଲ୍ଲା ସଦର ବ୍ଲକ୍ ରସାଳପୁର ଅଚ୍ୟୁତାନନ୍ଦ ନୋଡାଲ ୟୁ ପି ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦାସ ଓ ଭିଲେଜ ଏଡୁକେସନ୍ କମିଟି ଅଧ୍ୟକ୍ଷ ଗୋବିନ୍ଦ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ ଜଣଙ୍କ ସାକ୍ଷ୍ୟ ଏବଂ ୫୦ଟି ଦଲିଲକୁ ବିଚାରକୁ ନେଇ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ନ୍ୟାୟାଧୀଶ ଲଳିତ କୁମାର ଦାଶ ଉଭୟଙ୍କୁ ୩ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦୀର୍ଘ ୧୨ ବର୍ଷ ପରେ ଏହି ମାମଲାର ରାୟ ପ୍ରକାଶ ପାଇଛି।

ସଦର ବ୍ଲକ ରସାଳପୁର ଅଚ୍ୟୁତାନନ୍ଦ ନୋଡାଲ ୟୁ.ପି. ସ୍କୁଲରେ ପର୍ଯ୍ୟାପ୍ତ ଶ୍ରେଣୀ କୋଠରି ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଥିଲା। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ସ୍କୁଲର ସମସ୍ୟାର ଅନୁଧ୍ୟାନ କରିଥିଲା ଜିଲ୍ଲା ପ୍ରଶାସନ। ୨୦୧୦-୧୧ ମସିହାରେ ସର୍ବଶିକ୍ଷା ଅଭିଯାନ ଅଧୀନରୁ ଏହି ସ୍କୁଲ ପାଇଁ ୨ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଉକ୍ତ ଟଙ୍କା ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସ୍କୁଲର ଭିଇସି ଅଧ୍ୟକ୍ଷଙ୍କ ଯୁଗ୍ମ ବ୍ୟାଙ୍କ ଖାତାକୁ ଆସିଥିଲା। ହେଲେ ଗାଁରେ ସ୍କୁଲ ପାଇଁ ଆସିଥିବା ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ସ୍ୱପ୍ନ ପୂରଣ ହୋଇ ନ ଥିଲା। ସରକାରୀ ଅର୍ଥ ମଞ୍ଜୁର ହେବା ସତ୍ତ୍ୱେ ନିର୍ମାଣ କାମ ଆରମ୍ଭ ହେଉନଥିବାରୁ ସନ୍ଦେହ ହୋଇଥିଲା। ପରେ ଏନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ପରେ ଏହି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଦାସ ଏବଂ ସ୍କୁଲର ଭିଇସି ଅଧ୍ୟକ୍ଷ ଥିବା ଗୋବିନ୍ଦ ବେହେରା ଦୁହେଁ ସ୍କୁଲ ପରିଚାଳନା ସମିତିକୁ ଅବଗତ ନ କରି ଯୁଗ୍ମଭାବେ ଉକ୍ତ ଅର୍ଥ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇ ନେଇଥିଲେ। କିନ୍ତୁ ନିର୍ମାଣ କାମ ଆରମ୍ଭ ହେଉନଥିଲା ଓ କୌଣସି ବ୍ୟୟ ହିସାବ ଦାଖଲ ହୋଇ ନଥିଲା। ଗ୍ରାମବାସୀ ଏବଂ ଅଭିଭାବକଙ୍କ ମଧ୍ୟରେ ଏ ନେଇ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପରେ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରେ ଅର୍ଥ ଆତ୍ମସାତ ହୋଇଥିବା ପ୍ରମାଣ ମିଳିବା ପରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଥିଲା। ପରେ ଚାର୍ଜସିଟ୍ ଦାଖଲ ହୋଇ ମାମଲାଟି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାର ହୋଇଥିଲା।

## ୩୭ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ

■ ଭୁବନେଶ୍ୱର, ୨୧।୨ (ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ କମିଶନରେଟ୍ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ଝାଡେଶ୍ୱରର ସମୀର ଖାନ ଓରଫ ମୁନା ଓରଫ ମୋହନ(୪୪), ରାଜପୁର ବସ୍ତିର ସେକ୍ ଇର୍ସାଦ୍ ମହମ୍ମଦ ଓରଫ ସୂର୍ଯ୍ୟ (୨୩), ମୁନାଫ୍ ଖାନ ଓରଫ ମୋନା (୨୨)। ଅଭିଯୁକ୍ତମାନଙ୍କଠାରୁ ୩୭୦ ଗ୍ରାମର ବ୍ରାଉନସୁଗର, ୨ଟି ବାଇକ, ୪ଟି ମୋବାଇଲ, ୧୬୫୦ ଟଙ୍କା ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗର ମୂଲ୍ୟ ୩୭ ଲକ୍ଷ ଟଙ୍କା ହେବ ବୋଲି ପୁଲସ ପକ୍ଷରୁ ସୂଚନା ଦିଆଯାଇଛି।

ଶନିବାର ପୁଲିସ ସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତମାନେ ଦୁଇଟି ବାଇକରେ ବ୍ରାଉନସୁଗର ଧରି ଜଳେଶ୍ୱରରୁ ଭୁବନେଶ୍ୱର ଆସିଥିଲେ। କିଛି ନିର୍ଦ୍ଦିଷ୍ଟ ଯୁବକଙ୍କୁ ବ୍ରାଉନସୁଗର ଦେବା ପାଇଁ ଯୋଜନା କରିଥିଲେ। ହେଲେ ପୁଲିସର ଚଢ଼ଉ ପରେ ବିକ୍ରି ଯୋଜନା ବିଫଳ ହୋଇଛି। କମିଶନରେଟ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ହାତରେ ଧରାପଡ଼ିଛନ୍ତି। ଏନେଇ ଏସସିୟୁ ଟିମ୍ ସୂଚନା ପାଇ ବେପାରୀମାନଙ୍କୁ ଧରିବାକୁ ପୂର୍ବପ୍ରସ୍ତୁତି କରିଥିଲା। ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ଦୂରଦର୍ଶନ କେନ୍ଦ୍ର ନିକଟରେ ଚଢ଼ଉ ବେଳେ ୩ ଅଭିଯୁକ୍ତ ପୁଲିସ ହାତରେ ଧରାପଡ଼ିଯାଇଥିଲେ।

ପଶ୍ଚିମବଙ୍ଗରୁ ଆଣି ଭୁବନେଶ୍ୱରରେ ବିକ୍ରି ଯୋଜନା

ପୁଲିସ ପଞ୍ଝାରେ ୩ ବେପାରୀ

ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି ଯେ ଏମାନେ ପଶ୍ଚିମବଙ୍ଗରୁ ବ୍ରାଉନସୁଗର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ। ଗତ ନଭେମ୍ବର ୧୬ ▶ପୃଷ୍ଠା-୭

ମଦ ପିଇବାକୁ ସରକାରଙ୍କ ନୂଆ ପ୍ରୋତ୍ସାହନ!

# ଏଣିକି କାଗଜ ପ୍ୟାକେଟ୍‌ରେ ମିଳିବ ମଦ

ବିଧାନସଭାରେ ସୂଚନା ଦେଲେ ମନ୍ତ୍ରୀ, ସମାଲୋଚନା କଲେ ସମାଜସେବୀ

ଆସନ୍ତା ଆର୍ଥିକ ବର୍ଷରେ ଅବକାରୀରୁ ଅଧିକ ୧୧୪୬ କୋଟି ରାଜସ୍ୱ ଆଦାୟ ଲକ୍ଷ୍ୟ

■ ଭୁବନେଶ୍ୱର, ୨୧।୨ (ସମିସ): କ୍ଷୀର, ଦହି, ବିଭିନ୍ନ ପ୍ରକାରର ଜୁସ୍ ଟେଟ୍ରା ପ୍ୟାକ୍(କାଗଜ ପ୍ୟାକେଟ)ରେ ଉପଲବ୍ଧ ହେଉଥିବା ବେଳେ ଏଣିକି ରାଜ୍ୟରେ ମଦ ମଧ୍ୟ ଟେଟ୍ରା ପ୍ୟାକ୍‌ରେ ଉପଲବ୍ଧ ହେବ। ରାଜ୍ୟ ଅବକାରୀ ନୀତିରେ ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ପ୍ରଦାନ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ଏକ ଅଣତାରକା ପ୍ରଶ୍ନରେ ଲିଖିତ ଉତ୍ତର ରଖିଛନ୍ତି। ମନ୍ତ୍ରୀଙ୍କ ଏପରି ଉତ୍ତରକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଥିବା ବେଳେ ଏହା ରାଜ୍ୟରେ ମଦ ବିକ୍ରିକୁ ପ୍ରୋତ୍ସାହିତ କରିବ ବୋଲି ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି।

ଶନିବାର ବିଧାନସଭାରେ ବିଧାୟକ ସନାତନ ମହାକୁଡ଼ କାଚ ବୋତଲ ପରିବର୍ତ୍ତେ ପ୍ଲାଷ୍ଟିକ କିମ୍ବା ଅନ୍ୟ କୌଣସି ବୋତଲ ବ୍ୟବହାର ଉପରେ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଅବକାରୀ ନୀତିରେ କାଚ ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ଦେଇଛନ୍ତି, ଯାହା ପରିବେଶ ସୁରକ୍ଷା ପାଇଁ ଅନୁକୂଳ ଅଟେ।

ମନ୍ତ୍ରୀଙ୍କ ଉପରୋକ୍ତ ଉତ୍ତରକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଛି। ବୁଦ୍ଧିଜୀବୀ ମହଲର ଅଭିଯୋଗ ଅନୁଯାୟୀ ସରକାର ରାଜ୍ୟରେ ଲୋକଙ୍କୁ ମଦ ପିଇବାକୁ ପ୍ରୋତ୍ସାହିତ କରିବା ଉଦ୍ୟମରେ ଥିବା ଜଣାପଡୁଛି। କାଗଜ ପ୍ୟାକେଟରେ ମଦ ଉପଲବ୍ଧ ହେଲେ ଏହା ସହଜରେ ଗ୍ରାମାଞ୍ଚଳରେ ଗଳିକନ୍ଦିରେ ଉପଲବ୍ଧ ହେବ। କାଚ ବୋତଲରେ ମଦ ଥିବାବେଳେ ଏହା ଭାଙ୍ଗିଯିବାର ଆଶଙ୍କା ରହୁଥିବା ବେଳେ କାଗଜ ପ୍ୟାକେଟରେ ସେପରି ଆଶଙ୍କା ରହିବ ନାହିଁ। ଏହାସହ କାଗଜ ପ୍ୟାକେଟ ମଦକୁ ମହଜୁଦ୍ କରି ରଖିବାରେ ବିଶେଷ ଅସୁବିଧା ହେବ ନାହିଁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାର ଅବକାରୀ ରାଜସ୍ୱ ଉପରେ ମାତ୍ରାଧିକ ନିର୍ଭରଶୀଳତାକୁ ନେଇ ମଧ୍ୟ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅବକାରୀ ରାଜସ୍ୱ ବାବଦରେ ୧୦୯୦୦ କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦରେ ୯୭୫୩.୬୩ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖିଥିଲେ। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଅବକାରୀ ରାଜସ୍ୱ ବାବଦରେ ସରକାର ଅଧିକ ୧୧୪୬ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିବା, ସରକାରଙ୍କ ମନୋବୃତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପଟେ ସରକାର ରାଜ୍ୟରେ ନୂଆ ମଦ ଦୋକାନ ▶ପୃଷ୍ଠା-୭

# ଲସ୍କର ଟାର୍ଗେଟରେ ଲାଲକିଲ୍ଲା, ଚାନ୍ଦିନୀଚୌକ

ନୂଆଦିଲ୍ଲୀ, ୨୧।୨(ଏଜେନ୍ସି): ପାକିସ୍ତାନର ଜଣାଶୁଣା ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋହିବା (ଏଲ୍ଇଟି) ଭାରତର କିଛି ଧାର୍ମିକ ସ୍ଥଳ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଥିବା ନେଇ ଗୁଇନ୍ଦା ସୂଚନା ମିଳିଛି। ଏହି ସୂଚନା ମିଳିବା ପରେ ରାଜଧାନୀର ପ୍ରମୁଖ ଐତିହାସିକ ଓ ଧାର୍ମିକ ସ୍ଥଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ବିଶେଷ କରି ଐତିହାସିକ ଲାଲ୍କିଲ୍ଲା ଓ ଚାନ୍ଦିନୀଚୌକ ଅଞ୍ଚଳରେ ଥିବା ପ୍ରମୁଖ ମନ୍ଦିର ଓ ଧାର୍ମିକ ସ୍ଥଳଗୁଡ଼ିକୁ ଆତଙ୍କବାଦୀମାନେ ଟାର୍ଗେଟ କରାଯାଉଥିବା ସୂଚନା ମିଳିଛି। ସୂତ୍ର ଅନୁସାରେ, ପାକିସ୍ତାନ ରାଜଧାନୀ ଇସ୍ଲାମାବାଦ୍ରେ ଗତ ଫେବୃଆରୀ ୬ରେ ଏକ ମସଜିଦ୍ରେ ହୋଇଥିବା ବିସ୍ଫୋରଣର ପ୍ରତିଶୋଧ ନେବା ପାଇଁ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ଭାରତରେ ଆଇଇଡ଼ି ବିସ୍ଫୋରଣ ଘଟାଇବାକୁ ଯୋଜନା କରୁଛି। କେବଳ ଦିଲ୍ଲୀ ନୁହେଁ, ବରଂ ଦେଶର ଅନ୍ୟାନ୍ୟ ପ୍ରମୁଖ ମନ୍ଦିରଗୁଡ଼ିକ ମଧ୍ୟ ସେମାନଙ୍କ ହିଟ୍ ଲିଷ୍ଟରେ ରହିଛି। ଶନିବାର ସକାଳୁ ଦିଲ୍ଲୀ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସି ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି। ଲାଲ୍କିଲ୍ଲା ମେଟ୍ରୋ ଷ୍ଟେସନ ଓ ଗେଟ୍ ନଂ ୧ ନିକଟରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ସାରା ସହରରେ ସିସିଟିଭି କ୍ୟାମେରା ଜରିଆରେ ନଜର ରଖାଯାଇଛି। ସନ୍ଦିଗ୍ଧ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯିବା ସହ ବୋମା ନିଷ୍କ୍ରିୟକାରୀ ଦଳ (ବମ୍ ସ୍କ୍ୱାଡ଼) ଓ ଡଗ୍ ସ୍କ୍ୱାଡ଼କୁ ଆଲର୍ଟରେ ରଖାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ମହିଳା କନେଷ୍ଟବଳ ଓ କୁଇକ୍ ରେସପନ୍ସ ଟିମ (କ୍ୟୁଆରଟି) ମୁତୟନ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୧୦ରେ ଲାଲକିଲ୍ଲା ନିକଟରେ ଏକ ଭୟଙ୍କର କାର୍ ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ପ୍ରାୟ ୧୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଥିଲେ। ସେହି ଘଟଣାକୁ ଦୃଷ୍ଟିରେ ରଖି ପ୍ରଶାସନ ଏଥର କୌଣସି ପ୍ରକାର କୋହଳ ମନୋଭାବ ପୋଷଣ କରୁନାହିଁ। କୌଣସି ଅଜଣା ବସ୍ତୁ ବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଜନସାଧାରଣଙ୍କୁ କୁହାଯାଇଛି। ଭୟଭୀତ ନ ହୋଇ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

**ଦିଲ୍ଲୀର ଧାର୍ମିକ ଓ ଐତିହାସିକ ସ୍ଥଳରେ ହାଇ ଆଲର୍ଟ**



## ପଞ୍ଜାବ, କଶ୍ମୀରରୁ ବିସ୍ଫୋରକ ଜବତ

ନୂଆଦିଲ୍ଲୀ, ୨୧।୨(ଏଜେନ୍ସି): ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ନେଇ ହାଇ-ଆଲର୍ଟ ଜାରି ହେବା ପରେ ପଞ୍ଜାବର ଅମୃତସର ଓ ଜମ୍ମୁ-କଶ୍ମୀରର ଗାନ୍ଦରବଲରୁ ଆଇଇଡ଼ି ଉଦ୍ଧାର କରାଯାଇଛି। ଯଦିଓ ପୁଲିସ ଏହି ଘଟଣାକୁ ଦିଲ୍ଲୀ ପ୍ଲଟ ସହ ସିଧାସଳଖ ଯୋଡ଼ି ନାହିଁ, ତଥାପି ଏହାର ସମୟ ତଥା ସଂଯୋଗକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅମୃତସରର ରାୟା ପୁଲିସ ପୋଷ୍ଟ ନିକଟରେ ଏକ ସନ୍ଦିଗ୍ଧ ବ୍ୟାଗରୁ ଆଇଇଡ଼ି ମିଳିଥିଲା। ବୋମା ନିଷ୍କ୍ରିୟକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଏହାକୁ ସଫଳତାର ସହ ନିଷ୍କ୍ରିୟ କରିଥିଲେ। ସେହିପରି କଶ୍ମୀର ଗାନ୍ଦରବଲ ଜିଲ୍ଲାରେ ସାଫାପୋରା ଅଞ୍ଚଳରେ ଆଉ ଏକ ଆଇଇଡ଼ି ଉଦ୍ଧାର କରାଯାଇଛି। ସେନା ଓ ଜମ୍ମୁ-କଶ୍ମୀର ପୁଲିସର ବୋମା ନିଷ୍କ୍ରିୟକାରୀ ଦଳ (ବିଡିଏସ୍) ଏହାକୁ ଖୋଜି ବାହର କରିଥିଲେ। ଗତ ଏକ ସପ୍ତାହ ମଧ୍ୟରେ ଉତ୍ତର କଶ୍ମୀରରେ ଏହା ତୃତୀୟ ଆଇଇଡ଼ି ଜବତ ଘଟଣା। ଗୁଇନ୍ଦା ସୂଚନା ଅନୁସାରେ, ଇସଲାମାବାଦ୍ରେ ଏକ ମସଜିଦ ବିସ୍ଫୋରଣର ପ୍ରତିଶୋଧ ନେବା ପାଇଁ ଲସ୍କର ଭାରତରେ ଆକ୍ରମଣ କରିବାକୁ ଯୋଜନା କରୁଛି। ତେଣୁ ଏହି ଦୃଷ୍ଟିକୋଣରୁ ଆଇଇଡ଼ି ଉଦ୍ଧାର ହେବା ଘଟଣାକୁ ପୁଲିସ ଓ ଏଜେନ୍ସିଗୁଡ଼ିକ ବେଶ୍ ଗମ୍ଭୀରତାର ସହ ଗ୍ରହଣ କରିଛି।

## ମହାରାଷ୍ଟ୍ର କୋର୍ଟରେ ହାଜର ହେଲେ ରାହୁଲ

ଭିୱାଣ୍ଡି(ଥାନେ), ୨୧।୨(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ମହାରାଷ୍ଟ୍ରର ଭୱାଣ୍ଡି ମାଜିଷ୍ଟ୍ରେଟ୍ କୋର୍ଟରେ ହାଜର ହୋଇଛନ୍ତି। ୨୦୨୪ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍)ର କର୍ମୀଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ମାନହାନୀ ମାମଲାରେ ସେ ଜଣେ ନୂତନ ଜାମିନଦାର ପ୍ରଦାନ କରିବା ପାଇଁ କୋର୍ଟରେ ପହଞ୍ଚିଥିଲେ। ମହାରାଷ୍ଟ୍ର କଂଗ୍ରେସ ସଭାପତି ହର୍ଷବର୍ଦ୍ଧନ ସାପକାଲଙ୍କୁ ରାହୁଲ ନିଜର ନୂତନ ଜାମିନଦାର ଭାବେ ନାମିତ କରିଛନ୍ତି। ଏହି ମାମଲାରେ ରାହୁଲଙ୍କ ପୂର୍ବତନ ଜାମିନଦାର ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶିବରାଜ ପାଟିଲ ଚାକୁରକରଙ୍କର ଗତ ଡିସେମ୍ବର ମାସରେ ଦେହାନ୍ତ ହୋଇଥିଲା। ଏହି କାରଣରୁ ରାହୁଲଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ନୂଆ ଜାମିନ ବଣ୍ଡରେ ସ୍ୱାକ୍ଷର କରିବାକୁ ପଡ଼ିଥିଲା। ଭିୱାଣ୍ଡି ଯିବା ବାଟରେ ବିଜେପି କର୍ମୀମାନେ ରାହୁଲଙ୍କୁ କଳା ପତାକା ଦେଖାଇ ବିରୋଧ ପ୍ରଦର୍ଶନ କରିଥିଲେ। ଆରଏସ୍ଏସ୍ କର୍ମୀ ରାଜେଶ କୁଣ୍ଟେ ୨୦୧୪ରେ ଏହି ମାମଲା ଦାୟର କରିଥିଲେ। ଅଭିଯୋଗ ଅନୁସାରେ, ୨୦୧୪ ଲୋକସଭା ନିର୍ବାଚନ ସମୟରେ ଏକ ସଭାରେ ରାହୁଲ କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ପଛରେ ଆରଏସ୍ଏସ୍ର ହାତଥିଲା। ଏହି ମନ୍ତବ୍ୟ ଦ୍ୱାରା ସଂଗଠନର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇଥିବା କୁଣ୍ଟେ ଦାବି କରିଥିଲେ। ରାହୁଲଙ୍କ ଓକିଲ ନାରାୟଣ ଆୟର କହିଛନ୍ତି ଯେ କୋର୍ଟର ସମସ୍ତ ଆନୁଷ୍ଠାନିକ କାର୍ଯ୍ୟ ଶେଷ ହୋଇଛି। ରାହୁଲଙ୍କୁ ଭବିଷ୍ୟତ ଶୁଣାଣି ପାଇଁ ବ୍ୟକ୍ତିଗତ ହାଜିରାରୁ ସ୍ଥାୟୀ ଛାଡ଼ ମିଳିଛି। ଉପଯୁକ୍ତ ସମୟରେ ପ୍ରତିରକ୍ଷା ପକ୍ଷରୁ ସାକ୍ଷୀ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ବସ୍-ଭ୍ୟାନ୍ ମୁହାଁମୁହିଁ ଧକ୍କା; ୫ ମୃତ, ୬ ଗୁରୁତର

ଭିଣ୍ଡ, ୨୧।୨(ଏଜେନ୍ସି): ମଧ୍ୟପ୍ରଦେଶର ଭିଣ୍ଡରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଗୋହଦ ଚୌରାହା ଥାନା ଅନ୍ତର୍ଗତ ଛିମକା ଗାଁ ନିକଟସ୍ଥ ଜାତୀୟ ରାଜପଥ-୭୧୯ରେ ଏକ ବସ୍ ଓ ଇକୋ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୫ ଜଣ ମୃତ୍ୟୁବରଣ କରିଛନ୍ତି ଓ ୬ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଧକ୍କା ଏତେ ଜବରଦସ୍ତ ଥିଲା ଯେ ଭ୍ୟାନ୍ଟି ସମ୍ପୂର୍ଣ୍ଣ ଭାବେ ଚେପା ହୋଇଯାଇଥିଲା ଓ ଯାତ୍ରୀମାନେ ତା' ଭିତରରେ ଫସି ରହିଥିଲେ। ରାତି ପ୍ରାୟ ସାଢ଼େ ୨ଟା ସମୟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ଇକୋ ଭ୍ୟାନ୍ଟି ଗ୍ୱାଲିୟରରୁ ଯାତ୍ରୀଙ୍କୁ ଧରି ଭିଣ୍ଡ ଅଭିମୁଖେ ଯାଉଥିବା ବେଳେ ବସ୍ଟି ଭିଣ୍ଡରୁ ଗ୍ୱାଲିୟର ଆଡ଼କୁ ଆସୁଥିଲା। ଏକ ବୁଲାଣିରେ ହିଁ ଦୁଇ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ଜଣକୁ ଡାକ୍ତରଖାନା ନେବା ବାଟରେ ହିଁ ପ୍ରାଣ ହରାଇଥିଲେ। ସମସ୍ତ ମୃତକଙ୍କୁ ଚିହ୍ନଟ କରାଯାଇଛି। ଗୁରୁତର ଆହତମାନଙ୍କୁ ଗ୍ୱାଲିୟରର ଜୟାରୋଗ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁଇଟି ଗାଡ଼ି ଦ୍ରୁତଗତିରେ ଆସୁଥିଲେ ଓ ଏକ ଅନ୍ଧ ବୁଲାଣିରେ ପରସ୍ପରକୁ ଧକ୍କା ଦେଇଥିଲେ ବୋଲି ପୁଲିସ ତରଫରୁ କୁହାଯାଉଛି।

## ଛାଡ଼ପତ୍ର ପାଇଁ ସ୍ୱାମୀର ଗୁଳିମାଡ଼ରେ ପତ୍ନୀ ମୃତ

ଫରିଦାବାଦ୍, ୨୧।୨(ଏଜେନ୍ସି): ହରିୟାଣାର ଫରିଦାବାଦ୍ରେ ଏକ ଅଭାବନୀୟ ଘଟିଛି। ଜ ।।ଣେ ବ୍ୟକ୍ତି ନିଜ ପତ୍ନୀଙ୍କୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ବସନ୍ତପୁର ଗ୍ରାମରେ ସନଲାଇଟ୍ କଲୋନୀରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ସ୍ୱାମୀ ନିଜ ପରିବାରର କିଛି ସଦସ୍ୟଙ୍କ ସହ ପତ୍ନୀଙ୍କ ଘରକୁ ଆସିଥିଲା। ପତ୍ନୀ ସଙ୍ଗୀତା ଦେବୀ (୩୦) ବାହାରୁ ଫେରୁଥିବା ବେଳେ ରାସ୍ତାରେ ତାଙ୍କୁ ଅଟକାଇ ଯୁକ୍ତିତର୍କ କରିଥିଲା। ଏହି ଝଗଡ଼ା ବଢ଼ିବା ପରେ ସ୍ୱାମୀ ତାଙ୍କ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳିମାଡ଼ ଶବ୍ଦ ଶୁଣି ପଡୋଶୀମାନେ ବାହାରକୁ ଆସିବା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସଙ୍ଗୀତାଙ୍କ ବାପାମା ଓ ପଡୋଶୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ସେକ୍ଟର ୩୧ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଅଭିଯୁକ୍ତକୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ପ୍ରାଥମିକ ତଦନ୍ତରୁ ଛାଡ଼ପତ୍ର ବିବାଦ ହିଁ ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ସଙ୍ଗୀତା ଦେବୀ ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ କୋର୍ଟରେ ଛାଡ଼ପତ୍ର ମାମଲା ଚାଲିଥିଲା। ସେ ନିଜର ସନ୍ତାନଙ୍କ ସହ ସ୍ୱାମୀଠାରୁ ଅଲଗା ରହୁଥିଲେ। ପୂର୍ବରୁ ମଧ୍ୟ ସେମାନଙ୍କ ମଧ୍ୟରେ ବିବାଦ ରହିଥିଲା।

## ମାର୍ଚ୍ଚ-ଏପ୍ରିଲରେ ଚୀନ୍ ଗସ୍ତ କରିବେ ଟ୍ରମ୍ପ

ବେଜିଂ/ୱାଶିଂଟନ, ୨୧।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ମାର୍ଚ୍ଚ ୩୧ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଚୀନ୍ ଗସ୍ତ କରିବେ। ଏ ସଂକ୍ରାନ୍ତରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ନିଶ୍ଚିତ କରାଯାଇଛି। ବିଶ୍ୱ ବ୍ୟବସ୍ଥାରେ ବଡ଼ ଧରଣର ପରିବର୍ତ୍ତନ ହେଉଥିବା ବେଳେ ଚୀନ୍ ଏହି ଗସ୍ତକୁ ନିଜର ଏକ ବଡ଼ ବିଜୟ ଭାବେ ଦେଖୁଛି। ଟ୍ରମ୍ପଙ୍କ ଅସ୍ଥିର ବୈଦେଶିକ ନୀତି ଯୋଗୁଁ ବିଶ୍ୱର ଅନେକ ପ୍ରମୁଖ ନେତା ଚୀନ୍ ସହ ସମ୍ପର୍କ ବଢ଼ାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ କେର୍ ଷ୍ଟାରମର ଓ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ଭଳି ନେତାମାନେ ନିକଟରେ ଚୀନ୍ ଗସ୍ତ କରିଛନ୍ତି। ଗ୍ରୀନ୍ଲ୍ୟାଣ୍ଡକୁ କିଣିବା ପାଇଁ ଟ୍ରମ୍ପଙ୍କ ଜିଦ୍, ୟୁରୋପୀୟ ସଂଘ ଉପରେ ଶୁଳ୍କ ଲଗାଇବା ଓ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ପାଇଁ ଚାପ ପକାଇବା ଯୋଗୁଁ ଆମେରିକାର ପାରମ୍ପରିକ ମିତ୍ର ରାଷ୍ଟ୍ରଗୁଡ଼ିକ ଚୀନ୍ ଆଡ଼କୁ ଢଳୁଥିବାର ଦେଖାଯାଇଛି। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଚୀନ୍ ନିର୍ମିତ ଇଲେକଟ୍ରିକ ଗାଡ଼ି ଉପରୁ ଶୁଳ୍କ କୋହଳ କରିବା ସହ କୃଷିଜାତ ଦ୍ରବ୍ୟର ରପ୍ତାନି ପାଇଁ ବୁଝାମଣା କରିଛନ୍ତି। ଚୀନ୍ ସହ ସମ୍ପର୍କରେ ସ୍ଥିରତା ଆଣିବାକୁ ପ୍ରୟାସ କରିବା ହେଉଛି ଟ୍ରମ୍ପଙ୍କର ଏହି ଗସ୍ତର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି।

# ଆମେରିକା-ଇରାନ୍ ଯୁଦ୍ଧ ନିଶ୍ଚିତ: ଇସ୍ରାଏଲ

ନୂଆଦିଲ୍ଲୀ/ ତେଲ୍ ଅଭିଭ୍/ ୱାଶିଂଟନ, ୨୧।୨ (ଏଜେନ୍ସି): ଇରାନର ପରମାଣୁ କାର୍ଯ୍ୟକ୍ରମ ନେଇ ୱାଶିଂଟନ ଓ ତେହେରାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। କୂଟନୈତିକ ସମାଧାନ ଆଶା ମଉଳି ଯାଇଥିବା ବେଳେ ଆମେରିକା ଓ ଇରାନ୍ ମଧ୍ୟରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କା ଦେଖାଦେଇଛି ବୋଲି ଇସ୍ରାଏଲ୍ ଓ ଉପସାଗରୀୟ ଦେଶର କୂଟନୀତିଜ୍ଞମାନେ ପ୍ରକାଶ କରିଛନ୍ତି। ଦୁଇ ଦେଶ ମଧ୍ୟରେ ମତଭେଦ ଦୂର କରିବା ଓ ସମାଧାନ ଅସମ୍ଭବ। ଏଣୁ ଇସ୍ରାଏଲ ଏବେ ଆମେରିକା ସହ ମିଶି ଇରାନ ବିରୋଧରେ ସମ୍ଭାବ୍ୟ ଯୌଥ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଇତିମଧ୍ୟରେ ୨୦୦୩ ଇରାକ ଯୁଦ୍ଧ ପରେ ମଧ୍ୟ-ପ୍ରାଚ୍ୟରେ ଆମେରିକା ନିଜର ସବୁଠାରୁ ବଡ଼ ସାମରିକ ଉପସ୍ଥିତି ଜାହିର କରିଛି। ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ବୈଠକ ମଧ୍ୟ ବିଫଳ ହୋଇଛି। ତେଣୁ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି ବୋଲି ଇସ୍ରାଏଲ କହିଛି। ଟ୍ରମ୍ପଙ୍କ ପାଖରେ ଇରାନର ନେତୃତ୍ୱ ପରିବର୍ତ୍ତନ କରିବାର ବିକଳ୍ପ ମଧ୍ୟ ରଖାଯାଇଛି। ତେଣୁ ଏହି ସମସ୍ୟା ଉପରେ ଏବେ ସାରା ବିଶ୍ୱର ନଜର ରହିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇରାନ ବିରୋଧରେ ଏକ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ବିକଳ୍ପ ପ୍ରଦାନ କରାଯାଇଛି। ଏଥିରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ ଓ ତାଙ୍କ ଉତ୍ତରାଧିକାରୀ ଭାବେ ବିବେଚିତ ହେଉଥିବା ତାଙ୍କ ପୁଅ ମୋଜତାବା ଖାମ୍ନେଇଙ୍କୁ ହତ୍ୟା କରିବା ଓ ଏଥିପାଇଁ ଲକ୍ଷ୍ୟ ବା ଟାର୍ଗେଟ କରି ଆକ୍ରମଣ କରିବାର ଯୋଜନା ସାମିଲ ରହିଛି ବୋଲି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ପ୍ରତ୍ୟେକ ପରିସ୍ଥିତି ପାଇଁ ଟ୍ରମ୍ପଙ୍କ ସମ୍ମୁଖରେ ରଣନୀତି ରଖିଛି। ଜଣେ ବିରିଷ୍ଠ ପରାମର୍ଶଦାତାଙ୍କ ଅନୁସାରେ, ଏହି ଯୋଜନାରେ ଆୟୋତୋଲ୍ଲା, ତାଙ୍କ ପୁଅ ଏବଂ ମୁଲ୍ଲାମାନଙ୍କୁ ଶେଷ କରିବାର ବିକଳ୍ପ ରହିଛି। ତେବେ ଟ୍ରମ୍ପ ଏ ସଂକ୍ରାନ୍ତରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାନ୍ତି। ସେ କୌଣସି ମୁହୂର୍ତ୍ତରେ ବି ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି କିମ୍ବା ଆଦୌ ନ ଦେଇ ପାରନ୍ତି। ଏହି ସମ୍ବେଦନଶୀଳ ମାମଲାରେ ହ୍ୱାଇଟ୍ ହାଉସ୍ ମୁଖପାତ୍ର ଆନା କେଲି କୌଣସି ନିର୍ଦ୍ଦିଷ୍ଟ ସାମରିକ ଯୋଜନା ଉପରେ ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

ପୂର୍ବରୁ ୨୦୦୩ ଇରାକ ଯୁଦ୍ଧ ପରେ ଆମେରିକା ମଧ୍ୟ-ପ୍ରାଚ୍ୟରେ ସର୍ବବୃହତ ବାୟୁସେନା ମୁତୟନ କରିଛି। ଏଥିରେ ଏଫ୍-୩୫, ଏଫ୍-୨୨ ଓ ଏଫ୍-୧୫ ଭଳି ଅତ୍ୟାଧୁନିକ ଯୁଦ୍ଧବିମାନ ସାମିଲ ରହିଛି। ସମୁଦ୍ରରେ ୧୩ଟି ଯୁଦ୍ଧ ଜାହାଜ ସହ 'ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ' ଓ 'ୟୁଏସ୍ଏସ୍ ଜେରାଲ୍ଡ ଆର ଫୋର୍ଡ' ବିମାନବାହୀ ଜାହାଜ ପ୍ରସ୍ତୁତ କରିଛନ୍ତି। ଗୁରୁବରା ଟ୍ରମ୍ପ ଇରାନ୍କୁ ଚେତାବନୀ ଦେଇ କହିଥିଲେ ଯେ ଯଦି ଇରାନ ପ୍ରସ୍ତାବିତ ପରମାଣୁ ଚୁକ୍ତିରେ ରାଜି ନହୁଏ, ତେବେ ପରିଣାମ ଭୟଙ୍କର ହେବ। ଯଦି ଆମେରିକା ସିଧାସଳଖ ଇରାନର ଶୀର୍ଷ ନେତୃତ୍ୱଙ୍କୁ ଟାର୍ଗେଟ କରେ, ତେବେ ମଧ୍ୟ ପ୍ରାଚ୍ୟରେ ଏକ ଭୟଙ୍କର ଯୁଦ୍ଧ ରୂପ ନେଇପାରେ ଓ ଅନ୍ତର୍ଜାତୀୟ ସ୍ଥିରତା ଉପରେ ନକାରାତ୍ମକ ପ୍ରଭାବ ପକାଇବ।



**ଖାମନେଇ, ତାଙ୍କ ପୁଅଙ୍କୁ ହତ୍ୟା କରିପାରନ୍ତି ଟ୍ରମ୍ପ**

# ସୁନ୍ଦରୀ ମହିଳାଙ୍କୁ ଅସ୍ତ୍ର କରିଛି ଜୈସ୍

ନୂଆଦିଲ୍ଲୀ, ୨୧।୨(ଏଜେନ୍ସି): ପାକିସ୍ତାନର ଜଣାଶୁଣା ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ୍) ବିଶ୍ୱବ୍ୟାପୀ ଭାରତୀୟଙ୍କ ମାଲିକାନାରେ ଥିବା ନାଇଟ୍ କ୍ଲବ, ବାର୍ ଓ ପବ୍ଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଏକ ବଡ଼ ଯୋଜନା କରୁଥିବା ଗୁଇନ୍ଦା ଏଜେନ୍ସି ପକ୍ଷରୁ ସୂଚନା ମିଳିଛି। ଏହି ଅପରେସନ ପାଇଁ ସଂଗଠନ ନିଜର ମହିଳା ୱିଙ୍ଗ୍କୁ ବ୍ୟବହାର କରୁଛି। ଜୈଶ ପକ୍ଷରୁ ସୁନ୍ଦରୀ ଯୁବତୀମାନଙ୍କୁ ନିଯୁକ୍ତି ଦିଆଯାଇ ସେମାନଙ୍କୁ ଭାରତୀୟ ମାଲିକାନାରେ ଥିବା ବାର୍ ଓ ପବ୍ଗୁଡ଼ିକରେ କାମରେ ଲଗାଯାଉଛି। ସେମାନଙ୍କୁ ଏହି ସ୍ଥାନଗୁଡ଼ିକର ସମସ୍ତ ଗୁପ୍ତ ସୂଚନା ସଂଗ୍ରହ କରିବାକୁ ତାଲିମ ଦିଆଯାଉଛି। ପାକିସ୍ତାନୀ ଲିଙ୍କ୍ ଲୁଚାଇବା ପାଇଁ ଉଜବେକିସ୍ତାନ, ଇଣ୍ଡୋନେସିଆ ଓ ଫିଲିପାଇନ୍ସର ମହିଳାମାନଙ୍କୁ ବ୍ୟବହାର କରାଯାଉଛି। ସେମାନଙ୍କୁ ନୂଆ ପରିଚୟପତ୍ର ଦିଆଯାଇ କାମରେ ଲଗାଯାଉଛି। ଆମେରିକା, ବ୍ରିଟେନ, ଥାଇଲାଣ୍ଡ, ଇଣ୍ଡୋନେସିଆ, ଫିଲିପାଇନ୍ସ ଓ ଦୁବାଇରେ ଥିବା ଭାରତୀୟ ସ୍ଥାନଗୁଡ଼ିକୁ ଆକ୍ରମଣ ପାଇଁ ଚିହ୍ନଟ କରାଯାଇଛି ବୋଲି ଏଜେନ୍ସିଗୁଡ଼ିକ ସୂଚନା ଦେଇଛନ୍ତି। ଚିହ୍ନଟ ସ୍ଥାନଗୁଡ଼ିକରେ ଏକାସାଙ୍ଗରେ ଆକ୍ରମଣ କରିବାକୁ ଯୋଜନା କରାଯାଉଛି। ପର୍ଯ୍ୟାୟକ୍ରମେ ଆକ୍ରମଣ କଲେ ଧରାପଡ଼ିବାର ଭୟ ରହିଥିବାରୁ ଏପରି ରଣନୀତି ପ୍ରସ୍ତୁତ କରାଯାଇଛି। କାମକରୁଥିବା ମହିଳାମାନେ ହିଁ ସେଠାରେ ଆତ୍ମଘାତୀ ଆକ୍ରମଣ କରିବାର ଆଶଙ୍କା ରହିଛି। ଏହି ବଡ଼ ଧରଣର ଅପରେସନ ପାଇଁ ପାକିସ୍ତାନର ଆଇଏସ୍ଆଇ ସହାୟତାରେ ପାଣ୍ଠି ସଂଗ୍ରହ କରାଯାଉଛି। ଗାଜା ରିଲିଫ ନାମରେ ଦାନ ସଂଗ୍ରହ କରାଯାଇ ସେହି ଟଙ୍କାକୁ ଆତଙ୍କବାଦୀ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଉପସାଗରୀୟ ଦେଶ ଓ ପାକିସ୍ତାନରେ ଗତ ୪ ମାସ ଧରି ଏହି ଅଭିଯାନ ଜାରି ରହିଛି। ଭାରତୀୟ ଗୁଇନ୍ଦା ସଂସ୍ଥା ଏହି ବିପଦ ବିଷୟରେ ସମ୍ପୂର୍ଣ୍ଣ ଭାବେ ଅବଗତ ଅଛନ୍ତି।

**ଭାରତୀୟଙ୍କ ମାଲିକାନାରେ ଥିବା ପବ୍, ବାର୍ ଉପରେ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର**

# ଅଜିତ୍ଙ୍କ ବିମାନରେ ପେଟ୍ରୋଲ ଡବା ରଖାଯାଇଥିଲା !

ନୂଆଦିଲ୍ଲୀ/ବାରମାତୀ, ୨୧।୨(ଏଜେନ୍ସି): ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣା ମାମଲାରେ ଏବେ ଏକ ନୂଆ ମୋଡ଼ ଆସିଛି। ତାଙ୍କ ପୁତୁରା ତଥା ବିଧାୟକ ରୋହିତ ପାୱାର ଶନିବାର ଦିଲ୍ଲୀରେ ଏକ ସମ୍ବାଦିକ ସମ୍ମଳନୀ କରି ଏହି ଦୁର୍ଘଟଣା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରହିଛି ବୋଲି ଅଭିଯୋଗ କରିଛନ୍ତି। ସେ ଏହି କ୍ରମରେ ୩ଟି ବଡ଼ ଅଭିଯୋଗ ଆଣିଛନ୍ତି। ତାଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ସମୟରେ କେବଳ ଗୋଟିଏ ବିସ୍ଫୋରଣ ହୋଇ ନଥିଲା, ବରଂ ଏକାଧିକ ବିସ୍ଫୋରଣ ହୋଇଥିଲା। ବିମାନର ସାମାନ ଅର୍ଥାତ ଜିନିଷ ରଖିବା ସ୍ଥାନରେ ଅତିରିକ୍ତ ପେଟ୍ରୋଲ ଡବା ରଖାଯାଇଥିଲା ଓ ଏଥିପାଇଁ ନିଆଁ ବ୍ୟାପିଯାଇଥିଲା। ସେ ଅଭିଯୋଗ କରିଛନ୍ତି ଯେ, ନିୟମ ଅନୁଯାୟୀ କକ୍ପିଟ୍ ଭଏସ ରେକର୍ଡର (ସିଭିଆର) ୯ ଘଣ୍ଟାର ରେକର୍ଡିଂ ରଖିବା କଥା। କିନ୍ତୁ ଏହି ବିମାନରେ ମାତ୍ର ୩୦ ମିନିଟର କ୍ଷମତା ଥିଲା। ଏହା ସତ୍ତ୍ୱେ ବିମାନଟି କିଭଳି ପଞ୍ଜିକୃତ ହୋଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରେକର୍ଡିଂ ନଷ୍ଟ ହୋଇଛି ବୋଲି କୁହାଯାଉଥିବା କଥାକୁ ସେ ବିଶ୍ୱାସ କରୁନାହାନ୍ତି। ପୁଣି ଯେଉଁ ଭିଏସ୍ଆର ଭେନ୍ଚର୍ସ କମ୍ପାନୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି, ତାହାର ସମ୍ପର୍କ ତେଲଗୁ ଦେଶମ୍ ପାର୍ଟି (ଟିଡିପି) ପାର୍ଟି ସହ ଥିବା ସେ ଦାବି କରିଛନ୍ତି। ଅଜିତ ପାୱାରଙ୍କୁ ନ୍ୟାୟ ଦେବା ପାଇଁ ରୋହିତ ପାୱାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖିଛନ୍ତି। ଏହି ମାମଲାର ତଦନ୍ତ କୌଣସି ସ୍ୱାଧୀନ କିମ୍ବା ଅନ୍ତର୍ଜାତୀୟ ଏଜେନ୍ସି ଦ୍ୱାରା କରାଇବାକୁ ସେ ଅନୁରୋଧ କରିଛନ୍ତି। ପୂର୍ବରୁ ଏହି ଘଟଣାରେ ଅଜିତଙ୍କ ପୁଅ ଜୟ ପାୱାର ମଧ୍ୟ ଇନ୍ଷ୍ଟାଗ୍ରାମ୍ରେ ପୋଷ୍ଟ କରି ଭିଏସ୍ଆର ଭେଞ୍ଚର୍ସର ବିବାନ ଉଡ଼ାଣ ଉପରେ ରୋକ ଲଗାଇବାକୁ ଓ ସ୍ୱଚ୍ଛ ତଦନ୍ତ କରିବାକୁ ଦାବି କରିଥିଲେ। ଉଲ୍ଲେଖଥାଉ କି, ଗତ ଜାନୁଆରୀ ୨୮ରେ ପୁଣେ ବାରାମତୀରେ ଏକ ଘରୋଇ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଅଜିତ ପାୱାରଙ୍କ ସମେତ ୫ ଜଣ ମୃତ୍ୟୁବରଣ କରିଥିଲେ। ଅଜିତଙ୍କ ପତ୍ନୀ ସୁନେତ୍ରା ମଧ୍ୟ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ୍ଙ୍କୁ ଭେଟି ଅନୁରୋଧ କରିଛନ୍ତି।

**ପୁତୁରାଙ୍କ ସାଂଘାତିକ ଅଭିଯୋଗ**

## ରାହୁଲଙ୍କ ବିରୋଧରେ ବିଜେପିର ଦେଶବ୍ୟାପୀ ବିକ୍ଷୋଭ

ନୂଆଦିଲ୍ଲୀ, ୨୧।୨(ଏଜେନ୍ସି): କଂଗ୍ରେସ କର୍ମକର୍ତ୍ତାଙ୍କ ଦ୍ୱାରା ଏଆଇ ସମ୍ମିଳନୀରେ ହଙ୍ଗାମା କରାଯିବା ପ୍ରତିବାଦରେ ବିଜେପି ପକ୍ଷରୁ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ କରାଯାଇଛି। ବିଜେପି ପକ୍ଷରୁ ରାଜଧାନୀ ଦିଲ୍ଲୀ, ମହାରାଷ୍ଟ୍ର, ଗୁଜରାଟ, ବିହାର, ତେଲଙ୍ଗାନା ଓ ଜମ୍ମୁ-କଶ୍ମୀରରେ ବ୍ୟାପକ ପ୍ରଦର୍ଶନ କରାଯାଇଛି। ଦିଲ୍ଲୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ବାହାରେ ବିଜେପି ଯୁବମୋର୍ଚ୍ଚା କର୍ମୀମାନେ 'କଂଗ୍ରେସ + ରାହୁଲ= ଗଦ୍ଦାର' ଏବଂ 'ଦେଶଦ୍ରୋହୀ ରାହୁଲ କ୍ଷମା ମାଗନ୍ତୁ' ଭଳି ପୋଷ୍ଟର ଧରି ବିରୋଧ କରିଛନ୍ତି। ମୁମ୍ବଇର ମୁଲୁଣ୍ଡ ଅଞ୍ଚଳରେ ବିଜେପି କର୍ମୀମାନେ କଂଗ୍ରେସର କୁଶପୁତ୍ତଳିକା ଦାହ କରିଛନ୍ତି। ସେପଟେ ଦିଲ୍ଲୀର ପାଟିଆଲା ହାଉସ୍ କୋର୍ଟରେ ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ହଙ୍ଗାମା କରିଥିବା ୪ ଜଣ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ପୁଲିସର କହିବା ଅନୁଯାୟୀ, ଏହି ଅଭିଯୁକ୍ତମାନେ ନେପାଳର 'ଜେନ-ଜେଡ଼ ଆନ୍ଦୋଳନ' ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ସମ୍ମିଳନୀ ସମୟରେ ଅନେକ ବିଶ୍ୱସ୍ତରୀୟ ନେତା ଓ ଟେକ୍ ଏକ୍ସପର୍ଟ ଉପସ୍ଥିତ ଥିଲେ, ଏଣୁ ଏହି ହଙ୍ଗାମାକୁ ଏକ ବଡ଼ ଷଡ଼ଯନ୍ତ୍ରର ଅଂଶ ବୋଲି ପୁଲିସ ସନ୍ଦେହ କରୁଛି। ଜୁଡିସିଆଲ ମାଜିଷ୍ଟ୍ରେଟ୍ ରବି ସମସ୍ତ ୪ ଜଣ ଅଭିଯୁକ୍ତଙ୍କୁ ୫ ଦିନିଆ ପୁଲିସ ରିମାଣ୍ଡରେ ପଠାଇଛନ୍ତି।

## ୟୁକ୍ରେନର ଶୀର୍ଷ ନେତାଙ୍କୁ ହତ୍ୟା ପାଇଁ 'ଲକ୍ଷେ ଡଲାର ଯୋଜନା'

କିଭ୍, ୨୧।୨(ଏଜେନ୍ସି): ୟୁକ୍ରେନର ଶୀର୍ଷସ୍ତରୀୟ ରାଜନେତାମାନଙ୍କୁ ହତ୍ୟା କରିବା ପାଇଁ ରୁଷିଆ ପକ୍ଷରୁ ହୋଇଥିବା ଏକ ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇଛି। ମସ୍କୋର ନିର୍ଦ୍ଦେଶରେ ଏହି ହତ୍ୟାକାଣ୍ଡ ପାଇଁ ପ୍ରତି ବ୍ୟକ୍ତି ପିଛା ୧, ୦୦୦୦୦ ଡଲାର ଅର୍ଥାତ ୮୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଥିଲା। ଏବେ ଏହା ସାମ୍ନାକୁ ଆସିଛି ବୋଲି ୟୁକ୍ରେନ ତରଫରୁ କୁହାଯାଉଛି। ୟୁକ୍ରେନ ଓ ମଲଡୋଭାର ସୁରକ୍ଷା ବଳ ମିଳିତ ଭାବେ ଚଢ଼ାଉ କରି ଏହି ଷଡ଼ଯନ୍ତ୍ରରେ ସାମିଲ ଥିବା ୧୦ ଜଣଙ୍କୁ ଗିରଫ କରିଛନ୍ତି। ଏହି ଷଡ଼ଯନ୍ତ୍ରର ମୁଖ୍ୟ ସୂତ୍ରଧାରଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ୨୦ରୁ ଅଧିକ ସ୍ଥାନ ଉପରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ନଗଦ ଟଙ୍କା, ଅସ୍ତ୍ରଶସ୍ତ୍ର, ବିସ୍ଫୋରଣ ଏବଂ ରୁଷ ହ୍ୟାଣ୍ଡଲରମାନଙ୍କ ସହ ଯୋଗାଯୋଗର ପ୍ରମାଣ ଜବତ ହୋଇଛି। ୟୁକ୍ରେନର ପ୍ରସିକ୍ୟୁଟର ଜେନେରାଲ ରୁସଲାନ କ୍ରାଭଚେଙ୍କୋ କହିଛନ୍ତି ଯେ ଏହି ଗୋଷ୍ଠୀ କିଛି ଜଣାଶୁଣା ୟୁକ୍ରେନ ନାଗରିକ ଓ ବିଦେଶୀଙ୍କୁ ହତ୍ୟା କରିବାକୁ ପ୍ରସ୍ତୁତ ଚଳାଇଥିଲେ। ୟୁକ୍ରେନର ସାମରିକ ଗୁଇନ୍ଦା ବିଭାଗର ଅଧିକାରୀ ଆନ୍ଦ୍ରି ୟୁସୋଭଙ୍କ ଟାର୍ଗେଟରେ ଥିଲେ ଓ ତାଙ୍କ ନାମ ପ୍ରକାଶ କରାଯାଇଛି, ଯିଏ ରୁଷ ସହ ବନ୍ଦୀ ବିନିମୟ କାର୍ଯ୍ୟର ସମନ୍ୱୟ ରକ୍ଷା କରନ୍ତି। ପୂର୍ବରୁ ମଧ୍ୟ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କି ଓ ଗୁଇନ୍ଦା ମୁଖ୍ୟଙ୍କୁ ହତ୍ୟା କରିବାକୁ ରୁଷିଆ ଏକାଧିକ ବାର ଚେଷ୍ଟା କରିଛି ବୋଲି ୟୁକ୍ରେନ ଅଭିଯୋଗ କରିଛି। ତେବେ ରୁଷିଆ ପକ୍ଷରୁ ଏହି ଦାବି ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ। ୟୁକ୍ରେନ ରୁଷ ଭିତରେ ଥିବା ସାମରିକ ଓ ରାଜନୈତିକ ନେତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରୁଛି।

# ନାସାର ସ୍ୱୀକାର: ସୁନୀତା ମହାକାଶରେ ଅଟକିବା ବିପଜ୍ଜନକ ଥିଲା



ୱାଶିଂଟନ, ୨୧।୨(ଏଜେନ୍ସି): ଆମେରିକୀୟ ମହକାଶ ଗବେଷଣା ସଂସ୍ଥା (ନାସା) ପ୍ରଥମଥର ପାଇଁ ସ୍ୱୀକାର କରିଛି ଯେ, ମହାକାଶଚାରୀ ସୁନୀତା ୱିଲିୟମ୍ସ ମହାକାଶରେ ଅଟକି ରହିବା ଅତ୍ୟନ୍ତ ବିପଜ୍ଜନକ ଥିଲା। ନାସା ଏହି ମିଶନକୁ ଦୁର୍ଘଟଣା 'ଟାଇପ୍ ଏ' ବର୍ଗରେ ରଖିଛି, ଯାହାକୁ ସବୁଠାରୁ ଗମ୍ଭୀର ଶ୍ରେଣୀ ବୋଲି କୁହାଯାଇଥାଏ। ପୂର୍ବରୁ 'ଚ୍ୟାଲେଞ୍ଜର' ଓ 'କଲମ୍ବିଆ' ସଟଲ ଦୁର୍ଘଟଣା ପାଇଁ ଏହି 'ଟାଇପ୍-ଏ' ବର୍ଗ ବ୍ୟବହାର କରାଯାଇଥିଲା। ସୂଚନାଯୋଗ୍ୟ ଯେ, କଲମ୍ବିଆ ସଟଲ୍ ଦୁର୍ଘଟଣାରେ ହିଁ ଭାରତୀୟ ମହାକାଶଚାରୀ କଳ୍ପନା ଚାୱାଲାଙ୍କ ମୃତ୍ୟୁ ହୋଇଥିଲା। ୨୦୨୬ ଫେବୃଆରୀ ୧୯ରେ ଜାରି ହୋଇଥିବା ୩୧୧ ପୃଷ୍ଠାର ରିପୋର୍ଟରେ ନାସା ପ୍ରଶାସକ ଜେରେଡ଼୍ ଇସାକମ୍ୟାନ ଲେଖିଛନ୍ତି ଯେ, ସୁନୀତା ୱିଲିୟମ୍ସଙ୍କ ମିଶନରେ ଗୁରୁତର ତ୍ରୁଟି ଥିଲା। ଏହି ତ୍ରୁଟିକୁ ଅଣଦେଖା କରିଥିବାରୁ ସେ ଏଜେନ୍ସି ଓ ବୋଇଂ କମ୍ପାନୀକୁ କଠୋର ସମାଲୋଚନା କରିଛନ୍ତି। ସୁନୀତା ୨୦୨୪ରେ ମାତ୍ର ୮ ଦିନ ପାଇଁ ମହାକାଶକୁ ଯାଇଥିଲେ, କିନ୍ତୁ ବୈଷୟିକ ତ୍ରୁଟି ପାଇଁ ତାଙ୍କୁ ଫେରିବା ପାଇଁ ୯ ମାସରୁ ଅଧିକ ସମୟ ଲାଗିଥିଲା। ସୁନୀତା ଦୀର୍ଘ ୨୭ ବର୍ଷର ସେବା ପରେ ୨୦୨୫ ଡିସେମ୍ବର ୨୭ରେ ନାସାରୁ ଅବସର ଗ୍ରହଣ କରିଥିଲେ। ସେ ତାଙ୍କ କ୍ୟାରିୟରରେ ୩ଟି ମିଶନରେ ସାମିଲ ହୋଇଥିବା ବେଳେ ୬୦୮ ଦିନ ମହାକାଶରେ ବିତାଇଛନ୍ତି। ସେ ୯ଟି 'ସ୍ପେସୱାକ୍' କରି ୬୨ ଘଣ୍ଟା ୬ ମିନିଟ ପର୍ଯ୍ୟନ୍ତ ମହକାଶରେ ଚାଲିଛନ୍ତି, ଯାହା କୌଣସି ମହିଳା ମହକାଶଚାରୀଙ୍କ ପାଇଁ ସର୍ବାଧିକ। ସୂଚନାଯୋଗ୍ୟ ଯେ, ୨୦୦୩ ଫେବୃଆରୀ ୧ରେ କଳ୍ପନା ଚାୱାଲାଙ୍କ ମହାକାଶ ଯାନ 'କଲମ୍ବିଆ ସଟଲ ଏସ୍‌ଟିଏସ୍-୧୦୭' ପୃଥିବୀକୁ ଫେରିବା ସମୟରେ ବାୟୁମଣ୍ଡଳରେ ସଂଘର୍ଷ ଯୋଗୁଁ ବିସ୍ଫୋରଣ ହୋଇଥିଲା ଓ ଅବତରଣର ୧୬ ମିନିଟ ପୂର୍ବରୁ ଦୁର୍ଘଟଣା ଘଟିଥିଲା ଓ କଳ୍ପନାଙ୍କ ସମେତ ୭ ଜଣ ମହକାଶଚାରୀ ପ୍ରାଣ ହରାଇଥିଲେ।

**■ କଳ୍ପନା ଚାୱାଲାଙ୍କ ଦୁର୍ଘଟଣା ସହ କଲା ତୁଳନା**
**■ ଘଟଣାକୁ ଗମ୍ଭୀର ଶ୍ରେଣୀରେ ରଖାଗଲା**

# ସହମତିଭିତ୍ତିକ ଶାରୀରିକ ସମ୍ପର୍କ ଅପରାଧ ନୁହେଁ: ହାଇକୋର୍ଟ

କଟକ,୨୧।୨(ସମିସ): ଯଦି ଦୁଇଜଣ ପ୍ରାପ୍ତବୟସ୍କ ପୁରୁଷ ଓ ମହିଳାଙ୍କ ମଧ୍ୟରେ ସହମତିଭିତ୍ତିକ ଶାରୀରିକ ସମ୍ପର୍କ ରହିଥାଏ, ତାହା ଅପରାଧ ନୁହେଁ। କେବଳ ପରପୁରୁଷ ହୋଇଥିବା କାରଣରୁ ଜଣେ ମହିଳାଙ୍କ ଘରେ ପ୍ରବେଶ କରିବାକୁ ଅପରାଧିକ ଉଦ୍ଦେଶ୍ୟ କୁହାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆବେଦନକାରୀ ଅଭିଯୁକ୍ତଙ୍କ ବିରୋଧରେ ଥିବା ସମସ୍ତ ଦଣ୍ଡାଦେଶକୁ ରଦ୍ଦ କରିବା ସହ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ହାଇକୋର୍ଟ। ଏଥିସହ ସମ୍ବଲପୁର ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତଙ୍କ ଆଦେଶକୁ ରଦ୍ଦ କରିଛନ୍ତି। ଏ. କିସାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାର ପ୍ରମାଣ ଓ ଡାକ୍ତରୀ ରିପୋର୍ଟ ଅନୁଯାୟୀ, ମହିଳା ଓ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା ଏବଂ ଘଟଣା ଦିନ ଅଭିଯୁକ୍ତଙ୍କ ପ୍ରବେଶ ପାଇଁ ମହିଳା ନିଜେ କବାଟ ଖୋଲିଥିଲେ। ଏଣୁ, ଭାରତୀୟ ଦଣ୍ଡ ସଂହିତାର ଧାରା ୪୫୦ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିବାକୁ ହେଲେ ଘରକୁ ବେଆଇନ ପ୍ରବେଶ କରିବା ସହ ଅପରାଧ କରିବାର ଉଦ୍ଦେଶ୍ୟ ରହିବା ଆବଶ୍ୟକ। ଯେହେତୁ ସମ୍ପର୍କ ସମ୍ମତିଭିତ୍ତିକ ଥିଲା, ତେଣୁ ଏହାକୁ ଅପରାଧିକ ଉଦ୍ଦେଶ୍ୟ କୁହାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ହାଇକୋର୍ଟ କହିଛନ୍ତି ଯେ ଜଣେ ବିବାହିତ ମହିଳା ଅନ୍ୟ ପୁରୁଷ ସହ ସମ୍ପର୍କ ରଖିବା ସାମାଜିକ ବା ନୈତିକ ଦୃଷ୍ଟିକୋଣରୁ ଭୁଲ ହୋଇପାରେ। କିନ୍ତୁ ଏହା ସବୁବେଳେ ଅପରାଧ ନୁହେଁ। ସୁପ୍ରିମକୋର୍ଟଙ୍କ 'ଜୋସେଫ ସାଇନ୍' ମାମଲାର ଦୃଷ୍ଟାନ୍ତ ଦେଇ ଅଦାଲତ ଏହା କହିବା ସହ ବୟସ୍କ ବ୍ୟକ୍ତିଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଓ ସମ୍ମତିକୁ ସମ୍ମାନ ଦେବା ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୧ମସିହାରେ ସମ୍ବଲପୁର ଜିଲ୍ଲା କତରବଗା ଥାନା ଅନ୍ତର୍ଗତ ଏକ ମାମଲାରେ ଆବେଦନକାରୀଙ୍କ ବିରୋଧରେ ଜଣେ ବିବାହିତା ମହିଳାଙ୍କ ଘରେ ପଶିବା ସହ ଦୁଷ୍କର୍ମ ଅଭିଯୋଗ ହୋଇଥିଲା। ନିମ୍ନ ଅଦାଲତ ଅଭିଯୁକ୍ତଙ୍କୁ ଦୁଷ୍କର୍ମ ଅଭିଯୋଗରୁ ମୁକ୍ତ କରିଥିଲେ ମଧ୍ୟ ଘରେ ପଶିବା ପାଇଁ ୫ବର୍ଷର ଜେଲ ଦଣ୍ଡ ଶୁଣାଇଥିଲେ। ଏହି ଦଣ୍ଡାଦେଶ ବିରୋଧରେ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୩ ବଜେଟରେ ରାଜ୍ୟ ଉପରେ ୧.୩୮ ଲକ୍ଷ କୋଟି ଋଣ ବୋଝ

ଭୁବନେଶ୍ୱର, ୨୧।୨(ସମିସ): ରାଜ୍ୟ ବଜେଟକୁ ନେଇ ସରକାରଙ୍କ ଉପରେ ଭୀଷଣ ବର୍ଷିଛି ବିଜେଡି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରିଥିବା ରାଜ୍ୟ ବଜେଟକୁ ଅନ୍ତଃସାରଶୂନ୍ୟ ଓ ପ୍ରଚାରଧର୍ମୀ ବଜେଟ ବୋଲି କହିଛି ବିଜେଡି। ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ଉପନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଧାୟକ ଗୌତମବୁଦ୍ଧ ଦାସ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟକୁ ଋଣବୋଝରେ ବୁଡ଼ାଇ ସରକାର ରାଜ୍ୟବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟ ସରକାର ବଜେଟ୍‌ର ପରିମାଣ ୩ଲକ୍ଷ ୧୦ହଜାର କୋଟିକୁ ବୃଦ୍ଧି କରି ବାହାଦୂରୀ ନେବାକୁ ଯେଉଁ ପ୍ରୟାସ କରୁଛନ୍ତି, ତାହା ଗ୍ରହଣୀୟ ନୁହେଁ। ପୂର୍ବବର୍ଷ ତୁଳନାରେ ବଜେଟ ମାତ୍ର ୬.୨୫ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ମୁଦ୍ରାସ୍ଫୀତିକୁ ୮ ପ୍ରତିଶତ ହାରରେ ବିଚାରକୁ ନେଲେ, ବଜେଟ ପରିମାଣ ବୃଦ୍ଧି ହୋଇନାହିଁ ବରଂ ଦୁଇ ପ୍ରତିଶତ ହ୍ରାସ ପାଇଛି। ସରକାରଙ୍କ ଆୟ କମୁଛି, ତେଣୁ ଋଣଭାରରେ ଓଡ଼ିଶାକୁ ବୁଡ଼ାଉଛନ୍ତି। ନବୀନ




■ ଅନ୍ତଃସାରଶୂନ୍ୟ ଓ ପ୍ରଚାରଧର୍ମୀ ବଜେଟ: ବିଜେଡି
■ ରାଜ୍ୟର ଆର୍ଥିକ ସ୍ଥିତି ଆଉଥରେ ବିପଦକୁ ଠେଲି ଦେଉଛନ୍ତି
■ ଚଢ଼ା ଦରରେ ଋଣ ହେଉଛି, ଖର୍ଚ୍ଚ ହୋଇପାରୁନି ବଜେଟ ଅର୍ଥ

ବାବୁ ରାଜ୍ୟର ଦାୟିତ୍ୱ ନେବା ପରେ ରାଜ୍ୟର ବିପର୍ଯ୍ୟସ୍ତ ଆର୍ଥିକ ସ୍ଥିତିକୁ ସୁଧାର କରି ଓଡ଼ିଶାକୁ ଏକ ଆର୍ଥିକ ଶୃଙ୍ଖଳା ରାଜ୍ୟରେ ପରିଣତ କରିଥିଲେ। ବର୍ତ୍ତମାନର ସରକାର କେବଳ ଋଣ କରି ରାଜ୍ୟର ଆର୍ଥିକ ସ୍ଥିତିକୁ ଆଉଥରେ ବିପଦ ଆଡ଼କୁ ଠେଲି ଦେଉଛନ୍ତି। ମାତ୍ର ୩ଟି ବଜେଟରେ ବର୍ତ୍ତମାନର ସରକାର ପ୍ରାୟ ୧.୩୮ ଲକ୍ଷ କୋଟି ଋଣ କଲେଣି। ସରକାର ଋଣ ଉପରେ ନିର୍ଭର କରି ରାଜ୍ୟବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ କୃଷକମାନଙ୍କ ସମସ୍ୟାକୁ ସମାଧାନ ପାଇଁ ସରକାରଙ୍କ କୌଣସି ଯୋଜନା ନାହିଁ କି ଆନ୍ତରିକତା ନାହିଁ। ସ୍ୱାସ୍ଥ୍ୟ ବିଭାଗର ପରିମାଣକୁ କମାଇ ଦିଆଯାଇଛି। ଭିବି-ଜି ରାମ-ଜି ଯୋଜନାରେ ୯୦:୧୦ ପରିବର୍ତ୍ତେ ୬୦:୪୦ରେ ଖର୍ଚ୍ଚ ହେବ। ଏହାଦ୍ୱାରା ରାଜ୍ୟ ଉପରେ ଅଧିକ ଆର୍ଥିକ ବୋଝ ବଢ଼ିବ। ଏହି ବଜେଟ ଏକ ପ୍ରଚାରଧର୍ମୀ ବଜେଟ ବୋଲି ସେ କହିଥିଲେ।

ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ କହିଥିଲେ ଯେ ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଓଡ଼ିଶାବାସୀଙ୍କୁ ନିରାଶ କରିଛି। କେନ୍ଦ୍ରୀୟ ଅନୁଦାନ ବଢ଼ିବା ବଦଳରେ ହ୍ରାସ ପାଉଛି। ପୂର୍ବବର୍ଷର ବଜେଟର ମାତ୍ର ୪୭ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। କେନ୍ଦ୍ର ସରକାରଙ୍କ ଅନୁଦାନ କମିବାରେ ଲାଗୁଛି। ରାଜ୍ୟର କୃଷକ ସମାଜ ହତାଶରେ ଅଛନ୍ତି। ରାଜ୍ୟ ସରକାର ଅନେକ ଯୋଜନା କେବଳ ଘୋଷଣା କରିଦେଉଛନ୍ତି, କିନ୍ତୁ ସେଗୁଡ଼ିକ କାର୍ଯ୍ୟକାରୀ ହେଉନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ବଜେଟଟି ହେଉଛି ଅନ୍ତଃସାରଶୂନ୍ୟ ବଜେଟ। ବିତ୍ତୀୟଶୃଙ୍ଖଳା କ୍ଷେତ୍ରରେ ନବୀନ ବାବୁ ଓଡ଼ିଶାକୁ ଏକ ନମ୍ବରରେ ପହଞ୍ଚାଇଥିଲେ। କିନ୍ତୁ, ଏବେର ସରକାର ଋଣ ବୋଝ ବଢ଼ାଇବାରେ ଲାଗିଛନ୍ତି। ସମୁଦାୟ ଋଣ ପରିମାଣରୁ ପ୍ରାୟ ୪୦ପ୍ରତିଶତ ଖୋଲା ବଜାରରୁ ଚଢ଼ା ସୁଧ ଦରରେ ଋଣ ନିଆଯାଉଛି। ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ରେଡ୍ ଜୋନକୁ ନେଇଯାଉଛି। ବିଡ଼ମ୍ବନାର ବିଷୟ ଯେ ସରକାର ବଜେଟରେ ବିଭିନ୍ନ ବିଭାଗ ପାଇଁ ପ୍ରାବଧାନ କରିଥିବା ଅର୍ଥକୁ ଖର୍ଚ୍ଚ କରିପାରୁନାହାନ୍ତି, କିନ୍ତୁ ଚଢ଼ା ସୁଧରେ ଋଣ ନେଉଛନ୍ତି। ଏହା ରାଜ୍ୟର ଅର୍ଥନୀତିକୁ ପଙ୍ଗୁ କରିଦେବ। ବିତ୍ତୀୟ ନିଅଣ୍ଟ ୧.୭ପ୍ରତିଶତରୁ ୩.୫ପ୍ରତିଶତକୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ କୃଷକ, ବିଦ୍ୟାଳୟ ଓ ଗଣଶିକ୍ଷା ଆଦି ବିଭାଗରେ ରାଜ୍ୟ ସରକାର ଚଳିତ ବଜେଟରେ ଅର୍ଥ କମାଇ ଦେଇଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

# ୨୦ ଜିଲ୍ଲାରେ କେନ୍ଦୁପତ୍ର ତୋଳାଳିଙ୍କ ଗଣବିକ୍ଷୋଭ

ଭୁବନେଶ୍ୱର,୨୧।୨(ସମିସ): କେନ୍ଦୁପତ୍ର ଶ୍ରମିକ-ତୋଳାଳୀମାନଙ୍କୁ ସର୍ବନିମ୍ନ ମଜୁରି ଅନୁଯାୟୀ ଦରମା ପ୍ରଦାନ, ପତ୍ର ଦର ବୃଦ୍ଧି, କେଏଲ୍‌ଡିବିରେ ସଂଶୋଧନ, ବୋନସ୍ ପ୍ରଦାନ, ମୃତ୍ୟୁକାଳୀନ ସହାୟତାକୁ ୨ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି, କେନ୍ଦୁପତ୍ର ସଂସ୍ଥାରେ ଘରୋଇକରଣ ଓ କର୍ମଚାରୀ ଛଟେଇ ବନ୍ଦ ଆଦି ୧୭ ଦଫା ଦାବିରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଆଜି ୨୦ଟି ଜିଲ୍ଲାରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରେଞ୍ଜ ଅଫିସ ଏଙ୍ ଡିଏଫ୍‌ଓ ଅଫିସ ସମ୍ମୁଖରେ ଶହ ଶହ କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ ଏବଂ ଆନୁସଙ୍ଗିକ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ମାଲକାନଗିରି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଢେଙ୍କାନାଳ, ଫୁଲବାଣୀ, ଅନୁଗୋଳ, ବରଗଡ଼, ବଲାଙ୍ଗିର, କୋରାପୁଟ, ନବରଙ୍ଗପୁର, ସୋନପୁର ଆଦି ୨୦ଟି ଜିଲ୍ଲାରେ ଅଧିକାଂଶ ରେଞ୍ଜରେ କେନ୍ଦୁପତ୍ର ଶ୍ରମିକ ଓ ତୋଳାଳୀମାନେ ବିଭିନ୍ନ ରେଞ୍ଜ ଅଫିସ୍ ଓ ଡିଏଫ୍‌ଓ ଅଫିସ୍‌ଗୁଡ଼ିକରେ ରେଞ୍ଜ ଅଫିସର ଓ ଡିଏଫ୍‌ଓମାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ



ଦାବିପତ୍ର ମାନ ପ୍ରଦାନ କରିଥିଲେ। ଏନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି କହିଛନ୍ତି, ଓଡ଼ିଶାର ୨୨ ଜିଲ୍ଲାର

## ଦାବି ପୂରଣ ନ ହେଲେ ୨୭ରେ ରାସ୍ତାରୋକ

୧୯ଟି ଡିଭିଜନରେ ପ୍ରାୟ ୧୫ ଲକ୍ଷ ତୋଳାଳୀ, ୧୮ ହଜାର କର୍ମଚାରୀ ଓ ୨୨ ହଜାର ବନ୍ଧେଇ ଶ୍ରମିକ କେନ୍ଦୁପତ୍ରକୁ ନିଜର ଜୀବିକା ଭାବରେ ଗ୍ରହଣ କରୁଛନ୍ତି। ତୋଳାଳୀମାନଙ୍କ ମଧ୍ୟରେ ୯୦ପ୍ରତିଶତ ମହିଳା ରହିଛନ୍ତି। ଦୀର୍ଘଦିନ ଧରି ସରକାରଙ୍କଠାରେ ନ୍ୟାଯ୍ୟ ଦାବି ଉପସ୍ଥାପନ ହୋଇଆସୁଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଏହି ଦୁଇ ଦିନିଆ ଆନ୍ଦୋଳନରେ ୭୫୦୦୦ରୁ ଉଦ୍ଧ୍ୱର୍ ଶ୍ରମିକ ତୋଳାଳୀ ଅଂଶ ଗ୍ରହଣ କରି ସରକାରଙ୍କ ଅବହେଳାର ତୀବ୍ର ପ୍ରତିବାଦ କରିଛନ୍ତି। ଯଥାଶିଘ୍ର ଦାବି ପୂରଣ ନ ହେଲେ ଆସନ୍ତା ୨୭ରେ ରାଜ୍ୟର ଶତାଧିକ ଜାଗାରେ ରାସ୍ତାରୋକ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ସଂଘର ରାଜ୍ୟ ସଭାପତିଙ୍କ ସମେତ ଉପସଭାପତି ଗୋକୁଳ ମେହେର, ବିନୋଦ ପ୍ରଧାନ, ସରୋଜ କର୍ଣ୍ଣ, ସଂଗଠନ ସମ୍ପାଦକ ସଂଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୃତୂଜା, ଶିବାନନ୍ଦ ପରିଛା ପ୍ରମୁଖ ବିଭିନ୍ନ ଜିଲ୍ଲା ପରିକ୍ରମା କରି ଗଣଧାରଣାକୁ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ୨ ମୃତ

ଅନୁଗୋଳ ୨୧।୨(ସମିସ): ଅନୁଗୋଳ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୫୫ର ମରାତିରା ଛକ ନିକଟରେ ଦୁର୍ଘଟଣା ଦୁଇ ଦୁଇଟି ଅମୂଲ୍ୟ ଜୀବନ ନେଇଛି। ଟ୍ରକ ପଛକୁ ଏକ କାର୍ ଧକ୍କାରୁ ଘଟଣାସ୍ଥଳରେ କନ୍ଦରସିଂହା ଗାଁର ଅମିତ ସାହୁ ଏବଂ ଦେଉଳବେଢ଼ା ଗାଁର ବିସ୍ମୟ କୁମାର ଦାସଙ୍କ ମୃତ୍ୟୁ ଘଟିଛି। ଅମିତ ତାଳଚେର ବିଧାୟକଙ୍କ ସହଯୋଗୀ ରହିଥିବା ସହ ବର୍ତ୍ତମାନ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବନ୍ଧଲା ଗାଁର ଗୋପାଳ ସାହୁ ଚିକିତ୍ସାଧୀନ ଅଛନ୍ତି। ଅମିତ, ବିସ୍ମୟ ଓ ଗୋପାଳ ଏକ ବାହାଘର ଭୋଜିରେ ଯୋଗ ଦେଇ କାରରେ ଫେରୁଥିଲେ। ମରାତିରା ନିକଟରେ ଆଗରେ ଯାଉଥିବା ଏକ ଟ୍ରକ ପଛରେ ସେମାନଙ୍କ କାର ଭାରସାମ୍ୟ ହରାଇ ବାଡେଇ ହୋଇଯାଇଥିଲା। ଏହି ଦୁଃଖଦ ଘଟଣାକୁ ନେଇ ତାଳଚେର ଓ ଅନୁଗୋଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପଟେ, ଏବେ ସେମାନଙ୍କ ମୃତ୍ୟୁ ପୂର୍ବର ଏକ ଭିଡିଓ ଭାଇରାଲ ହେଉଛି।

■ ଧର୍ମେନ୍ଦ୍ରଙ୍କ ସୂଚନା

# ଭୁବନେଶ୍ୱରରେ ହେବ 'ଭିଏଫ୍‌ଏସ୍ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର'

ଭୁବନେଶ୍ୱର,୨୧।୨(ସମିସ): ଭୁବନେଶ୍ୱରରେ "ଭିଏଫଏସ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା ହେବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନେଇ ସୂଚନା ଦେଇଛନ୍ତି।

ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୁବନେଶ୍ୱରରେ ଏକ "ଭିଏଫଏସ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା କରିବା ପାଇଁ ମୁଁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କରଙ୍କୁ ପତ୍ର ଲେଖି ଅନୁରୋଧ କରିବା ସହ ଭିଏଫଏସର ଗ୍ଲୋବାଲ ସିଇଓ ଜୁବିନ କର୍କାରିଆଙ୍କ ସହ ଏହି ବିଷୟରେ ଆଲୋଚନା କରିଥିଲି। ଓଡ଼ିଶାବାସୀଙ୍କ ପାଇଁ ଖୁସିର ବିଷୟ ଯେ ମୋର ଅନୁରୋଧକୁ ରକ୍ଷା କରି ଭିଏଫସ ଗ୍ଲୋବାଲ "ଓଡ଼ିଶା ଦିବସ' ଅବସରରେ ଅର୍ଥାତ୍ ଆସନ୍ତା ୧ ଏପ୍ରିଲ ୨୦୨୬ରୁ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ଭିସା ଆବେଦନ କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ଯାଉଛି। ଏହି ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ପାଇଁ ମୁଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ଭିଏଫଏସର ଗ୍ଲୋବାଲ ସିଇଓଙ୍କୁ ଧନ୍ୟବାଦ ଜଣାଉଛି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ଛାତ୍ରଛାତ୍ରୀ ଏବଂ ବ୍ୟବସାୟୀମାନଙ୍କୁ ଆଉ ଭିସା କାମ ପାଇଁ କୋଲକାତା କିମ୍ବା ଅନ୍ୟ ସହରକୁ ଯିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ସେମାନଙ୍କର ସମୟ, ଅର୍ଥ ଓ ପରିଶ୍ରମ ବଞ୍ଚିବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ। ଓଡ଼ିଶାର ଆନ୍ତର୍ଜାତୀୟ ସଂଯୋଗୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ମୋର ବିଶ୍ୱାସ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ପାଠ ପଢ଼ି ଚାକିରି ମିଳିଲାନି

# ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଯୁବତୀଙ୍କ ଆତ୍ମାହୁତି ଉଦ୍ୟମ

ଭଦ୍ରକ, ୨୧।୨(ସମିସ): ଚାକିରି ନ ମିଳିବାରୁ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଯୁବତୀଙ୍କ ଆତ୍ମାହୁତି ଉଦ୍ୟମ। ଭଦ୍ରକ ଜିଲ୍ଲାପାଳଙ୍କ ଅଫିସ୍ ପରିସରରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଯୁବତୀଜଣଙ୍କ ନିଜ ଡ୍ରେସ୍‌ରେ ନିଆଁ ଲଗାଇଦେବାରୁ ତାଙ୍କର ଗୋଡ଼ ଓ ଡ୍ରେସ୍ ପୋଡ଼ି ଯାଇଥିଲା। ଏହା ଦେଖି ସେଠାରେ ଉପସ୍ଥିତ ଥିବା ପୁଲିସ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯୁବତୀଜଣଙ୍କ ଆତ୍ମାହୁତି ପାଇଁ ସିଧାସଳଖ ସରକାରଙ୍କୁ ଦାୟୀ କରିଛନ୍ତି। ଖବର ଲେଖା ହେବା ବେଳକୁ ଯୁବତୀଜଣଙ୍କ ସୁସ୍ଥ ଅଛନ୍ତି। ଭଦ୍ରକ ଏସପି ମନୋଜ ରାଉତଙ୍କ ସହ ସମସ୍ୟାର ସମାଧାନ ପାଇଁ କଥା ହେବା ପରେ ଘରକୁ ଫେରିଛନ୍ତି। ଅପରପକ୍ଷେ, ଏହି ଘଟଣା ଜିଲ୍ଲା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ଅଞ୍ଚଳର ଯୁବତୀ ବିଜୟଲକ୍ଷ୍ମୀ ଦାସ ୬ ମାସିଆ ଡିପ୍ଲୋମା ଇନ୍ ଆର୍ଲି ଚାଇଲ୍ଡ କେୟାର ଏଡୁକେଶନ୍ ପାଠ୍ୟକ୍ରମ (ଡିଇସିଇ) କୋର୍ସ କରିଥିଲେ। କିନ୍ତୁ ତାଙ୍କୁ ଶିଶୁ ବାଟିକାଗୁଡ଼ିକରେ ସ୍ୱତନ୍ତ୍ର ଅବସ୍ଥାପିତ ପାଇଁ କୌଣସି ବ୍ୟବସ୍ଥା ନଥିବା ନେଇ ସୂଚନା ପାଇଥିଲେ। ପୂର୍ବରୁ ଏହି ଦାବିରେ ସେ ସଂଘ ସହ ବହୁଥର ଭୁବନେଶ୍ୱରରେ ଧାରଣାରେ ବସିଥିଲେ।



ଗତ ୨୦ତାରିଖ ବିଧାନସଭାରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ସ୍କୁଲମାନଙ୍କରେ ଶିଶୁବାଟିକା କେତୋଟି ସ୍ଥାପନ କରାଯାଇଛି ଓ ଏଥିପାଇଁ ଡିଇସିଇ (ଡିପ୍ଲୋମା ଇନ୍ ଆର୍ଲି ଚାଇଲ୍ଡ କେୟାର ଏଡୁକେଶନ)ରେ କୃତକାର୍ଯ୍ୟ ହୋଇଥିବା ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ 'ଶିଶୁ ବାଟିକା'ଗୁଡ଼ିକରେ ଅବସ୍ଥାପିତ କରିବାରେ ଅଣଦେଖା କରାଯାଉଥିବା ଅଭିଯୋଗ ସରକାରଙ୍କ ପାଖରେ ଅଛି କି ଏ ଦିଗରେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଡିଇସିଇରେ କୃତକାର୍ଯ୍ୟ ହୋଇଥିବା ବ୍ୟକ୍ତିମାନଙ୍କୁ 'ଶିଶୁ ବାଟିକା'ରେ ନିଯୁକ୍ତି ନେଇ ସରକାରଙ୍କ କୌଣସି ଯୋଜନା ନଥିବା କହିଥିଲେ। ଫଳରେ ଚାକିରି ପାଇବାର ଆଶା ହରାଇବା ପରେ ବିଜୟଲକ୍ଷ୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିକଟରେ ବିଜୟଲକ୍ଷ୍ମୀ ଏହି ବୟାନ ଦେବା ସହ ତାଙ୍କ ଆତ୍ମାହୁତି ଉଦ୍ୟମର କାରଣ ବୋଲି କହିଛନ୍ତି। ଆଜି ସେ ଭଦ୍ରକ ଜିଲ୍ଲାପାଳଙ୍କୁ ଏ ବାବଦରେ ଭେଟି ଗୁହାରି କରିବା ପାଇଁ ଆସିଥିଲେ ମଧ୍ୟ ତାଙ୍କର ସାକ୍ଷାତ ହୋଇପାରିନଥିଲା। ତେଣୁ, ମାନସିକ ସନ୍ତୁଳନ ହରାଇ ସେ ଦିଆସିଲିରେ ନିଜ ଡ୍ରେସ୍‌ରେ ନିଆଁ ଲଗାଇଥିଲେ। ତାଙ୍କର ଡ୍ରେସ ଓ ଗୋଡ଼ରେ ନିଆଁ ଲାଗିଥିଲା।

■ ତାଳଚେରରେ କୋଇଲା ପରିବହନରୁ ବାୟୁ ପ୍ରଦୂଷଣ

# ଏନ୍‌ଜିଟିଙ୍କ ଜବାବ ତଲବ

କଟକ, ୨୧।୨(ସମିସ): କଳାହୀରାର ସହର ତାଳଚେରର ବାୟୁର ଗୁଣବତ୍ତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଏନ୍‌ଜିଟି। ଏଥିସହ ଏ ସଂପର୍କିତ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ସମସ୍ତ ପ୍ରତିପକ୍ଷଙ୍କୁ ଜବାବ ତଲବ କରିଛନ୍ତି। ସ୍ଥାନୀୟ ସ୍ୱେଚ୍ଛାସେବୀ ରାଜକିଶୋର ସାହୁଙ୍କ ଆବେଦନର ଶୁଣାଣି କରି ଆସନ୍ତା ଏପ୍ରିଲ ୧୬ ତାରିଖରେ ସମସ୍ତ ପକ୍ଷଙ୍କୁ ଜବାବ ରଖିବାକୁ ଏନଜିଟି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ କେବଳ ତାଳଚେରରେ ଚଳିତ ଆର୍ଥିକ ବର୍ଷରେ ମହାନଦୀ କୋଲ୍ ଲିମିଟେଡ୍ ବାର୍ଷିକ ୧୨୫ନିୟୁତ ଟନ୍ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ତାଳଚେର କୋଇଲା କ୍ଷେତ୍ର ୫୦୦ ବର୍ଗ କିମି ଅଞ୍ଚଳରେ ପରିବ୍ୟାପ୍ତ ଓ ଏହା ଦେଶର ସବୁଠାରୁ ବୃହତ୍ କୋଇଲା ଭଣ୍ଡାର। ଗତ ୨୨ ଜାନୁଆରୀ ୨୦୨୫ରେ ତାଳଚେରର ଏକ୍ୟୁଆଇ ୩୧୨ ପଏଣ୍ଟ ଥିଲା ବେଳେ ତାହା ଭାରତର ଦ୍ୱିତୀୟ ସର୍ବୋଚ୍ଚ ପ୍ରଦୂଷିତ ସହର ହୋଇଥିଲା। ଏଭଳି ପରିସ୍ଥିତିରେ କୋଇଲା ଖଣିରୁ ପରିବହନ ହେଉଥିବା କୋଇଲା ରେକ୍ ଓ ଗାଡ଼ିକୁ ପାଲ ଟାଣି ଢାଙ୍କିନେବାର ବ୍ୟବସ୍ଥା ଥିଲା ବେଳେ ତାହାକୁ ଅନୁପାଳନ କରାଯାଉନାହିଁ। ଏହାକୁ ଭିତ୍ତି କରି ଆବେଦନକାରୀ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏମସିଏଲ୍, ରାଜ୍ୟ ସରକାର, ସିପିସିବି, ଅନୁଗୋଳ ଜିଲ୍ଲାପାଳ, ପୂର୍ବତଟ ରେଳପଥ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

# ବାଙ୍କି ମୁହାଣରେ ହେବ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

ପୁରୀ,୨୧।୨(ସମିସ): ପୁରୀ ସମୁଦ୍ରରେ ମିଶୁଛି ବର୍ଜ୍ୟଜଳ। ଏହି ପ୍ରକ୍ରିୟା ଏବେ ବି ଜାରି ରହିଛି। ବିଭିନ୍ନ ହୋଟେଲ ଏବଂ ଘରୁ ବାହାରୁଥିବା ବର୍ଜ୍ୟଜଳ ସମୁଦ୍ରକୁ ଯାଉଛି। ଏହାକୁ ନେଇ ପରିବେଶବିତ୍‌ମାନେ ଗଭୀର ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ ପର୍ଯ୍ୟଟକମାନେ ମଧ୍ୟ ନାକ ଟେକୁଛନ୍ତି। ବର୍ଜ୍ୟଜଳ ବିଶୋଧନ କରାଯାଇ ସମୁଦ୍ରକୁ ଛାଡିବା ଲାଗି ବାଙ୍କିମୁହାଣରେ ଥିବା ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ଏହି ଧାରା ଏବେ ବି ଜାରି ରହିଛି। ତେବେ ଖୁବ୍‌ଶୀଘ୍ର ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ଏଣିକି ସହରର ବର୍ଜ୍ୟଜଳ ସମୁଦ୍ରରେ ମିଶିବା ଆଗରୁ ବିଶୋଧନ ହେବ। ଦୈନିକ ୧୫ ନିୟୁତ ଲିଟର ଜଳ ବିଶୋଧନ ପରେ ସମୁଦ୍ରକୁ ଛଡାଯିବ। ବାଙ୍କି ମୁହାଣରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଏସ୍‌ଟିପି। ଏହି ଏସ୍‌ଟିପି ପ୍ରତିଷ୍ଠା ସହ ୧୦ ବର୍ଷର ପରିଚାଳନା ପାଇଁ ଖର୍ଚ୍ଚ ହେବ ୪୮ କୋଟି ୭୪ ଲକ୍ଷ। ପୁରୀ ସହରର ୧୩ କିଲୋମିଟର ବ୍ୟାପୀ ବିସ୍ତୃତ ବେଳାଭୂମି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ବେଳେ ସମୁଦ୍ର ସ୍ନାନ ପାଇଁ ଭିଡ ବଢୁଛି। ପର୍ଯ୍ୟଟକଙ୍କୁ ସ୍ୱଚ୍ଛ ବେଳାଭୂମି ଭେଟିଦେବା ଏବଂ ସହରକୁ ଏକ ସ୍ୱଚ୍ଛ ସାମୁଦ୍ରିକ ପରିବେଶ ଭେଟିଦେବା ଉଦ୍ଦେଶ୍ୟରେ ଏହି ଅତ୍ୟଧିକ କ୍ଷମତା ବିଶିଷ୍ଟ ଏସ୍‌ଟିପି ପ୍ରତିଷ୍ଠା ହେବ।

ପୂର୍ବରୁ ବାଙ୍କି ମୁହାଣରେ ସ୍ଥାପନ କରାଯାଇଥିବା ଏସ୍‌ଟିପି ଅଚଳ ହେବା ପରେ ସହରରୁ ବାହାରୁଥିବା ପ୍ରଦୂଷିତ ଜଳ ସିଧାସଳଖ ସମୁଦ୍ରରେ ମିଶୁଥିଲା। ବର୍ଜ୍ୟଜଳ ସହ ବିଷାକ୍ତ ଫେଣ ସମୁଦ୍ରରେ ମିଶୁଥିବାରୁ ସମୁଦ୍ର ଜଳର ଗୁଣବତ୍ତା ପ୍ରଭାବିତ ହୋଇଥିଲା। ବାଙ୍କି ମୁହାଣ ନିକଟରେ ସମୁଦ୍ରଜଳର ଏଭଳି ପ୍ରଦୂଷଣକୁ

■ ଆଉ ସମୁଦ୍ରରେ ମିଶିବନି ହୋଟେଲ ଓ ଘରୁ ବାହାରୁଥିବା ବର୍ଜ୍ୟଜଳ
■ ଖର୍ଚ୍ଚ ହେବ ୪୮ କୋଟି, ୯ ମାସରେ ସରିବ କାମ

ଧରିଥିଲେ ସିଏଜି। ୨୦୨୨ରେ ପ୍ରକାଶିତ ସିଏଜି ରିପୋର୍ଟରେ ଦର୍ଶାଯାଇଥିଲା ଯେ, ୨୦୧୮ ମସିହାରେ ବାଙ୍କିମୁହାଣ ନିକଟରେ ୫ ନିୟୁତ ଲିଟର କ୍ଷମତା ବିଶିଷ୍ଟ ଏକ ଏସ୍‌ଟିପି ପ୍ରତିଷ୍ଠା ହୋଇଥିଲା। ଏ ବାବଦରେ ୧.୭୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ଏହି ଏସ୍‌ଟିପି କାର୍ଯ୍ୟକ୍ଷମ ନ ଥିବାରୁ ବର୍ଜ୍ୟଜଳ ସିଧାସଳଖ ସମୁଦ୍ରରେ ମିଶୁଥିଲା। ଫଳରେ ସେହି ବେଳାଭୂମି ଦୁର୍ଗନ୍ଧରେ ଫାଟି ପଡୁଥିଲା। ପର୍ଯ୍ୟଟକମାନେ ନାକ ଟେକୁଥିଲେ। ଏ ବାବଦରେ ଖର୍ଚ୍ଚ ହୋଇଥିବା ଅର୍ଥ କାମରେ ଆସି ନ ଥିଲା ବୋଲି ସିଏଜି ଦର୍ଶାଇଥିଲେ।

ଏଭଳି ସ୍ଥିତିକୁ ନେଇ ପରିବେଶବିତ୍‌ମାନେ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ବର୍ଜ୍ୟପାଣି ସାମୁଦ୍ରିକ ଜୀବଙ୍କ ପାଇଁ କ୍ଷତିକାରଣ ବୋଲି ମତ ଦେବା ସହ ଏହାର ସ୍ଥାୟୀ ସମାଧାନ ଦାବି କରିଆସୁଥିଲେ। ଏବେ ଏହାର ସମାଧାନ ହେବାକୁ ଯାଉଛି। ବାଙ୍କିମୁହାଣଠାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗରେ ଏକ ଏସ୍‌ଟିପି ପ୍ରତିଷ୍ଠା ହେବ। ଏହି ଏସ୍‌ଟିପି ନିର୍ମାଣ ପାଇଁ ୩୭କୋଟି ୪୯ ଲକ୍ଷ ଟଙ୍କା ଏବଂ ଏହାର ପରିଚାଳାନା ପାଇଁ ୧୧ କୋଟି ୨୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏ ନେଇ ଟେଣ୍ଡର ଆହ୍ୱାନ ସରିଛି। ୯ ମାସର ଅବଧି ମଧ୍ୟରେ କାମ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରାରମ୍ଭିକ ଭାବେ ଏହାର ଟପୋଗ୍ରାଫିକ ସର୍ଭେ ସହ ଜିଓ ଟେକ୍ନିକାଲ ତଦନ୍ତ କରାଯାଇ କାମ ଆରମ୍ଭ କରାଯିବ।

ପୁରୀ ସହରର ୬୦ ପ୍ରତିଶତରୁ ଅଧିକ ଅଞ୍ଚଳରେ ଅପରିଷ୍କାର ଜଳ ନିଷ୍କାସନ ହେଉଛି। ଲୋକଙ୍କ ଘର ଓ ବ୍ୟବସାୟିକ ଅନୁଷ୍ଠାନର ବର୍ଜ୍ୟ ଜଳ ନଳା ଦେଇ ସମୁଦ୍ରକୁ ଯାଉଛି। ଅନେକ ଘରର ପାଇଖାନା ବର୍ଜ୍ୟ ଜଳ ସିଧା ନଳାକୁ ଛଡାଯାଇଛି। ସେହିପରି କିଛି ହୋଟେଲର ବର୍ଜ୍ୟଜଳ ମଧ୍ୟ ସିଧା ସଳଖ ସମୁଦ୍ରରେ ମିଶୁଛି। ସହର ମଧ୍ୟରେ ଗଣାମଲ୍ଲ ସାହି ଡ୍ରେନ, ଧୋବାସାହି ଡ୍ରେନ ଓ ସମୁଦ୍ର ବେଳାଭୂମି ଡ୍ରେନ ଭଳି ୩ଟି ପ୍ରମୁଖ ନଳା ରହିଥିବା ବେଳେ ଏସବୁର ବର୍ଜ୍ୟ ଜଳ ଯାଇ ବାଙ୍କିମୁହାଣରେ ମିଶୁଛି। ସେଠାରେ ଏହା ସମୁଦ୍ରକୁ ଯାଉଛି। ତେଣୁ ସେଠାରେ ଚେକ୍ ଡ୍ୟାମ ନିର୍ମାଣ କରାଯାଇ ବର୍ଜ୍ୟଜଳକୁ ବିଶୋଧନ ପାଇଁ ଏସ୍‌ଟିପିକୁ ପଠାଯିବ। ଅନ୍ୟପକ୍ଷରେ ପୁରୀ ସହର ମଧ୍ୟରେ ୧୩.୫୬ କିଲୋମିଟର ବେଳାଭୂମି ଏହି ବାଙ୍କି ମୁହାଣ ନିକଟବର୍ତ୍ତୀ ଅଞ୍ଚଳରେ ରହିଛି। ଏଠାରେ ପର୍ଯ୍ୟଟକଙ୍କ ସମାଗମ ସହ ସ୍ନାନ ପାଇଁ ବ୍ୟବହାର ହେଉଛି। ତେଣୁ ପର୍ଯ୍ୟଟକଙ୍କୁ ସୁରକ୍ଷିତ ବେଳାଭୂମି ଭେଟି ଦେବା ପାଇଁ ସହରର ବର୍ଜ୍ୟ ଜଳକୁ ବିଶୋଧନ କରି ଛାଡିବା ଜରୁରୀ ହୋଇପଡିଛି। ଏବେ ବାଙ୍କି ମୁହାଣରେ ବର୍ଜ୍ୟ ସହ, ଦଳ, ପଙ୍କ, କଠିନ ବର୍ଜ୍ୟ ଜମା ହୋଇ ପରିବେଶ ଉପରେ କୁପ୍ରଭାବ ପକାଉଛି। ସାମୁଦ୍ରିକ ପରିସଂସ୍ଥାନର ସୁରକ୍ଷା ଓ ସ୍ୱଚ୍ଛତା ଦୃଷ୍ଟିରୁ ୱାଟକୋ ପକ୍ଷରୁ ଏହି ଅତ୍ୟାଧୁନିକ ଏସ୍‌ଟପି ତିଆରି କରାଯିବ ବୋଲି ୱାଟ୍‌କୋ ମ୍ୟାନେଜର ବିକ୍ରମ ରାଉତ କହିଛନ୍ତି।

# ଓଡ଼ିଶା ଫେରିଲେ ୪ ଓଡ଼ିଆ ଯୁବକ

ଭୁବନେଶ୍ୱର,୨୧।୨(ସମିସ): ଥାଇଲାଣ୍ଡରେ ଫସି ରହିଥିବା ୬ଜଣ ଓଡ଼ିଆ ଯୁବକଙ୍କ ମଧ୍ୟରୁ ୪ଜଣ ଓଡ଼ିଶାକୁ ଫେରି ଆସିଛନ୍ତ। ଏହି ଯୁବକମାନେ ହେଲେ ଜୟନ୍ତ କୁମାର ମଲ୍ଲିକ, ହେମନ୍ତ କୁମାର ବେହେରା, ମନୋରଞ୍ଜନ ସାହୁ ଓ ବିଜୟ କୁମାର ସ୍ୱାଇଁ। ଏମାନେ ଆଜି ନିଜ

## ଥାଇଲାଣ୍ଡରେ ଫସି ରହିଥିଲେ ୬ ଓଡ଼ିଆ



ନିଜ ଜିଲ୍ଲାରେ ପହଞ୍ଚିଛନ୍ତି।

ସୂଚନା ଅନୁସାରେ, ଓଡ଼ିଶାର କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରୁ ୬ ଜଣ ଯୁବକ ବିଗତ ୨୦୨୫ ମସିହା ଅଗଷ୍ଟ ମାସରେ ଥାଇଲାଣ୍ଡର ଏକ ପ୍ଲାଏଉଡ୍ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇଥିଲେ। ସେଠାରେ ଉକ୍ତ କମ୍ପାନୀର ମାଲିକ ସେମାନଙ୍କୁ ଦରମା ଦେଉନଥିବାର ଅଭିଯୋଗ କରିବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଘରକୁ ଫେରି ଆସିବା ପାଇଁ ଓଡ଼ିଶା ସରକାରଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଅନୁରୋଧ କରିଥିଲେ। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ୪ ଯୁବକଙ୍କୁ ଓଡ଼ିଶା ଫେରାଇ ଅଣାଯାଇଛି।

**ରେଞ୍ଜସ୍ତରୀୟ ଗଣବିକ୍ଷୋଭ ଓ ଧାରଣା**

# ଦ୍ୱିତୀୟ ଦିନରେ ଶତାଧିକ କେନ୍ଦୁପତ୍ର ତୋଳାଳି-କର୍ମଚାରୀ ସାମିଲ

କେନ୍ଦୁଝର, ୨୧।୨(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଆହ୍ୱାନରେ ଓଡ଼ିଶାର ୨୨ଟି ଜିଲ୍ଲାର ଶତାଧିକ ରେଞ୍ଜରେ ଘୋଷିତ ଦୁଇଦିନିଆ ଗଣଧାରଣା ଅନୁଷ୍ଠିତ ହୋଇଥିବା ବେଳେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ସମସ୍ତ ରେଞ୍ଜରେ ଗଣବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଶନିବାର ଶତାଧିକ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ସାମିଲ ହୋଇ ଦାବି ପୂରଣ ନେଇ ଗର୍ଜିଥିଲେ। ସମସ୍ତଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ



ପଠାଯାଇଛି। କେନ୍ଦୁଝର ଡିଭିଜନର ସଦର, ତେଲକୋଇ, ଆକୁଳ, ମହାବୀର ରୋଡ଼, ବାଙ୍ଗରିପୋଷୀ, ପରଜଙ୍ଗ ଓ କାମାକ୍ଷାନଗର ଆଦି ରେଞ୍ଜରେ ଶତାଧିକ ତୋଳାଳି ଓ ସିଜନାଲ୍ କର୍ମଚାରୀ ନିଜ ନିଜ ଦାବିନେଇ ଧାରଣାରେ ସାମିଲ ହୋଇଥିଲେ। ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ଡିଭିଜନ ସମ୍ପାଦକ ସଞ୍ଜୟ ଚୌଧୁରୀ, ମିଡିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ ସମସ୍ତ ରେଞ୍ଜ ଗସ୍ତ କରି ତୋଳାଳି ଓ କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେ। ଦାବି ପୂରଣ ନହେଲେ ୨୭ ଫେବୃଆରୀରେ କେନ୍ଦୁଝର ଚାନ୍ଦପୋଷି, ଜଗମୋହନପୁର, ବାରିଆପୁର, ପରଜଙ୍ଗ ସହ ରାଜ୍ୟତମାମ ରାସ୍ତାରୋକ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଆହ୍ୱାନ ଜଣାଇଥିଲେ। ରେଞ୍ଜ ସମ୍ପାଦକ ପ୍ରହଲ୍ଲାଦ ପରିଡା, ବାବାଜୀ ଦେହୁରୀ, ରବୀନ ନାୟକ, ପରମେଶ୍ୱର ମହନ୍ତ, ଦିବ୍ୟସିଂ ଦେହୁରୀ, ହରିଶଚନ୍ଦ୍ର ବିଶ୍ୱାଳ, ନରେଶ ମହନ୍ତ, ଶଙ୍କର୍ଷଣ ସାହୁ, ତ୍ରିଲୋଚନ ନାୟକ, କମଲୁ ନାୟକ, ପଦ୍ମନାଭ ନାୟକ, ରଞ୍ଜନ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଥିଲା।

# ୪ ମାସ ଧରି ଭତ୍ତା ଅପେକ୍ଷାରେ ହିତାଧିକାରୀ

## ■ ସାମାଜିକ ସୁରକ୍ଷା ଯୋଜନା ବାଟବଣା



ଚମ୍ପୁଆ,୨୧।୨(ସମିସ): ବୟସ ଆସି ଅପରାହ୍ନରେ ପହଞ୍ଚିଗଲାଣି। ରୋଗ ବ୍ୟାଧିଠାରୁ ନିସ୍ତାର ପାଇବା ପାଇଁ ଭତ୍ତା ଗଣ୍ଡାକ ସାହା ଭରସା। ଏଭଳି ସ୍ଥିତିରେ ୩୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ୪ ମାସ ଧରି ଭତ୍ତା ପାଇ ନଥିବା ଅଭିଯୋଗ ହୋଇଛି। ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତର ଏହି ଘଟଣା। ସ୍ଥାନୀୟ ସରପଞ୍ଚ ମାଧ୍ୟମରେ ବିଡିଓଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଦ୍ୱାରସ୍ଥ ହୋଇଥିଲେ ହେଁ ଆଜିପର୍ଯ୍ୟନ୍ତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରାୟ ୩୦ ହିତାଧିକାରୀଙ୍କୁ ପର ମୁହୂର୍ତ୍ତରେ କୌଣସି ସମସ୍ୟା ପାଇଁ ଭତ୍ତା ନିୟମିତ ଭାବେ ନିଆଯାଉନାହିଁ। କଷ୍ଟମଷ୍ଟେ ବ୍ୟାଙ୍କ ଦୌଡୁଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସଫଳ ହୋଇପାରିଲେ ନାହିଁ। ଏହି ଭତ୍ତା ମାଧ୍ୟମରେ ବାର୍ଦ୍ଧକ୍ୟ ଜନିତ ରୋଗଠାରୁ ଆରମ୍ଭ କରି ପେଟ ପାଇଁ ଦି ମୁଠା ଦାନା ପାଇପାରୁଥିବା ହିତାଧିକାରୀ ଭତ୍ତା ନପାଇ ଦୁଃଖରେ କାଳତିପାତ କରୁଛନ୍ତି। ସରପଞ୍ଚ ସୁପ୍ରିୟା ମୁଣ୍ଡା ଏନେଇ ବ୍ୟାଙ୍କ ସହିତ ସିମିତି ବ୍ୟବଧାନରେ ଯୋଗାଯୋଗ କରୁଥିଲେ ମଧ୍ୟ କାହିଁକି ବ୍ୟାଙ୍କକୁ ଭତାଧାରୀଙ୍କ ଅର୍ଥ ଆସୁନାହିଁ ସେନେଇ କୌଣସି ସଠିକ ଉତ୍ତର ପାଇପାରୁ ନଥିବା କହୁଥିବା ବେଳେ ଏହି ଭତ୍ତାଧାରୀଙ୍କ ମଧ୍ୟରୁ କେତେକ ମୃତ୍ୟୁ ହୋଇଯାଇଥିବା କହିଛନ୍ତି। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ପ୍ରଦାନ ସହିତ ବୃଦ୍ଧବୃଦ୍ଧା ଓ ରୋଗଗ୍ରସ୍ତ ଲୋକଙ୍କୁ ଘରେ ଯାଇ ଭତ୍ତା ପ୍ରଦାନ କରାଯାଉଥିଲା। ମାତ୍ର ବ୍ୟାଙ୍କ ହିତାଧିକାରୀମାନେ ୪ ମାସ ହେଲା ଭତ୍ତା ପାଇ ନଥିବା କହିଛନ୍ତି। ସେହିପରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରାବଣୀ ଜେନାଙ୍କ କହିବାନୁଯାୟୀ, ବ୍ୟାଙ୍କରେ ଅପଡେଟ ଠିକ ଭାବରେ ହୋଇ ନଥିବାରୁ ଏପରି ସମସ୍ୟା ଦେଖାଦେଇଛି ଚଳିତ ମାସ ୨୮ ତାରିଖ ସୁଧା ହିତାଧିକାରୀମାନେ ଭତ୍ତା ପାଇବେ ବୋଲି କହିଛନ୍ତି।

# ଫୁଲୁରିଗଡ଼ିଆରେ ଅଷ୍ଟପ୍ରହର ନାମଯଜ୍ଞ

ଆନନ୍ଦପୁର, ୨୧।୨ (ସମିସ): ଘସିପୁରା ବ୍ଲକ ଫୁଲୁରିଗଡ଼ିଆ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଓ ଗୌରଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଏହି ଦିବ୍ୟ କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ। ଅଧିବାସ ପରେ ନାମଯଜ୍ଞରେ କାଟେଣୀ କିଆପଦା ଗୌରପାଳ କୋରେଇ ଗଡ଼ିଆ ପଟିଲୋ କରଡାମାଳି ଜର୍ଦ୍ଦା ଗ୍ରାମର ସଂକୀର୍ତ୍ତନ ଦଳ ନଗର ଭ୍ରମଣ କରିଥିଲେ। ସ୍ମୃତିରେଖା ବୋଇତେଇ ଦହିହାଣ୍ଡି ବୁଲାଇଥିବା ବେଳେ ଭାଗୀରଥି ଜେନା ପ୍ରଫୁଲ ବିହାରୀ କ୍ଷମାକର ବିହାରୀ ନିତ୍ୟାନନ୍ଦ ବିହାରୀ ରମେଶ ମହାରଣା ପ୍ରକାଶ ମହାରଣା ସୁବାସ ମହାରଣା ମାୟାଧର ମହାରଣା ଜଗବନ୍ଧୁ ବେହେରା ଶତ୍ରୁଘନ ପଲେଇ ବ୍ରଜବନ୍ଧୁ ଜେନା ଶ୍ରୀଧର ଜେନା ଗିରିଧାରୀ ଦାସ ଗିରିଧାରୀ ବେହେରା ଚନ୍ଦ୍ରମଣି ବେହେରା ମନରଞ୍ଜନ ନାୟକ ପ୍ରଶାନ୍ତ ବିହାରୀ ତପୁ ଜେନା ଗୁନିଆ ଜେନା ପ୍ରମୁଖ ସହଯୋଗ କରିଥିଲେ।



# ଶଂଖୋ ଗାଁରେ ସାହିତ୍ୟ ଓ ପ୍ରତିଭା ସମ୍ମାନ-ସମ୍ବର୍ଦ୍ଧନା



ହାଟଡ଼ିହୀ,୨୧।୨(ସମିସ): ସାହିତ୍ୟକୁ ଲୋକାଭିମୁଖୀ ଓ ସାର୍ବଜନୀନ କରିବା ଲକ୍ଷ୍ୟନେଇ ହାଟଡ଼ିହୀ ବ୍ଲକ ଶଂଖୋ ଗାଁ ମନ୍ଦିର ପ୍ରାଙ୍ଗଣରେ ସାହିତ୍ୟ ସଭା ଓ ପ୍ରତିଭା ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ଶିଶୁ ସାହିତ୍ୟ ସମିତି ଦ୍ୱାରା ଆୟୋଜିତ ସଭାରେ ଇନ୍ଦ୍ରମଣି ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବେ ସାହିତ୍ୟିକ କୀର୍ତ୍ତନ ସାହୁ ଯୋଗ ଦେଇଥିଲେ। କଳାକାର ଗଂଗାଧର ପଲତା, ସଫଳ କୃଷକ ଭରତଚନ୍ଦ୍ର ଶଂଖୁଆ, ସଫଳ ଶିକ୍ଷକ କ୍ଷେତ୍ରବାସୀ ମିଶ୍ର, ଯୁବ ଖେଳାଳି ବସନ୍ତ କୁମାର ଦାଶଙ୍କୁ ମାନପତ୍ର ଉତ୍ତରୀୟ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ହାସ୍ୟମୟୀ ରାଜ, ଶ୍ରୀକାନ୍ତ ପଟ୍ଟନାୟକ ଓ ଦୀପ୍ତି ଦେବଦର୍ଶିନୀ ସୁତାରଙ୍କ ସଂଯୋଜନାରେ ବୈଲୋଚନ ସୁତାର, ମଙ୍ଗୁଳି ଚରଣ ପୃଷ୍ଟି, ପୁଷ୍ପମଞ୍ଜରୀ କର, ଜନାର୍ଦ୍ଦନ ସେଠୀ, ହଳଧର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, ଘନଶ୍ୟାମ ବୋଇତେଇ, ଗୋକୁଳ ବିହାରୀ ପୃଷ୍ଟି, ଶରତ କୁମାର ରାଉତ, ବିଦ୍ୟୁତପ୍ରଭା ଦେଓ, କୁମୁଦିନୀ ସାମଲ, ସନ୍ଧ୍ୟାରାଣୀ କୌଶିକ, ସତ୍ୟଭାମା ଜେନା, ସୁଭଦ୍ରା ସାହୁ, ସୁରେନ୍ଦ୍ର ପରିଡା, ମୁରଲୀଧର ବେହେରା, ଶ୍ରୀକାନ୍ତ ପଣ୍ଡା, ବାସୁଦେବ ନାୟକ, ଅକ୍ଷୟ ଜେନା, ହରିହର ସାମଲ, ସୁଦାମ ଚରଣ ଜେନା, ନିର୍ମଳ ବାରିକ, ଚତୁର୍ଭୁଜ ପହୀ, ଅନ୍ତର୍ଯ୍ୟାମୀ ରାଉତ, କୈଳାସଚନ୍ଦ୍ର ବେହେରା, ସରୋଜ ସାହୁ, ନୀଳମଣି ବାରିକ, ଆଦିକନ୍ଦ ରାମ, ଜଗନ୍ନାଥ ଜେନା, ନାରାୟଣ ଲେଙ୍କା ପ୍ରମୁଖ କବି ଶିଶୁ କବିତା ଆବୃତ୍ତି କରିଥିଲେ। ସମ୍ପାଦକ ନାରାୟଣ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପାଧ୍ୟକ୍ଷ ସଭାପତି ସୁରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନ୍ଦରାପାଳରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ହାଟଡ଼ିହୀ,୨୧।୨(ସମିସ): ହାଟଡ଼ିହୀ ବ୍ଲକ ଜମ୍ବିରା ପଞ୍ଚାୟତ ଅନ୍ତର୍ଗତ ଗଡ଼ଚଣ୍ଡୀ ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ସୁନ୍ଦରାପାଳ ମିନି ଷ୍ଟାଡିଅମଠାରେ ଶୁକ୍ରବାର ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ତିନିଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୪ଟି ପ୍ରମୁଖ ଦଳ ଅଂଶଗ୍ରହଣ କରିଛନ୍ତି। ଶୁକ୍ରବାର ଫ୍ୟୁଚର କ୍ରିକେଟ କ୍ଲବ ଭୁବନେଶ୍ୱର ଓ ସିଏସି ଇଞ୍ଜାନପୁର ଯାଜପୁର ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟି-୨୦ ଫର୍ମାଟ୍‌ରେ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଫ୍ୟୁଚର କ୍ରିକେଟ କ୍ଲବ୍‌କୁ ୬ ୱିକେଟରେ ହରାଇ ସିଏସି ଇଞ୍ଜାନପୁର ବିଜୟୀ ହୋଇଛି। ରୋହିତ ସାଗର ୪୦ ବଲରେ ୬୩ ରନ କରିଥିଲେ। ସିଏସି ଇଞ୍ଜାନପୁର ଯାଜପୁରର ଆକାଶ ତ୍ରିପାଠୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସାର୍ଥକ ରଞ୍ଜନ ବିଶ୍ୱାଳ ଓ ଶାନ୍ତନୁ ରାଉତ ଅମ୍ପାୟାର ଥିବା ବେଳେ ସୁଶାନ୍ତ ବେହେରା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ସ୍ମରାଳ ସାହୁ, ଜ୍ୟୋତିରଞ୍ଜନ ଜେନା ସ୍କୋରର ଥିଲେ। ସତ୍ୟବ୍ରତ ରାଉତ, ପ୍ରଦ୍ୟୁମ୍ନ ରାଉତ, ହିମା ମଲ୍ଲିକ, ଦେବବ୍ରତ ରାଉତ, ତାରିଣୀ ସେଠୀ, ଖଗେଶ୍ୱର ମଲ୍ଲିକ, ପଦ୍ମନାଭ ସାମଲ, ପ୍ରିୟବ୍ରତ ରାଉତ, କାଠି ପାତ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି। ଆଜି ଆରସିସି ରାଉରକେଲା ଓ ୟୁନାଇଟେଡ଼ ଇଲେଭେନ ବ୍ରହ୍ମପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି।

# ମହୁଲିମଦ ଜବତ; ୨ ଗିରଫ




ହାଟଡ଼ିହୀ,୨୧।୨(ସମିସ): ଆନନ୍ଦପୁର ଅବକାରୀ ରେଞ୍ଜ ଥାନା ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ନନ୍ଦିପଦା ଥାନା ଓ ସୋସୋ ଥାନା ଅନ୍ତର୍ଗତ ଚୋରଗଡିଆ, ଅନ୍ଧାରୀ, ଜାବିନପୁର ଆଦି ଅଞ୍ଚଳରେ ଚଢ଼ଉ କରି ୨୭୭ ଲିଟର ଦେଶୀ ରନ୍ଧା ମହୁଲିମଦ ଓ ୫୨୦୦ ଲିଟର ମହୁଲ ପୋଚ ଜବତ କରିଛନ୍ତି। ଏନେଇ ରୁଜୁ ହୋଇଥିବା ୪ଟି ଅବକାରୀ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ସଞ୍ଜୁ ଜେନା, ଭୀଷ୍ମ ସୋରେନଙ୍କୁ ଗିରଫ କରାଯାଇଛି। ଜବତ ମହୁଲିମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ଏବଂ ଅନ୍ୟ ଷ୍ଟାଫ୍‌ମାନେ ସାମିଲ ଥିଲେ।

**● କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମାସିକ ସମୀକ୍ଷା ବୈଠକ**

# ଓସୱାସ ଓ ଓଡ଼ିଆ ଭାଷାକୁ ଗୁରୁତ୍ୱ

କେନ୍ଦୁଝର,୨୧।୨(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର ହଲ୍‌ଠାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ (ସାଧାରଣ)ଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାସିକ କର୍ମଚାରୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ଦୈନନ୍ଦିନ କାର୍ଯ୍ୟରେ ବାଧାବିଘ୍ନ ଦୂର କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଛି। ବିଶେଷ କରି ଓସୱାସ ମାଧ୍ୟମରେ ଫାଇଲ୍ ପରିଚାଳନା ସରକାରୀ ଫାଇଲ୍‌ଗୁଡ଼ିକର କାର୍ଯ୍ୟକାରିତାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଓସୱାସ ପୋର୍ଟାଲର ସଠିକ୍ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଫାଇଲ୍ ମୁଭମେଣ୍ଟ ଯେପରି ଅନଲାଇନ୍ ମାଧ୍ୟମରେ ସୁରୁଖୁରୁରେ ହେବ, ସେଥିପାଇଁ ଅଧିକାରୀଙ୍କ ସହଯୋଗ ଲୋଡ଼ାଯାଇଛି। କର୍ମଚାରୀମାନଙ୍କୁ ପେଣ୍ଡିଂ ରହୁଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ଯାଞ୍ଚ କରି ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଇଂରାଜୀ ପରିବର୍ତ୍ତେ ଓଡ଼ିଆ ଭାଷାରେ କିଭଳି ସରକାରୀ ଚିଠିପତ୍ର ଓ ଡ୍ରାଫ୍ଟ ପ୍ରସ୍ତୁତ କରାଯିବ, ସେ ସମ୍ପର୍କରେ କର୍ମଚାରୀମାନଙ୍କୁ ତାଲିମ ଦିଆଯିବା ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ (ସାଧାରଣ) ଏହି ବୈଠକରେ ଉପସ୍ଥାପନା କରିଥିଲେ। ପ୍ରଶାସନିକ କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ଏଣିକି ପ୍ରତି ମାସରେ ଏହିଭଳି ସମୀକ୍ଷା ବୈଠକ କରାଯାଇ କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ(ରାଜସ୍ୱ) ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଡିଜିଟାଲ୍ ଫାଇଲ୍ ମୁଭମେଣ୍ଟରେ ଯେପରି କୌଣସି ବାଧା ଉପୁଜିବ ନାହିଁ ଏବଂ ବୈଷୟିକ ତ୍ରୁଟି ଯୋଗୁଁ କାର୍ଯ୍ୟ ଯେପରି ବିଳମ୍ବ ନହେବ, ସେଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀମାନେ ଯେପରି ଓସୱାସ ପ୍ରକ୍ରିୟାକୁ ସହଜରେ ବୁଝିପାରିବେ, ସେଥିପାଇଁ ସେମାନଙ୍କୁ ସମ୍ୟକ ଜ୍ଞାନ ଓ ପ୍ରଶିକ୍ଷଣ ଦେବାକୁ କୁହାଯାଇଛି। ଏହି ସମୀକ୍ଷା ବୈଠକ ବିଭିନ୍ନ ବିଭାଗର ଉପରିସ୍ଥ ଅଧିକାରୀ ଏବଂ ସେକ୍ସନ ଅଫିସରମାନେ ନିଜ ନିଜ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ମତାମତ ରଖିଥିଲେ। ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ପାଇଁ ଏହି ମାସିକ ବୈଠକ ଏକ ମୁଖ୍ୟ ମାଧ୍ୟମ ହେବ।

# ମଧୁସୂଦନ କୀର୍ତ୍ତନମଣ୍ଡଳୀ ସଦସ୍ୟଙ୍କ ଦେହାନ୍ତ

ଆନନ୍ଦପୁର, ୨୧।୨ (ସମିସ): ଆନନ୍ଦପୁର ୧୪ ନମ୍ବର ୱାର୍ଡ ଘଷିପୁରା ଗ୍ରାମର ବହୁ ପୁରାତନ ମଧୁସୂଦନ କୀର୍ତ୍ତନମଣ୍ଡଳୀର ବରିଷ୍ଠ ସଦସ୍ୟ କାମପାଳ ମହାରଣାଙ୍କ (୮୯) ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ନିଜ ଗାଁର ଜୟଦୁର୍ଗା ଅପେରା ପାର୍ଟିରେ ଜଡ଼ିତ ରହିଥିବା ସହ ଗାଁ ମନ୍ଦିରରେ ବହୁ ଲୋକ ହିତକର କାର୍ଯ୍ୟ କରିଛନ୍ତି। ଜଣେ ଭଲ ନାଟ୍ୟ ଅଭିନେତା ତଥା ସଂକୀର୍ତ୍ତନପ୍ରେମୀ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଆନନ୍ଦପୁର ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ପୁଅ ହରିନାଥ ମହାରଣା, ନରିନାଥ ମହାରଣା, ପୁତୁରା ଜଗନ୍ନାଥ, ପୁପୁନ, ବଡ଼ଝିଅ ଅନ୍ନପୂର୍ଣ୍ଣା, ସତ୍ୟଭାମା, ଝୁନୁ, ବଡ଼ ଜ୍ୱାଇଁ ଅନାଡ ଚରଣ ମହାରଣା ଏବଂ ନାତିନାତୁଣୀ, ବୋହୂ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ବଡ଼ପୁଅ ହରିନାଥ ମୁଖଗ୍ନି ଦେଇଥିଲେ। ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି।



# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃଭାଷା ଦିବସ

ଆନନ୍ଦପୁର, ୨୧।୨ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିର ବୌଦ୍ଧିକ ମଣ୍ଡପଠାରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଛି। ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ମାତୃଭାଷାର ଗୁରୁତ୍ୱ, ପ୍ରଚାର ପ୍ରସାର ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ।



ଗୁରୁଜୀ ହରେକୃଷ୍ଣ ପତି, ଯୁଧିଷ୍ଠିର ଗୁରୁଜୀ, ବିଶ୍ୱଜିତ ଗୁରୁଜୀ, ଅହଲ୍ୟା ଗୁରୁମା ଓ ୪ର୍ଥ ଶ୍ରେଣୀର ଛାତ୍ର ସତ୍ୟସ୍ୱରୂପ ସାହୁ ସାମିଲ ଥିବା ବେଳେ ମାତୃଭାଷା ଦିବସ ସମ୍ପର୍କରେ ଶିଶୁମାନେ ବକ୍ତବ୍ୟ ରଖିଥିଲେ। ଶିଶୁଙ୍କ ମଧ୍ୟରେ ମାତୃଭାଷା ସମ୍ବନ୍ଧୀୟ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ କରାଯାଇ ପୁରସ୍କାର ବଣ୍ଟନ କରାଯାଇଥିଲା। ଗୁରୁଜୀ ପଙ୍କଜ କୁମାର ମହାନ୍ତି ପରିଚାଳନା କରିଥିଲେ। ମାନସୀ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଭୂୟାଁରୋଇଡ଼ା ଚାମ୍ପିଅନ

ଯୋଡ଼ା,୨୧।୨(ସମିସ): ଯୋଡ଼ା ବ୍ଲକ ଭୂୟାଁରୋଇଡ଼ା ପଞ୍ଚାୟତ ରୋଇଡା ସି ଲୌହ ଓ ମାଙ୍ଗାନିଜ ଖଣି, ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ




ପକ୍ଷରୁ ଦ୍ୱିତୀୟ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଦୁଇ ଦିବସୀୟ ଟୁର୍ଣ୍ଣାମେଣ୍ଟରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରୁ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଭୂୟାରୋଇଡ଼ା ଫୁଟବଲ ଟିମ ଏବଂ ଭୁତ ହଟିଙ୍ଗ ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୂୟାରୋଇଡ଼ା ଫୁଟବଲ ଟିମ ୨-୦ ଗୋଲରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଉଦଯାପନୀ ସମାରୋହର ମୁଖ୍ୟଅତିଥି ଭାବେ ଓଡ଼ିଶା ଖଣି ନିଗମ ବଡ଼ବିଲ ଆଞ୍ଚଳିକ ପ୍ରବନ୍ଧକ ପ୍ରଦ୍ୟୁମ୍ନ ନାୟକ, ସମ୍ମାନିତ ଅତିଥି ରୂପେ ଭୂୟାଁରୋଇଡ଼ା ସରପଞ୍ଚ ତୁଳସୀ ବବଙ୍ଗା, ଖଣି ପ୍ରବନ୍ଧକ ଅଂଶୁମାଳି ସାହୁ, ଭୂୟାଁରୋଇଡ଼ା ସମିତିସଭ୍ୟ ସରୋଜିନୀ ମୁଣ୍ଡା ଯୋଗ ଦେଇଥିଲେ। ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ସିଏସଆର ପରାମର୍ଶଦାତା ନୂତନ ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କୃଷ୍ଣଚନ୍ଦ୍ର ମହାନ୍ତ, ଦୀପକ ମହାନ୍ତ, ଶଙ୍କର୍ଷଣ ନାଏକ, ଯତୀନ ମହାନ୍ତ ଏବଂ ତାଙ୍କ ସହଯୋଗୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ। କ୍ଷୀରୋଦ ଗିରି ଭାଷ୍ୟକାର ଥିଲେ। ପ୍ରବୀଣ ଶୟ, ସୁନାକାର ସାହୁ, ଇନ୍ଦ୍ରଦ୍ୟୁମ୍ନ ପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**■ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା**

# ଜଣେ ଗୁରୁତର, ୧ ଆହତ

ତୁରୁମୁଙ୍ଗା, ୨୧।୨(ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ନିହୁଆଁ ଛକ ନିକଟରେ ଶନିବାର ଅପରାହ୍ନରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଗୁରୁତର ହୋଇଛନ୍ତି। ଅନ୍ୟ ଜଣେ ଆହତ ହୋଇଛନ୍ତି। ଗୁରୁତରଙ୍କୁ ଏନଏଚଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରାଇକଳା ଗ୍ରାମର ମେଘନାଥ ଜେନାଙ୍କ ହାତ ଓ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ନରଣପୁରର ରଣଜିତ ବାରିକ ସାମାନ୍ୟ ଆହତ ହୋଇଛନ୍ତି। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ କରୁଛି।

**ବିଧାନସଭାରେ ମନ୍ତ୍ରୀଙ୍କ ସୂଚନା ପରେ**

# ପୁଣି ମୁଣ୍ଡ ଟେକିବ ଆନନ୍ଦପୁରକୁ ଜିଲ୍ଲା ଦାବି

ଆନନ୍ଦପୁର, ୨୧।୨(ସମିସ): ଆନନ୍ଦପୁରକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବି ପୁଣି ଜୋର୍ ଧରିବ। ଏଥର ଦାବି ପୂରଣ ନେଇ ଠୋସ ନିଷ୍ପତ୍ତି ଉପରେ ପହଞ୍ଚିବା ଯାଏ ଦୁର୍ବାର ଆନ୍ଦୋଳନ ମୁଣ୍ଡ ଟେକୁଥିବା ଜଣାଯାଇଛି। ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବୟାନ ଉପଖଣ୍ଡବାସୀ ତଥା ଆଶାବାଦୀଙ୍କୁ ସକ୍ରିୟ କରିଛି। ବିଧାନସଭାରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଓଡ଼ିଶାରେ ନୂଆ ଜିଲ୍ଲା ଗଠନର ପ୍ରସ୍ତାବ ସମ୍ପର୍କରେ ରାଜ୍ୟ ସରକାରଙ୍କଠାରୁ ଜାଣିବାକୁ ଚାହିଁଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ନିଜ ଉତ୍ତରରେ ରାଜ୍ୟରେ ନୂତନ ୩୧ଟି ଜିଲ୍ଲା ଗଠନ ପାଇଁ ପ୍ରସ୍ତାବ ଆସିଥିବା ସୂଚନା ଦେଇଥିଲେ। ଏହି ତାଲିକାରେ କେନ୍ଦୁଝର ଜିଲ୍ଲାରୁ ଏକମାତ୍ର ଆନନ୍ଦପୁରର ନାମ ରହିଥିବା ମନ୍ତ୍ରୀ କହିଥିଲେ। ଏପରିକି ୨୦୨୬-୨୭ ଆର୍ଥିକ ବର୍ଷରେ ନୂତନ ଜିଲ୍ଲା ଗଠନପାଇଁ ଦାବିପତ୍ର ପ୍ରାପ୍ତହେଲେ ସରକାର ଏହାର ବିଚାର କରିବେ।

ଏହି ଖବର ମିଳିବା ପରେ ଆନନ୍ଦପୁର ଉପଖଣ୍ଡବାସୀଙ୍କ ମତ ଅନୁସାରେ, ଆନନ୍ଦପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ପ୍ରଦାନ ନେଇ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରାଯିବା ନେଇ ପୁଣି ଆନ୍ଦୋଳନର ଆବଶ୍ୟକ ରହିଛି। କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡକୁ ସବୁ କ୍ଷେତ୍ରେର ଅବହେଳା ପ୍ରଦର୍ଶନ କରାଯାଉଛି। ଜିଲ୍ଲାସ୍ତରୀୟ ଅଧିକାରୀମାନେ କେବଳ ସରକାରୀ କାର୍ଯ୍ୟରେ ଆନନ୍ଦପୁର ଆସୁଥିବାବେଳେ ଅନ୍ୟ ସମୟରେ ତାଙ୍କର ପାଦ ପଡୁନି। ଏପରିକି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏଠାରେ ରହୁନାହାନ୍ତି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ୍ୟ ସମସ୍ୟା ସମାଧାନ କ୍ଷେତ୍ରରେ କାହାର ଆନ୍ତରିକତା ରହୁନି। ଉପଖଣ୍ଡର କେତେକ ସ୍ଥାନରୁ ଜିଲ୍ଲା ମୁଖ୍ୟାଳୟର ଦୂରତା ୧୪୦କିମି ହୋଇଥିବାରୁ ସେହିସବୁ ସ୍ଥାନର ଲୋକେ କୌଣସି କାମରେ ମୁଖ୍ୟାଳୟକୁ ଗଲେ ହଇରାଣ ହେଉଛନ୍ତି। ଅନେକ ସମୟରେ ଲୋକେ ମୁଖ୍ୟାଳୟରେ ରାତି ରହି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ରାଜ୍ୟରେ ନୂତନ ସରକାର ଗଠନ ପରେ ମଧ୍ୟ ଅବହେଳା ଜାରି ରହିଛି। ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ହୋଇଥିଲେ ହେଁ ଆନନ୍ଦପୁର ଉପଖଣ୍ଡରେ ଏହାର କୌଣସି ପ୍ରଭାବ ରହୁନି। ପୂର୍ବରୁ ୨୦୨୩ ମସିହାରେ ଜିଲ୍ଲା ଗଠନ ପାଇଁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୯ଦିନ ଧରି ଆନ୍ଦୋଳନ ହୋଇଥିଲା। ଏଥିରେ ଉପଖଣ୍ଡରୁ ସବୁବର୍ଗର ଜନସାଧାରଣ ସାମିଲ ହୋଇଥିଲେ। ଏବେ ପୁଣି ଥରେ ଏଥିପାଇଁ ଆନ୍ଦୋଳନ ଚାଲିବ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି। ଆନନ୍ଦପୁର ବିକାଶ ପରିଷଦର ସଭାପତି ରମାକାନ୍ତ ନାୟକ କହିଛନ୍ତି, ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ପ୍ରଦାନ କରିବାକୁ ବହୁଦିନରୁ ଆନ୍ଦୋଳନ ଚାଲିଛି। ସ୍ୱତନ୍ତ୍ର ଜିଲ୍ଲା ଗଠନ କରାଗଲେ ଉପଖଣ୍ଡର ବହୁ ମୌଳିକ ଦାବି ପୂରଣ ହୋଇପାରିବ ବୋଲି ସେ କହିଛନ୍ତି।



## ବିଶ୍ୱ ମାତୃଭାଷା ଦିବସ



ବାଲେଶ୍ୱର,୨୧।୨(ସମିସ): ସଦର ବ୍ଲକ ବଡକିଆ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ସ୍ଥାନୀୟ ଗ୍ରାମବାସୀ, ମାଟ୍ରିକ ପରୀକ୍ଷାର୍ଥୀଙ୍କ ଅଭିବାବକଙ୍କ ଉପସ୍ଥିତରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପରିଷଦ ସଭାପତି ଜଳଧର ସାମଲ ଅଧ୍ୟକ୍ଷତରେ ଆୟୋଜିତ 'ମୋ ଭାଷା ମୋ ପାଇଁ ଶ୍ରେଷ୍ଠ' ଆଲୋଚନା ଚକ୍ରରେ ଇଂ ମନ୍ମଥ କୁମାର ବାରିକ ମଞ୍ଚ ଆହ୍ୱାନ କରିଥିଲେ। ସମ୍ପାଦକ କବି ସୁଧାକର ସେଠୀ ପ୍ରାରମ୍ଭିକ କଥା ରଖିବା ସହ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନେଇଥିବା ବରପୁତ୍ରମାନଙ୍କୁ ସ୍ମରଣ କରିଥିଲେ। ଶ୍ରୀ ସେଠୀ କବିତା ମାଧ୍ୟମରେ ନିଜ ମାତୃଭାଷାର ଜୟଗାନ କରିବା ସହ, ଆଗାମୀ ଦିନରେ ଭାଷାର ସୁରକ୍ଷା, ବିକାଶ ପାଇଁ ପରିଷଦ ବିଭିନ୍ନ କାର୍ଯ୍ୟକ୍ରମ କରିବ ବୋଲି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ନବକୁମାର ନାୟକ, ବିଜୟ ଦାସ, ଠକର ଚରଣ ପାଢ଼ୀ, ଜୟଶ୍ରୀ ରାଉତ, ଲକି ସାମଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହସମ୍ପାଦିକା ସାବିତ୍ରୀରାଣୀ ଦାସ, ଶୁଭ୍ରାଂଶୁ କୁମାର ରାଉତ, ଭବେଶ କୁ ମହାନ୍ତି, ରାହୁଲ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ। ରଶ୍ମିରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଇଂରାଜୀ ପରୀକ୍ଷାରେ ୮୫୯ ଛାତ୍ରଛାତ୍ରୀ ଅନୁପସ୍ଥିତ

ମାଟ୍ରିକ୍ ପରୀକ୍ଷା

ବାଲେଶ୍ୱର,୨୧।୨(ସମିସ)

ଚଳିତ ମାସ ୧୯ତାରିଖ ଠାରୁ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଆଜି ଇଂରାଜୀ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏ ନେଇ ମୋଟ୧୮୩ଟି ସେଂଟରରେ ୩୨ହଜାର ୩୦୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୧ହଜାର ୫୪୭ଜଣ ପରୀକ୍ଷା ଦେଇଥିବା ବେଳେ ମୋଟ ୮୫୯ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ଆଜି ରେଗୁଲାର ଇଂରାଜୀ ପରୀକ୍ଷାରେ ମୋଟ ୩୦ ହଜାର ୪୯୧ଜଣ ଛାତ୍ରଛାତ୍ର ପରୀକ୍ଷା ଦେଇଥିବା ବେଳେ ୬୮୮ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ସେହିପରି ମଧ୍ୟମା ପରୀକ୍ଷାରେ ୮୯୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୬୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୩୬ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଏସଓଏସସିରେ ୨୯୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୫ଜଣ ଅନୁପସ୍ଥିତ ରହିଛନ୍ତି। ଆଜି କୌଣସି ଛାତ୍ରଛାତ୍ରୀ ଏମପିରେ ବୁକ ହୋଇନଥିବା ଜଣାଯାଇଛି। ଅନ୍ୟପଟେ ଚଳିତ ବର୍ଷ ରେଗୁଲାର ପରୀକ୍ଷାରେ ସିମୁଳିଆ ବ୍ଲକର ଆରଏନ ସରକାରୀ ବିଦ୍ୟାଳୟରେ ୧୫୫୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ୧୫୩୨ଜଣପରୀକ୍ଷାଦେଇଥିବାବେଳେ୨୭ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବସ୍ତା ବ୍ଲକର ଏସଏନ ହାଇସ୍କୁଲରେ ୨୨୫୪ଜଣ ରେଗୁଲାର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୯୪ଜଣ ପରୀକ୍ଷା ଦେଇଥିବା ବେଳେ ୬୦ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଖଇରା ବ୍ଲକର ଖଇରା ସରକାରୀ ହାଇସ୍କୁଲରେ ୩୬୧୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୫୨୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮୭ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବାହାନଗା ବ୍ଲକର ଖନ୍ତାପଡା ହାଇସ୍କୁଲରେ ୨୨୧୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୬୯ଜଣ ପରୀକ୍ଷା ଦେଇଥିବା ବେଳେ ୪୧ଜଣ ଅନୁପସ୍ଥିତ ରହିଛନ୍ତି। ରେମୁଣା ବ୍ଲକରେ ରେମୁଣା ହାଇସ୍କୁଲରେ୨୦୫୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୦୭ଜଣ ପରୀକ୍ଷା ଦେଇଥିବା ବେଳେ ୪୩ଜଣ ଅନୁପସ୍ଥିତ ରହିଛନ୍ତି। ନୀଳଗିରି ବ୍ଲକରେ କେସି ହାଇସ୍କୁଲରେ ୨୪୬୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୪୦୪ଜଣ ପରୀକ୍ଷା ଦେଇଥିବା ବେଳେ ୬୩ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ସୋର ବ୍ଲକରେ ଏସଏନ ହାଇସ୍କୁଲରେ ୨୬୨୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୫୫୭ଜଣ ପରୀକ୍ଷା ଦେଇଥିବା ବେଳେ ୭୧ଜଣ ଅନୁପସ୍ଥିତ ରହିଛନ୍ତି। ଜଳେଶ୍ୱର ବ୍ଲକରେ ଜଳେଶ୍ୱର ସରକାରୀ ହାଇସ୍କୁଲରେ ୩୦୨୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୯୫୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୭ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଭୋଗରାଇ ବ୍ଲକରେ କମର୍ଦ୍ଧା ଜେଏନ ହାଇସ୍କୁଲରେ ୧୪୫୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ୧୪୧୯ଜଣ ପରୀକ୍ଷା ଦେଇଥିବା ବେଳେ ୩୯ଜଣ ଅନୁପସ୍ଥିତ ଥିବା ବେଳେ ଏଚସି ଏକାଡେମୀରେ ୨୨୦୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୮୨ଜଣ ପରୀକ୍ଷା ଦେଇଥିବା ବେଳେ୨୭ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବାଲିଆପାଳ ବ୍ଲକର ଏସଆର ସରକାରୀ ହାଇସ୍କୁଲରେ ୩୧୮୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୦୯୧ଜଣ ପରୀକ୍ଷା ଦେଇଥିବା ବେଳେ ସର୍ବାଧିକ ୯୬ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବାଲେଶ୍ୱର ସଦର ବ୍ଲକର ଜିଲ୍ଲା ସ୍କୁଲରେ ୪୫୨୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୪୫୫ଜଣ ପରୀକ୍ଷା ଦେଇଥିବା ବେଳେ ୬୭ଜଣ ଅନୁପସ୍ଥିତ ରହିଛନ୍ତି। ତେବେ ମୋଟ ଉପରେ ରେଗୁଲାର ପରୀକ୍ଷାରେ ୬୮୮, ମଧ୍ୟମା ପରୀକ୍ଷାରେ ୧୩୬ ଏବଂ ଏସଓଏସସିରେ ୩୫ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ସୂଚନା ଯୋଗ୍ୟ ଯେ,୧୯ ତାରିଖରେ ଅନୁଷ୍ଠିତ ହୋଇଥିବା ପ୍ରଥମ ଦିନର ମାତୃଭାଷା ପରୀକ୍ଷାରେ ରେଗୁଲାରରେ ୬୫୬ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ବେଳେ ମଧ୍ୟମା ପରୀକ୍ଷାରେ ୧୪୨ଜଣ ଅନୁପସ୍ଥିତ ରହିଥିଲେ। ଏସଓଏସସିରେ ୩୭ଜଣ ଅନୁପସ୍ଥିତ ରହିଥିଲେ। ତେବେ ଏହି ଦୁଇ ଦିନ ପରୀକ୍ଷାକୁ ମିଶାଇଲେ ମୋଟ ୧୬୯୪ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ସେଥିମଧ୍ୟରୁ୧୩୪୪ଜଣ ରେଗୁଲାର ଛାତ୍ରଛାତ୍ରୀ ରହିଛନ୍ତି।

## ପୁସ୍ତକ 'ଅନ୍ତର୍ଜାତୀୟ ରାଜନୀତି' ଉନ୍ମୋଚିତ



ବାଲେଶ୍ୱର,୨୧।୨(ସମିସ): ଫକୀର ମୋହନ ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତଙ୍କ ଦ୍ୱାରା ଲିଖିତ ପୁସ୍ତକ ଆନ୍ତର୍ଜାତୀୟ ରାଜନୀତି ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକଟିକୁ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିନେଶ ଚନ୍ଦ୍ର ଦାସ ଏବଂ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୋନାଲିସା ମହାନ୍ତି ମିଳିତ ଭାବେ ଉନ୍ମୋଚନ କରିଥିଲେ। ଉନ୍ମୋଚନ ସଭାରେ ଉପସ୍ଥିତ ଅତିଥିମାନେ ପୁସ୍ତକଟିର ସମୀକ୍ଷା କରିବା ସହ ଏହା ନୂତନ ଶିକ୍ଷାନୀତି ଅନୁଯାୟୀ ପ୍ରସ୍ତୁତ ହୋଇଥିବାରୁ ଉଚ୍ଚଶିକ୍ଷା ଓ ଗବେଷଣା କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ହେବ ବୋଲି ମତବ୍ୟକ୍ତ କରିଥିଲେ। ଉନ୍ମୋଚନ ସଭାରେ ଦର୍ଶନ ବିଭାଗର ବରିଷ୍ଠ ଅଧ୍ୟାପିକା ଡକ୍ଟର ଅଞ୍ଜନା ବେହେରା ,ପ୍ରଶାସନିକ ଅଧିକାରୀ, ଲକ୍ଷ୍ମୀ ନାରାୟଣ ନାୟକ, ଏକାଡେମିକ ବର୍ଷାର, ସୁଜିତ ଦାସ, ଅର୍ଥନୀତି ବିଭାଗର ଅଧ୍ୟାପକ, କୁଞ୍ଜ ବିହାରୀ ମହାନ୍ତି, ଅଧ୍ୟାପକ ଅଶୋକ ପ୍ରିୟଦର୍ଶୀ, ଅଦ୍ୱୈତ ରଞ୍ଜନ ନାୟକ, ସେକ୍ସନ ଅଧିକାରୀ ବଳରାମ ନାଏକ ଏବଂ ଆକାଉଣ୍ଟାଣ୍ଟ ନିରଞ୍ଜନ ତ୍ରୀୟା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏହି ପୁସ୍ତକଟି ଡକ୍ଟର ସନ୍ତୋଷ କୁମାର ରାଉତ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ପ୍ରମୋଦ ବେହେରାଙ୍କ ଦ୍ୱାରା ମିଳିତ ଭାବେ ଲିଖିତ।

## ବଡ଼ଭଉଣୀ ଶାଶୂର ଆକ୍ରମଣରେ ସାନଭଉଣୀ ଗୁରୁତର



ନୀଳଗିରି, ୨୧।୨ (ସମିସ): ବଡ଼ଭଉଣୀ ଯୌତୁକ ନିର୍ଯାତନାର ଶିକାର ହୋଇଥିବାବେଳେ ବାଦ ପଡିନାହାନ୍ତି ସାନଭଉଣୀ। ବଡ଼ଭଉଣୀର ଶାଶୂଙ୍କ ମାଡ଼ରେ ସାନ ଭଉଣୀ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତିହୋଇଥିବା ଦେଖିବାକୁ ମିଳିଛି। ଏମିତି ଏକ ଅଭାବନୀୟ ଘଟଣା ନୀଳଗିରି ଥାନା ଅଧୀନ ସାନପାଟପୁର ଗ୍ରାମରେ ଘଟିଯାଇଛି। ସୂଚନା ଅନୁଯାୟୀ ଖନ୍ତାପଡ଼ା ଥାନା ଅଧୀନ କସବାଜୟପୁର ଗ୍ରାମର ମୃତ୍ୟୁଞ୍ଜୟ ଦାସଙ୍କ ବଡ଼ଝିଅ ରାଜଶ୍ରୀ ଦାସଙ୍କୁ ନୀଳଗିରି ଥାନା ଅଧୀନ ସାନପାଟପୁର ଗ୍ରାମର ଉମାକାନ୍ତ ରାଉତଙ୍କ ବଡ଼ପୁଅ ସନ୍ତୋଷ କୁମାର ରାଉତଙ୍କୁ ୨୦୨୦ ମସିହାରେ ପ୍ରେମବିବାହ କରିଥିଲେ। ବିବାହର ତିନିବର୍ଷ ଭଲରେ କଟିବା ପରେ ରାଜଶ୍ରୀଙ୍କ ଉପରେ ଆରମ୍ଭ ହୋଇଥିଲା ଯୌତୁକ ନିର୍ଯ୍ୟାତନା। ଏ ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଥିଲା ଏବଂ ଅଭିଯୋଗ ପରଠାରୁ ନିଜ ବାପଘରେ ରହୁଥିଲେ ରାଜଶ୍ରୀ। ଶୁକ୍ରବାର ଦିନ ପ୍ରାୟ ୧୧ଘଟିକା ସମୟରେ ରାଜଶ୍ରୀ ତାଙ୍କ ସାନଭଉଣୀଙ୍କ ସହିତ ନିଜ ଛୁଆପାଇଁ ସାନପାଟପୁର ଗ୍ରାମର ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଅଣ୍ଡା ଆଣିବାକୁ ଯାଇଥିଲେ। ହେଲେ ସେଠାରେ ରାଜଶ୍ରୀଙ୍କ ଶାଶୂ ସୁମତି ରାଉତ ଓ ଶଶୁର ଉମାକାନ୍ତ ରାଉତ ପହଞ୍ଚି ବୋହୂ ରାଜଶ୍ରୀଙ୍କୁ ଟଣାଓଟରା କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରି ଦୁଇଭଉଣୀଙ୍କୁ ଅତି ନିର୍ମମଭାବେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସାନଭଉଣୀ ଲିପ୍ସା ଗୁରୁତର ହୋଇଥିବାବେଳେ ପରିବାର ଲୋକେ ଖବରପାଇ ଲିପ୍ସାଙ୍କୁ ତୁରନ୍ତ ନୀଳଗିରି ମେଡ଼ିକାଲ ଆଣି ଭର୍ତ୍ତିକରିଥିଲେ। ତେବେ ଏହି ଘଟଣା ସଂପର୍କରେ ନୀଳଗିରି ଥାନାରେ ରାଜଶ୍ରୀଙ୍କ ମା ମମତା ଦାସ ଲିଖିତ ଅଭିଯୋଗ କରିଥିବାବେଳେ ନୀଳଗିରି ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ୧୯୭୭ ବ୍ୟାଚ୍ ଇତିହାସ ବିଭାଗର ବନ୍ଧୁମିଳନ




ବାଲେଶ୍ୱର,୨୧।୨(ସମିସ): ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟର୧୯୭୭ମସିହା ଇତିହାସ ବିଭାଗ ଛାତ୍ରଛାତ୍ରୀଙ୍କ ବାର୍ଷିକ ବନ୍ଧୁ ମିଳନ ଉତ୍ସବ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଡ ବିନୋଦିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ୩୦ଜଣ ସଦସ୍ୟ ଅଂଶ ଗ୍ରହଣ କରିଥିଲେ। ପ୍ରଥମେ ଦିବଙ୍ଗତ ସହପାଠୀମାନଙ୍କର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଡ. ସୁଶାନ୍ତ ପାତ୍ର ସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ତଥା ଚାନ୍ଦିପୁର ଐତିହାସିକ ଡ. ଅନନ୍ତ କର, ଡ ସନ୍ତୋଷ କୁମାର ସିଂ, ଅନନ୍ତ ପ୍ରସାଦ ପଣ୍ଡା ପ୍ରମୁଖ କଥା ରଖିଥିଲେ। ସଦସ୍ୟ ଲକ୍ଷ୍ମୀଧର ମହାନ୍ତି, କାହ୍ନଚରଣ ବିଶ୍ୱାଳ, ଡ କୈଳାସ ବରାଳ,ଡ ସତ୍ୟଭାମା ପତି ଓ ଜ୍ୟୋତି ପ୍ରକାଶ ମହାପାତ୍ର ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମହେଶ ମିଶ୍ର, ସୁଧାଂଶୁ ରାଉତରାୟଙ୍କ ସମେତ ବାଲେଶ୍ୱର ଓ ବାରିପଦା ସଂଘର ସଦସ୍ୟ ଗୋପାଳ ଜେନା, ସୁଶାନ୍ତ ପାତ୍ର, ରଘୁମଣି ମହାପାତ୍ର, ଅନନ୍ତ ପଣ୍ଡା, ସନ୍ତୋଷ ସିଂ, ଖଗେନ୍ଦ୍ର ଜେନା, ଶ୍ୟାମସୁନ୍ଦର ଦାସ ପ୍ରମୁଖ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ।

## ବସନ୍ତ କୁମାର ଶତପଥୀଙ୍କ ଶ୍ରାଦ୍ଧୋତ୍ସବ

ବାଲେଶ୍ୱର,୨୧।୨(ସମିସ): କବିତୀର୍ଥ ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ବିଶିଷ୍ଟ କଥାକାର ତଥା ସାରସ୍ୱତ ସାଧକ ବସନ୍ତ କୁମାର ଶତପଥୀଙ୍କ ୩୩ ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ କହିଥିଲେ, ବ୍ୟକ୍ତିଗତ କ୍ଷୋଭର ପ୍ରତିଫଳନ ହିଁ ବସନ୍ତୀୟ ଗଳ୍ପ ଚେତନାର ମୂଳଉତ୍ସ'। ପରିଷଦ ସମ୍ପାଦକ ଡ. ରତ୍ନାକର ସିଂହ ନିଜର ପ୍ରାକଭାଷରେ ଉଲ୍ଲେଖ କରିଥିଲେ ଯେ, ହାସ୍ୟରସ ତାଙ୍କ ଗଳ୍ପର ଦୃଶ୍ୟମାନ ଦିଗ ହେଲେହେଁ ରଚନାର ଅନ୍ତଃସ୍ଥଳରେ ଜୀବନ-ଜଗତ-ମଣିଷ ପ୍ରତି ଦରଦ ପ୍ରତିଫଳିତ ହୋଇଛି। ବାଲେଶ୍ୱରର ବହୁ ବୁଦ୍ଧିଜୀବୀ, ସାରସ୍ୱତ ସାଧକ ଏବଂ ବସନ୍ତ ଶତପଥୀଙ୍କର ସାନ ପୁତ୍ର ସୁରଜିତ ଶତପଥୀ ମଧ୍ୟ ଉକ୍ତ ସଭାରେ ଉପସ୍ଥିତ ରହିଥିଲେ।

## ତାଳସାରୀରେ ୨୦୧୫ଟି ଅଲିଭ୍ ରିଡଲେ ଅଣ୍ଡା ସଂଗ୍ରହ

ଚନ୍ଦନେଶ୍ୱର, ୨୧।୨ (ସମିସ) : ଅଲିଭ ରିଡଲେ କଇଁଛଙ୍କ ତୀର୍ଥସ୍ଥଳୀ ବାଲେଶ୍ୱର ଜିଲ୍ଲା ଭୋଗରାଇର ତାଳସାରୀ। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମା'ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୫ଟି କଇଁଛରୁ ମୋଟ ୨୦୧୫ଟି ଅଣ୍ଡା ସଂଗ୍ରହ କରାଯାଇଥିବା କଥା ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି କହିଛନ୍ତି। ସମସ୍ତ ଅଣ୍ଡାକୁ ସୁରକ୍ଷିତ ଭାବେ ହେଚେରୀରେ ରଖା ଯାଇଥିବା ବେଳେ ବେଳାଭୂମି ଉପରେ ତୀକ୍ଷ୍ଣ ନଜର ରଖା ଯାଇଛି। ବିବରଣୀରୁ ପ୍ରକାଶ,ପ୍ରତିବର୍ଷ ତାଳସାରୀ ବେଳାଭୂମି ଓଲିଭ ରିଡଲେ କଇଁଛମାନେ ସମୂହ ଅଣ୍ଡାଦାନ କରିଥାନ୍ତି। ଭୋଗରାଇର ଉଦୟପୁରରୁ କୀର୍ତ୍ତନିଆ ପ୍ରାୟ ୧୦କି.ମି ସୁଦୀର୍ଘ ବେଳାଭୂମି ସେମାନଙ୍କ ସୁରକ୍ଷିତ ସ୍ଥାନ। ତାଳସାରୀର ମୁରଲୀ ଚଢ ଓ ନାରାୟଣ ମହାନ୍ତି ପଡିଆ ଦାଣ୍ଡି ଆଦି ସ୍ଥାନରେ ସେମାନେ ସୁରକ୍ଷିତ ଭାବେ ଅଣ୍ଡାଦାନ କରି ଫେରିଥାନ୍ତି। ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ ଏବଂ ଜଳେଶ୍?ର ବନ୍ୟପ୍ରାଣୀ ବନାଂଚଳର ସହକାରୀ ବନ ସଂରକ୍ଷକ ଜୟଶ୍ରୀ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ମଧ ବିଭାଗ ପକ୍ଷରୁ କଇଁଛଙ୍କ ଅଣ୍ଡାଦାନ ପାଇଁ ବିଶେଷ ଗୁରୁତ୍ୱ ଦିଆ ଯାଇଛି। "ସୁବର୍ଣ୍ଣା' ସ୍ୱତନ୍ତ୍ର ବୋଟରେ ବିଚିତ୍ରପୁର ଜେଟିରୁ ପ୍ରତିଦିନ ୬କି.ମି ସମୁଦ୍ରରେ ପାଟ୍ରୋଲିଂ କରାଯାଉଛି। ଚଳିତ ବର୍ଷ କଇଁଛମାନେ ଆଗୁଆ ଆସିଥିବା ବେଳେ ସେମାନଙ୍କ ଶହେ ଟୋପିବ ବୋଲି ବନପାଳ ଶ୍ରୀ ମହାନ୍ତି ପ୍ରକାଶ କରନ୍ତି। ସବୁଜ ବାହିନୀର କର୍ମଚାରୀ ହରିଶଙ୍କର ସାହୁ, ରାଜୀବ ଜେନା ପ୍ରମୁଖ ଏଥିପାଇଁ ତତ୍ପର ଅଛନ୍ତି। ସୂଚନା ଥାଉକି, ଗତ ବର୍ଷ ୮୪ଟି କଇଁଛ ୯୫୮୫ଟି ଅଣ୍ଡାଦାନ କରିଥିଲେ। ହେଚେରୀରେ ଅଣ୍ଡା ସବୁକୁ ରଖା ଯିବା ସହିତ ଶାବକ ସବୁକୁ ସୁରକ୍ଷିତ ଭାବେ ସମୁଦ୍ରରେ ଛାଡି ଦିଆ ଯାଇଥିଲା।

## ଲାୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବାଲେଶ୍ୱର,୨୧।୨(ସମିସ): ପୁଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରତିଷେଧମୂଳକ ଚିକିତ୍ସା ଓ ସାମଗ୍ରିକ କଲ୍ୟାଣ ଲକ୍ଷ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସହଯୋଗରେ ବାଲେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ଏକ ମେଗା ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରିଜର୍ଭ ପୁଲିସ ଲାଇନ ସ୍ଥିତ ପୁଲିସ ହସପିଟାଲଠାରେ ଆୟୋଜିତ ଏହି ଶିବିରକୁ ପୂର୍ବାଞ୍ଚଳ ଜୋନ ପୁଲିସ ଡିଆଇଜି ପିନାକ ମିଶ୍ର ଉଦଘାଟନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ ବେହେରାଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସହକାରୀ ଆରକ୍ଷୀ ଅଧିକ୍ଷକ ମନିଷା ସୌଗୁନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ବାଲେଶ୍ୱର ଲାୟନ୍ସ କ୍ଲବ ସଭାପତି ଶିବୁ ପୋଦାର ଏଥିରେ ପୌରହିତ୍ୟ କରିଥିଲେ। ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଅଭିଯାନରେ ମୋଟ୧୨ଶହ କର୍ମଚାରୀ ଲାଭାନ୍ୱିତ ହେବେ। ଶିବିରକୁ ବାଲେଶ୍ୱର ଲାୟନ୍ସ କ୍ଲବ କାର୍ଯ୍ୟାଳୟ ସଂଯୋଜକ ଦେବବ୍ରତ ନନ୍ଦ ଓ ଅସୀମା ଘୋଷ ଶିବିରର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ପୂର୍ବ ଶତ୍ରୁତାରୁ ଗାଡ଼ି ଭଙ୍ଗାରୁଜା ଓ ସୁନା ଗହଣା ଲୁଟ, ଦୁଇ ଗିରଫ

ସୋର, ୨୧।୨(ସମିସ): ସୋର ଥାନା ସରଶଙ୍ଖ ନିକଟରେ ଗତକାଲି ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଘଟଣାରେ ଉଭୟ ପକ୍ଷରୁ ଦୁଇ ଜଣକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳର ସାମସନ ମହାପାତ୍ର କୁପାରୀରେ ମୋରମ ବ୍ୟବସାୟ କରନ୍ତି। ଫଳରେ ସେଠାରେ ବ୍ୟବସାୟକୁ କେନ୍ଦ୍ର କରି ତାଙ୍କର ଅନେକ ଶତ୍ରୁ ଅଛନ୍ତି। ଗତକାଲି ରାତିରେ ସାମସନ ଥର କାରରେ ତାଙ୍କ ବିବାହିତା ଭଉଣୀ ସ୍ୱାଗତିକାଙ୍କୁ ନେଇ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ସରଶଙ୍ଖ ନିକଟରେ ଗୋଳିହା ପଞ୍ଚାୟତର ସମିତି ସଭ୍ୟ ରଞ୍ଜନ ରାଉତ ଏବଂ କୁପାରୀ ସଇଁ ଗ୍ରାମର ସମୀର ରଥ ଏକ ସ୍କର୍ପିଓ ଏବଂ ଅନ୍ୟ ଏକ ଥର ଗାଡ଼ିରେ ୧୦ରୁ ଉର୍ଦ୍ଧ୍ୱ ଯୁବକ ଆସି ତାଙ୍କ ଥର ଗାଡିକୁ ସାଇଡ ମାରି ଗାଡିକୁ ଅଟକାଇଥିଲେ। ଗାଡି ଅଟକିବା ପରେ ସେମାନେ ଲୁହା ରଡ଼, ଭୁଜାଲି, ତେଲେଙ୍ଗା କଟୁରୀରେ ଗାଡିକୁ ଆକ୍ରମଣ କରି ଗାଡିକୁ ଭାଙ୍ଗିଦେବା ସହିତ ସ୍ୱାଗତିକାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ସାମସନ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ନିକଟରୁ ୧୫ ଗ୍ରାମର ସୁନା ବ୍ରେସ ଲେଟ, ସ୍ୱାଗତିକାଙ୍କ ନିକଟରୁ ୩୦ ଗ୍ରାମର ସୁନାଚେନ, ଏକ ବ୍ରେସଲେଟ ଲୁଟ କରି ନେଇଯାଇଥିଲେ। ଜୀବନ ବିକଳରେ ଉଭୟ ସେଠାରୁ ଖସି ଆସି ଜଣେ ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରି ସୋର ଥାନାକୁ ଆଣିଥିଲେ। ଏ ବାବଦରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପୃଥକ ମାମଲା ରୁଜୁ କରି ସାମସନ ଏବଂ ରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।



ସୃଜନିକା
ସକାଳ
THE SAKALA
www.sakalaepaper.com



# ପଥରର ଆଖି



ମୂଳ ହିନ୍ଦୀ : କମଲେଶ୍ୱର
ଅନୁବାଦ: ନୀହାରିକା ମଲ୍ଲିକ

ଏହା ଦୁଇବନ୍ଧୁଙ୍କର କାହାଣୀ ଅଟେ। ଜଣେ ବନ୍ଧୁ ଆମେରିକା ଚାଲିଗଲା। କୋଡ଼ିଏ ବାଇଶି ବର୍ଷ ପରେ ସେ ଟଙ୍କା ରୋଜଗାର କରି ଭାରତ ଫେରି ଆସିଲା। ଦ୍ୱିତୀୟ ଜଣକ ଭାରତରେ ହିଁ ରହିଲା। ସେ ଗରିବରୁ ଆହୁରି ଗରିବ ହୋଇଯାଇଥାଏ। ଧନୀ ସାଙ୍ଗଟି ବହୁତ ବଡ଼ କୋଠା ତିଆରି କଲା। ନିଜର ପୁରୁଣା ସାଙ୍ଗମାନଙ୍କୁ ମଧ୍ୟ ମନେ ପକେଇଲା। ଗରିବ ସାଙ୍ଗଟି ଦେଖା କରିବାକୁ ଆସିଲା। ଦୁହେଁ ଦୁଃଖସୁଖ ହେବାକୁ ଲାଗିଲେ।

ଗରିବ ଜଣକ କହିଲା-"ତୁମେ ବହୁତ ଭଲ କଲ ବନ୍ଧୁ, ଆମେରିକା ସାରା ଦୁନିଆର ଗରିବଙ୍କୁ ଲୁଟି ଚାଲିଛି, ତୁମେ ଆମେରିକାକୁ ହିଁ ଲୁଟି ଚାଲିଆସିଲ।" ଧନୀ ସାଙ୍ଗ ଜଣକ ଏକଥା ଶୁଣି ଖୁସି ହେଲା।

ବହୁତ ଦିନ ବିତିଗଲା। ଗରିବ ସାଙ୍ଗର ଦିନ ବହୁତ ସମସ୍ୟା ଭିତରେ କଟୁଥାଏ । ସେ କିଛି ସାହାଯ୍ୟ ସହାନୁଭୂତି ଆଶାରେ ଧନୀସାଙ୍ଗଙ୍କୁ ଦେଖା କରିବାକୁ ଚାହୁଁଥିଲା। ୟା'ଭିତରେ ଧନୀ ସାଙ୍ଗର ପତ୍ନୀଙ୍କର ଆମେରିକାରେ ଦେହାନ୍ତ ହୋଇଗଲା। ସେ ନିଜ ସ୍ୱାମୀଙ୍କ ସହ ଭାରତ ଫେରି ନଥିଲେ। ସେ ଭାରତରେ ରହିବାକୁ ଚାହୁଁ ନଥିଲେ। ବନ୍ଧୁପତ୍ନୀଙ୍କ ସ୍ୱର୍ଗବାସର ଖବର ପାଇ ଗରିବ ଜଣକ ସମବେଦନା ଜଣେଇବାକୁ ଗଲା। ସେ ଗଭୀର ଶୋକ ସମ୍ବେଦନା ପ୍ରକଟ କଲା। ଧନୀ ଜଣକ କହିଲା- "ଏମିତି ବି ଏତେ ଶୋକପ୍ରକଟ କରିବାର କୌଣସି ଆବଶ୍ୟକତା ନାହିଁ ବନ୍ଧୁ, କାରଣ ସେ ଆମେରିକାରେ ବହୁତ ଖୁସିରେ ଥିଲା। ସେଇ ଖୁସି ଭିତରେ ଥାଇ ଶେଷ ନିଃଶ୍ୱାସ ତ୍ୟାଗ କଲା। ଯଦି ସେ ଏଠିକି ଆସିଯାଇଥାନ୍ତା ଆଉ ଏଇଠି ହିଁ ତା'ର ମୃତ୍ୟୁ ହୋଇଥାନ୍ତା,ତେବେ ମୋତେ ବହୁତ ଦୁଃଖ ଲାଗିଥାନ୍ତା, କାରଣ ସେ ଦୁଃଖରେ ମରିଥାନ୍ତା । କିନ୍ତୁ ଯେହେତୁ ସେ ମୋ ପତ୍ନୀ ଥିଲା, ସେଥିପାଇଁ ଆଖିକୁ ଲୁହ ଚାଲିଆସୁଛି।" ଏତିକି କହି ସେ ଲୁହ ପୋଛିଲା।

ଗରିବ ସାଙ୍ଗଙ୍କୁ ଦୁଃଖର ଏହି କମ୍-ବେଶିର କଥା କିଛି ବୁଝାପଡ଼ିଲାନି। ସେ ଚୁପ୍ ରହିଲା।

- ଆଉ ତୁମ ଖବର କ'ଣ? ଧନୀ ଜଣକ ପଚାରିଲା।

- ଅବସ୍ଥା କିଛି ଭଲ ନାହିଁ!

- କାହିଁ! କ'ଣ ହୋଇଛି?

- କ'ଣ ଆଉ କହିବି! ଏଇଟା ବି ଉପଯୁକ୍ତ ସମୟ ନୁହଁ!

- କୁହ,କୁହ ...ଏମିତି କ'ଣ ହୋଇଛି?

-ନାଁ, ଥାଉ...

-ଆରେ, କୁହ!

-ସାଙ୍ଗ, କଥା କ'ଣ କି ମୋତେ ପାଞ୍ଚ ହଜାର ଟଙ୍କା ନିହାତି ଦରକାର।

ଧନୀ ଜଣକ କିଛି ସମୟ ପାଇଁ ଚୁପ୍ ହୋଇଗଲା। ଗରିବ ସାଙ୍ଗ ନିଜ ଭୁଲ୍ ବୁଝିପାରି କହିଲା- "କ୍ଷମା ଚାହୁଁଛି... କଥା କହିବାର ଉଚିତ ସମୟ ନଥିଲା ।"

ଧନୀ ଜଣକ ତାକୁ କଥା ପୂରା କରିବାକୁ ନଦେଇ କହିଲା- "ନାଁ ନାଁ, ସେକଥା ନୁହଁ, ମୁଁ ଅନ୍ୟ କିଛି ଭାବୁଥିଲି।"

-କ'ଣ?

-ଏଇଆ ଯେ, ତୁମର ଯଦି କିଛି ମାଗିବାର ଥିଲା, ତେବେ ମୋ ପ୍ରତିଷ୍ଠା, ସମ୍ମାନକୁ ଚାହିଁ ମାଗିଥାନ୍ତ!

ଗରିବ ସାଙ୍ଗଙ୍କୁ କଥାଟି ବାଧିଗଲା। ସେ ଟିକେ ବିରକ୍ତ ହୋଇ କହିଲା- "ତା' ହେଲେ ପଚାଶ ହଜାର ଟଙ୍କା ଦେଇଦିଅ!"

- ତାହେଲେ ଭଲ ହୋଇଥାନ୍ତା ତୁମେ ନିଜ ସାମର୍ଥ୍ୟ ଦେଖି ମାଗିଥାନ୍ତ!

ସେ ଏକଥା କହିଦେଲା ସିନା, କିନ୍ତୁ ନିଜ କଟୁ ବ୍ୟବହାରକୁ ସୁଧାରିବା ପାଇଁ କହିଲା- "ସାଙ୍ଗ, ଯଦି ଗୋଟେ କଥା କହିଦେବ, ତାହେଲେ ମୁଁ ପଚାଶ ହଜାର ବି ଦେଇଦେବି!"

- କୋଉ କଥା?

- ଦେଖ ମୋ' ଆଖିକୁ। ମୋର ଗୋଟିଏ ଆଖି ପଥରରେ ତିଆରି। ମୁଁ ଆମେରିକାରେ ଲଗାଇଥିଲି...ଯଦି ମୋର କୋଉ ଆଖି ପଥରର ତୁମେ କହିଦେଇପାରିବ, ତାହେଲେ ମୁଁ ପଚାଶ ହଜାର ଟଙ୍କା ଏଇ ବର୍ତ୍ତମାନ ଦେଇଦେବି।

- ତୁମ ଡାହାଣ ଆଖି ପଥରର।

- ତୁମେ କେମିତି ଜାଣିଲ?

- ବର୍ତ୍ତମାନ ଦୁଇମିନିଟ୍ ପୂର୍ବରୁ ତୁମ ଡାହାଣ ଆଖିରେ ଲୁହ ଆସିଯାଇଥିଲା। ଆଜିକାଲିର ଦୁନିଆରେ ସତସତିକା ଆଖିରେ ଲୁହ ଆସେନି। ପଥର ଆଖିରେ ହିଁ ଆସିପାରିବ। ■

ବିନାୟକ ନଗର
ନବରଙ୍ଗପୁର

# ବାପା ଥିଲେ ...



ମୂଳ ହିନ୍ଦୀ: ଡକ୍ଟର ଭରତ ପ୍ରସାଦ
ଅନୁବାଦ: ଇପ୍‌ସିତା ଷଡ଼ଙ୍ଗୀ

ବାପାଙ୍କ ଶ୍ୟାମଳ ରଙ୍ଗର ଚେହେରା
ବେଉଷଣ ହୋଇପାରି ନଥିବା କ୍ଷେତ ପରି ଥିଲା,
ଉର୍ବର କିନ୍ତୁ ଆବୁଡ଼ଖାବୁଡ଼ା
ଏପଟସେପଟ ପଡୁଥିବା ଲଙ୍ଗଳା ଖାଲିପାଦ
ମନେହୁଏ ପୃଥିବୀର ମୋହମାୟାରେ ବୁଡ଼ି ରହିଛି
ତାଙ୍କ ଶରୀରର ପ୍ରତ୍ୟେକ ଅଂଶରେ
ପରିବ୍ୟାପ୍ତ ଶିରାଗୁଡ଼ିକ
ପରିବାରକୁ ନିଜ ରକ୍ତ ଦେଇ
ପୋଷଣ ଦେବା ପାଇଁ ଚେର ପରି ବିସ୍ତାରିତ।

ତାଙ୍କ ଅନ୍ତରାତ୍ମାରେ ପ୍ରବେଶ ନକରି
ତାଙ୍କ ଉଚ୍ଚତାର ବିଶାଳତା ବୁଝିବା ଅସମ୍ଭବ।

ବାପାଙ୍କ ଦେହରୁ ଅଦ୍ଭୁତ ଏକ ସୁଗନ୍ଧ ଝରେ
ଯାହା ଗଛର ଛାଲିରେ, ଜଙ୍ଗଲୀ ଝରଣା ପାଣିରେ
ଅବା ପାଚିଲା ଫସଲର ସୁଗନ୍ଧ-ଭରା ମାଟିରେ ମିଳିଥାଏ।

ଜୀବନକାଳ ମଧ୍ୟରେ ମୁଁ ବୁଝିପାରିଲି ନାହିଁ ଯେ
ବାପା କେତେ ପ୍ରଶସ୍ତ, କେତେ ସୁଖକର ଓ
ସଳଖ ରାସ୍ତା ଗୋଟେ !
ବାପାଙ୍କୁ ହରାଇବା ପରେ, ପ୍ରତିଦିନ ମୋ ଭିତରେ
ବାପାଙ୍କ ନୂଆ ଅର୍ଥ ଏବେ ମୁଁ ଖୋଜି ପାଏ।

ଅନ୍ଧାର ସହିତ ଲଢୁଥିବା ଦୀପରେ,
ସବୁଜରୁ ହଳଦିଆ ହେଉଥିବା ଫସଲରେ,
ଝିଅକୁ ବିଦାୟ ଦେବା ପରେ ଶବ୍ଦହୀନ
ଅଗଣିତ କ୍ରନ୍ଦନରେ,
ଶୁଖିଲା ପୋଖରୀର ଫାଟିଯାଇଥିବା ପାଦରେ,
ଭୋର ଆସିବା ପୂର୍ବରୁ
ନିଦରୁ ଉଠିପଡ଼ିଥିବା ଆକାଶରେ
ପକ୍ଷୀମାନଙ୍କ ଉଡ଼ାଣରେ,
ମୁଁ ପିତା ହେବାର ଠିକଣା ଖୋଜି ପାଏ। ■



# ଇଟା ଗଢୁଥିବା ଝିଅ



ପେଟ ଭରିବାର ସ୍ୱପ୍ନ
ମୃଗ ମରୀଚିକା ପରି ନାଚେ;
କଅଁଳ ହାଡ଼ ସବୁ କଷଣ ସହିସହି
ମଜବୁତ ଯେମିତି ଅକାଳରେ ।

ଆଖିରେ ନା ଅଛି ପିଲାଦିନ
ବଞ୍ଚିବାର ଇଚ୍ଛା, ନା ଅଛି ପ୍ରେମ ଆଉ ସ୍ନେହର ତୃଷା,
ନା ଅଛି ଲୁହ- ବାପାମାଆଙ୍କୁ ହରାଇସାରିବା ପରର !
ଖାଲି ଯା ବାକି ଅଛି
ଭୋକ ସହ ଲଢ଼ିବାର ପାଗଳାମୀ,
ନିଜ ସମ୍ମାନକୁ ବଞ୍ଚାଇବାର ଚିନ୍ତା,
ଏକାକୀ ବଞ୍ଚିବା ଓ ମରିବା ଭିତରର ସଂଘର୍ଷ
ଆଉ ଯାବତୀୟ ପ୍ରତିଘାତ ସତ୍ତ୍ୱେ
ଏବେ ବି ନ ମରିବାର ତୃଷା।

ଶରୀର ଯେ ଗଛ ପରି ନାଚେ,
ଗୋଡ଼ ଦୁଇଟି ଯେମିତି କାଠର କଣ୍ଢେଇ
ଘୂରୁଥାଏ ଯେ ଘୂରୁଥାଏ କ୍ଲାନ୍ତି କ'ଣ ଜାଣେ ନାହିଁ।
ହାତଗୁଡ଼ିକ ଡାଳ ପରି
କାମ ଆଗରେ କେବେ
ମୁଣ୍ଡ ନୁଆଁଇବା ଶିଖି ହିଁ ନାହିଁ।

ଝିଅ ହୋଇ ଜନ୍ମ ହୋଇଥିଲା ସିନା
ଦାରିଦ୍ର୍ୟ ତାକୁ ପୁଅ କରିଦେଲା
ଝିଅଟିଏ ଭଳି ବଞ୍ଚି ରହିବା ତା'ଭାଗ୍ୟରେ ଏବେ କାହିଁ ?

ଶରୀରର ପ୍ରତ୍ୟେକ ଅଂଶରୁ
ନିରୀହତାର ରଙ୍ଗ ଉଭାନ ଏବେ,
ବିବଶତାର ଶିକାର ହୋଇ
ପିଲାଦିନ ତା'ର ମରି ସାରିଛି କାହିଁ କେତେ କାଳୁ,
ନାରୀଟିଏ ପରି ଜୀଇଁବାର ସ୍ୱପ୍ନ ଦେଖିବା
ତା' ପାଇଁ ନିଷିଦ୍ଧ ଯେମିତି!
ଆକାଶ ଓ ପାତାଳ ମଧ୍ୟରେ
କାହାକୁ ବା ବିଶ୍ୱାସ କରିବ ସିଏ
କିଛି ବୁଝାପଡ଼େ ନାହିଁ
ତା' ଦେହର କେଉଁ କୋଣରୁ
ମୁକ୍ତ ପକ୍ଷୀ ପରି ଉଡ଼ିବାର ଇଚ୍ଛା ଜାଗ୍ରତ ହୁଏ
କିଏ ଅବା ଆଉ ଜାଣେ?

ଲୋକଙ୍କ ମୁହଁରୁ ହଜିଯାଇଛି ତା'ର ପ୍ରକୃତ ନାଁ,
ସେ ଏତେ ବେଶି ଖାଲି ଗୋଟେ ଶ୍ରମିକ ଯେ
ଜୀବିତ ରହିବାର ପରିଚୟ ବି ହଜେଇ ସାରିଛି।
ମାନସମ୍ମାନ ଓ ଇଜ୍ଜତ-ମହତ ସବୁ ହରାଇବା ପରେ
ବାକି ରହିଯାଇଛି ଟଂଗବେଟଂଗ ଚୁଡ଼ି କିଛି ତା' କଚଟିରେ
ଯାହାକୁ ତା' ମା' ପିନ୍ଧେଇ ଦେଇଥିଲା ନିଜ ହାତରେ। ■

ଅଧ୍ୟାପିକା, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି, କଟକ
ମୋ: ୯୯୩୮୩୭୦୨୮୯

# ରବୀନ୍ଦ୍ରନାଥଙ୍କ କବିତାରେ ରହସ୍ୟବାଦୀ ଚେତନା



ଡକ୍ଟର ଶ୍ରୀକାନ୍ତ କୁମାର ବାରିକ

ଇନ୍ଦ୍ରିୟଗ୍ରାହ୍ୟ ଏହି ଦୃଶ୍ୟମାନ ଜଗତର ଊର୍ଦ୍ଧ୍ୱରେ ଏକ ଅସୀମ ଅତିନ୍ଦ୍ରୀୟ ଅଲୌକିକ ଜଗତ ବିଦ୍ୟମାନ। କବିଟିଏ ତା'ର ସର୍ଜନା ବଳରେ ସେହି ରହସ୍ୟମୟ ସୂକ୍ଷ୍ମ ଜଗତକୁ ଦେଖିଥାଏ। ଅନ୍ତିମ ସତ୍ୟ ସହିତ ଏକାତ୍ମ ହୋଇଯାଏ। ଦିବ୍ୟସତ୍ତାର ଅପୂର୍ବ ଅନୁଭୂତିରେ ଶିହରି ଉଠେ। କବି ବ୍ଲେକ୍‌ଙ୍କ ଭାଷାରେ - "ଗୋଟିଏ ଧୂଳିକଣାରେ ସେ ସମଗ୍ର ବସୁଧାକୁ ଦେଖିପାରେ" (To see the World in a grain of sand)। ରହସ୍ୟବାଦ କବି ଚିନ୍ତନ ପ୍ରକ୍ରିୟାର ଏକ ସଚେତନ ଅଭିବ୍ୟକ୍ତି, ଏକ ଊର୍ଦ୍ଧ୍ୱ ଚେତନାର ଉତ୍ତରିତ ମାର୍ଗ। ପାଶ୍ଚାତ୍ୟ ଜଗତର ବିଶିଷ୍ଟ କବି ରିଲ୍‌କେ କବିତା ସମ୍ପର୍କରେ ବିଶ୍ଳେଷଣ କରିବାକୁ ଯାଇ ପିରାମିଡ୍ ତତ୍ତ୍ୱ (Poetic Pyramid Theory) ସମ୍ପର୍କରେ ବିଶ୍ଳେଷଣ କରିଛନ୍ତି। ଏହି ପିରାମିଡ଼ ଏକ ତ୍ରିଭୁଜ ପରି। ଏହାର ମାଟି ସଂଲଗ୍ନ ବିନ୍ଦୁ ଦୁଇଟି ଯଥାକ୍ରମେ ରୋମାଣ୍ଟିସିଜିମ୍ ଓ ରିଏଲିଜିମ୍ ହୋଇଥିବାବେଳେ ଶୀର୍ଷ ବିନ୍ଦୁଟି ମିଷ୍ଟିସିଜିମ୍ ବା ରହସ୍ୟବାଦ। ତାଙ୍କ ମତରେ ଏହି ଧରଣର କବିତା ଶ୍ରେଷ୍ଠ କବିତା। ସମଗ୍ର ଜୀବନ ଯନ୍ତ୍ରଣା ଓ ଦୁଃସ୍ଥିତିରୁ ମଣିଷକୁ ଏହା ମୁକ୍ତିଆଡ଼କୁ ନେଇଯାଏ। ଚେତନାର ବର୍ଗୀକରଣ ନୁହେଁ, ଏକତ୍ରୀକରଣ ହିଁ ଏହି କାବ୍ୟ ଅବବୋଧର ମୂଳକଥା। ଅପୂର୍ବ ଅନୁଭବୀ ଦିଗନ୍ତର ପ୍ରସାରଣ ହିଁ ଏହାର ଅଭିଲକ୍ଷ୍ୟ। ଇଂରାଜୀରେ ଏହି ଚେତନାକୁ ମିଷ୍ଟିସିଜମ୍ କୁହାଯାଏ। ଶ୍ରୀଅରବିନ୍ଦ ତାଙ୍କର 'The Future Poetry' ଗ୍ରନ୍ଥରେ କହିଛନ୍ତି ରହସ୍ୟବାଦୀ କବିତାର ଅର୍ଥ ସଂପୂର୍ଣ୍ଣ ସ୍ପଷ୍ଟ ଏବଂ ଦୃଶ୍ୟମାନ ଥାଏ, ଯାହା ପ୍ରୟୋଗବାଦୀ ବୌଦ୍ଧିକ କବିତାଠାରୁ ଅଧିକ ଭାବଗର୍ଭକ, କାରଣ ପ୍ରୟୋଗବାଦୀ କବିତା ଅଧିକ ଅମୂର୍ତ୍ତ ଥାଏ। ରହସ୍ୟବାଦୀ କବିତା ଅନ୍ତର୍ଦୃଷ୍ଟି ସମ୍ପନ୍ନ ଓ ଜୀବନାଭୂତିର ନିଗୂଢ଼ ସମ୍ବାଦ ଏଥିରେ ପ୍ରକାଶ ପାଇଥାଏ।

ଆଧୁନିକ ଭାରତୀୟ କବିତା କ୍ଷେତ୍ରରେ ରହସ୍ୟବାଦୀ ଭାବସମ୍ବେଗର ଶ୍ରେଷ୍ଠ ରୂପକାର ହେଉଛନ୍ତି ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର। ତାଙ୍କ କବିତାରେ ଭାରତୀୟ ଆତ୍ମାର ଛନ୍ଦ ବାଜି ଉଠେ। ପାଶ୍ଚାତ୍ୟ ମିଷ୍ଟିକ୍ ଚେତନା ଓ ରୋମାଣ୍ଟିକ ଅବବୋଧ ସହିତ ପ୍ରାଚ୍ୟ ପ୍ରେମ, ଭକ୍ତି, ଜ୍ଞାନ ଓ ଆଧ୍ୟାତ୍ମଦର୍ଶନର ନିର୍ମଳ ସଂଯୋଗରେ ରବୀନ୍ଦ୍ରିୟ କବିତା ଅଭିଷିକ୍ତ ହୋଇ ନୂତନ ଭାବଦ୍ୟୋତନା ସୃଷ୍ଟି କରିଛି। ତାଙ୍କର ଏହି କାବ୍ୟ ଚେତନା କୌଣସି ଧର୍ମ, ସମ୍ପ୍ରଦାୟ ବା ଗୋଷ୍ଠୀରେ ଆବଦ୍ଧ ନୁହେଁ, ବରଂ ମାନବବାଦର ଏକ ଅଭୂତପୂର୍ବ ଉତ୍ତରଣ।

ଏଥିରେ ସ୍ୱୟଂଭୂ ପରିଭୂ ଶାଶ୍ୱତକୁ ଆତ୍ମବୀକ୍ଷଣ ଓ ବିଶ୍ୱଦର୍ଶନ ମାର୍ଗରେ ଏକକାଳୀନ ଅବବୋଧ କରିହୁଏ। ରୂପ ବୈଚିତ୍ର୍ୟ ଓ ଭିନ୍ନତା ସତ୍ତ୍ୱେ ମୂଳସତ୍ତାର ଐକ୍ୟଭାବ ଏଠାରେ ବିଦ୍ୟମାନ। ନିଜେ ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କ 'ଜୀବନସ୍ମୃତି'ରେ କୁହନ୍ତି- "ଆମାର ତୋ ମନେହୟ, ଆମାର୍ କାବ୍ୟରଚନାର ଏଇ ଏକଟି ମାତ୍ର ପାଲା; ସେ ପାଲାର ନାମ ଦେଓୟା ଜାଇତେପାରେ ସୀମାର୍ ମଧ୍ୟେଇ ଅସୀମେର୍ ସହିତ ମିଲନ୍ ସାଧନେର୍ ପାଲା।" ପୁଣି ସେ ପ୍ରକାଶ କରନ୍ତି- "ଅପରୂପକେ ଦେଖେଗେଲାମ୍ ଦୁଟି ନୟନ ମେଲେ। " - (ଯାବାରଦିନ –ସଞ୍ଚୟିତା)

'ଗୀତାଞ୍ଜଳି'ରେ ଏ ସ୍ୱର ଖୁବ୍ ସ୍ପଷ୍ଟ ଓ ପ୍ରାଣସ୍ପର୍ଶୀ। ବହିର୍ମୁଖୀ ରହସ୍ୟୋପଲବ୍ଧି ବିଶ୍ୱାୟିତ ଐକ୍ୟଚେତନାକୁ ଏକ ସ୍ୱରୂପରେ ପ୍ରକାଶ କରିବା ଅନ୍ତର୍ମୁଖୀ ରହସ୍ୟବାଦର ବୈଶିଷ୍ଟ୍ୟ ଯାହା ଗୀତାଞ୍ଜଳିର ପ୍ରତି ଛତ୍ରେ ଛତ୍ରେ, ଅନୁଭୂତ ହୋଇଥାଏ। ଏହି ମହା ସୌନ୍ଦର୍ଯ୍ୟକୁ ଏକ ପଂକ୍ତିରେ ଲକ୍ଷ୍ୟ କରାଯାଇପାରେ-

ଅନ୍ତରମମ ବିକଶିତ କର ଅନ୍ତରତମ ହେ
ନିର୍ମଳକର ଉଜ୍ଜ୍ୱଳ କର ସୁନ୍ଦର କର ହେ
ଜାଗ୍ରତ କର ଉଦ୍ୟତ କର ନିର୍ଭୟ କର ହେ
ଅନ୍ତରମମ ବିକଶିତ କର ଅନ୍ତରତମ ହେ
ନିଖିଳ ଜୀବନେ ଯୁକ୍ତକର ହେ ମୁକ୍ତକର ହେ ବନ୍ଧ
ସକଳ କରମେ ସଞ୍ଚାର କର ଶାନ୍ତ ତୁମର ଛନ୍ଦ
ଚରଣ ପଦ୍ମେ ଚିତ୍ତକୁ ମମ ସ୍ପନ୍ଦିତ କର ହେ
ନନ୍ଦିତ କର ନନ୍ଦିତ କର ନନ୍ଦିତ କର ହେ
ଅନ୍ତରମମ ବିକଶିତ କର ଅନ୍ତରତମ ହେ। (ଗୀତାଞ୍ଜଳି)

ଦିବ୍ୟସତ୍ତା ସହ କବିସତ୍ତାର ଏହି ଭାବସମ୍ବାଦ ଏକ ଅପୂର୍ବ ଶିହରଣ ସୃଷ୍ଟି କରେ ପାଠକ ଭିତରେ। ଜୀବ ଓ ପରମ ମଧ୍ୟରେ ଏକ ରାଗାନୁଗା ପ୍ରୀତିଭାବ ସସୀମ ପ୍ରତି ଅସୀମର ଅପୂର୍ବ ମିଳନ ସବୁ ଯୁଗର, ସବୁ ଦେଶର ରହସ୍ୟବାଦୀ କବିତାର ମୂଳଧର୍ମ। କବିଆତ୍ମା ବେଳେ ବେଳେ ନିର୍ଦ୍ଦିଷ୍ଟ ସୀମାବୋଧ ଅତିକ୍ରମ କରି ବିଶ୍ୱଆତ୍ମା ସହିତ ଏକୀଭୂତ ହୋଇଯାଏ। ତେଣୁ କବିଙ୍କ କଣ୍ଠରୁ ଝରିଯାଏ –"ହେ ପୂଷନ! ଏବାର ପ୍ରକାଶ କର ତୋମାର୍ କଲ୍ୟାଣତମ ରୂପ। ଦେଖି ତାରେ, ଯେ ପୁରୁଷ ତୋମାର ଆମାର୍ ମାଝେ ଏକ।" ଏଠି କବିସତ୍ତା ବ୍ରହ୍ମ ସତ୍ତାରେ ଲୀନ ହୋଇଯାଏ। ସର୍ବତ୍ର ଅନ୍ତରର ପ୍ରାଣ ପୁରୁଷ ସହ ଏକାତ୍ମ ହୋଇଯାଏ। ସର୍ବତ୍ର ମଧୁଧାରା ପ୍ଳାବିତ ହୁଏ। ସମସ୍ତ ରାଗରୁଷା ଅହଂକାରକୁ ଧୋଇ ଦେବା ପାଇଁ କବି ପ୍ରାର୍ଥନା କରେ ଏବଂ କହେ- "ଆମାର୍ ମଥାନତ କରେ ଦାଓ ହେ ତୋମାର୍ ଚରଣ ଧୂଲାର ତଲେ/ ସକଳ ଅହଂକାର ହେ ଆମାର୍ ଡୁବାଓ ଚୋଖେର ଜଲେ।" ଏହା ହିଁ ଅପୂର୍ବ ଉପଲବ୍ଧି। ଜୀବର ପରମପ୍ରାପ୍ତି। ଏହି କାବ୍ୟ ଆବେଦନ ଖୁବ୍ ସଞ୍ଚରଣଶୀଳ। ଏଭଳି ରାଶି ରାଶି କବିତା ଅଛି ଯେଉଁଥିରେ କବି ରବୀନ୍ଦ୍ରନାଥ ରହସ୍ୟବାଦୀ ଅତିନ୍ଦ୍ରୀୟ ଚେତନାର କଥା କହିଛନ୍ତି। ପରିଶେଷରେ ଏତିକି କୁହାଯାଇପାରେ ସେ ଯୁଦ୍ଧ ହେଉ କି ପ୍ରେମ, ସ୍ୱପ୍ନ ହେଉ କି ବାସ୍ତବତା, ମୋହ ହେଉ କି ମୁକ୍ତି, ଅସୀମ ହେଉ କି ସସୀମ, ଦୃଶ୍ୟ ହେଉ କି ଅଦୃଶ୍ୟ- ଏସବୁର ନିର୍ମମ ବାସ୍ତବତାକୁ ଯେଉଁ କବି ନିଜେ ବୁଝି ଅନ୍ୟକୁ ବୁଝେଇଦିଏ ତା'ର ଶବ୍ଦ ଶକ୍ତିରେ ଏବଂ ଏକ ସର୍ବକାଳିନ ସତ୍ୟର ପ୍ରତିଷ୍ଠା ଦିଏ, ତାକୁ କାଳଜୟୀ କବି କୁହାଯାଏ। ଏହି ଦୃଷ୍ଟିରୁ କବି ରବୀନ୍ଦ୍ରନାଥ ସମଗ୍ର ବିଶ୍ୱର ଆଧୁନିକ ସାହିତ୍ୟର ଜଣେ କାଳଜୟୀ ସ୍ରଷ୍ଟା ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ। ■

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ ବଲାଙ୍ଗିର
ମୋ ୯୯୩୭୪୬୫୩୬୯

## ପତ୍ରିକା ପରିଚୟ

### ରେବତୀ

ସଂପାଦିକା: ସୁବାସିନୀ ଜେନା




ଓ.ଟି. ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ସାହିତ୍ୟ ଓ ଫିଚର୍ ଧର୍ମୀ ପତ୍ରିକା 'ରେବତୀ'ର ଫେବୃଆରୀ ୨୦୨୬ ସଂଖ୍ୟା ପ୍ରକାଶ ପାଇଛି । ଏହି ସଂଖ୍ୟାରେ ବିଜୟ କୁମାର ନାୟକଙ୍କ 'ନିପୁଣ ନେତୃତ୍ୱର ମହାନାୟିକା', ରାମଚନ୍ଦ୍ର ବେହେରାଙ୍କ 'ମୁକ୍ତିର ମାର୍ଗ', ସବ୍ୟସାଚୀ ବିଷୋୟୀଙ୍କ 'ଜନଜାତିଙ୍କ ଚଳନ୍ତି ପ୍ରତିମା', ଡକ୍ଟର ରାଜେନ୍ଦ୍ର ପାଢ଼ୀଙ୍କ 'ହାଟରେ ହୁଏ ଭେଟ', ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁଙ୍କ 'ସୁରୁଡ଼ିର ସୁରେ', ଆନ୍‌ପା ମାର୍ଣ୍ଡିଙ୍କ 'ସାନ୍ତାଳୀ ସାହିତ୍ୟର ସୃଜନିକା', ସଞ୍ଜୟ କୁମାର ବାଗଙ୍କ 'ଜନଜାତିଙ୍କ ଅମୂଲ୍ୟ ଗ୍ରନ୍ଥ' ଆଦି ଲେଖାଗୁଡ଼ିକ ଉଚ୍ଚକୋଟୀର ଓ ଭାବଗର୍ଭକ ହୋଇଛି । ସେହିପରି ବିପିନ ନାୟକ, ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ସୌଭାଗ୍ୟବନ୍ତ ମହାରଣା, ରସାନନ୍ଦ ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, ରମାକାନ୍ତ ଜେନା ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସେଭଳି ଯାଜ୍ଞସେନୀ ସାହା, ସରୋଜ ଦାସ, ରେବା ପଟ୍ଟନାୟକ ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି । ସଂପାଦକୀୟଠାରୁ ଆରମ୍ଭ କରି ଧାରାବାହିକ କାବ୍ୟ, ଆତ୍ମଜୀବନୀ, ରୋଷେଇଶାଳ, ଶେଷପୃଷ୍ଠା ପର୍ଯ୍ୟନ୍ତ 'ରେବତୀ'ର ପ୍ରତିଟି ବିଭାଗର ଲେଖାଗୁଡ଼ିକ ଆକର୍ଷଣୀୟ ଓ ଭାବ ଉଦ୍ରେକକାରୀ ହୋଇଛି । ■

### ଶୋଭନା

ସଂପାଦକ: ବିଧୁଭୂଷଣ ପଟ୍ଟନାୟକ




କ୍ୱାର୍ଟର ନଂ: ୨ଆର୍.ଏ-୬୦, ରୋଡ୍-୭
ୟୁନିଟ୍- ୯, ଭୁବନେଶ୍ୱର-୨୨
ମୂଲ୍ୟ: ୪୦ ଟଙ୍କା

'ଶୋଭନା'ର ଫେବୃଆରୀ ୨୦୨୬ ସଂଖ୍ୟା ଅନୁବାଦ ବିଶେଷ ଭାବେ ପ୍ରକାଶ ପାଇଛି । ହିନ୍ଦୀ, ଉର୍ଦ୍ଦୁ, ଅସମୀୟା, ବଙ୍ଗଳା, ରାଜସ୍ଥାନୀ ଆଦି ବିଭିନ୍ନ ଭାଷାର ପ୍ରତିଷ୍ଠିତ ଗାଳ୍ପିକମାନଙ୍କ ଗପର ଓଡ଼ିଆ ଅନୁବାଦ ପ୍ରକାଶ ପାଉଛି । ଏହି ସଂଖ୍ୟାରେ ମନ୍ନୁ ଭଣ୍ଡାରୀଙ୍କ 'ତ୍ରିଶଙ୍କୁ'କୁ ସୁଭାଷ ଶତପଥୀ,ରୀନା ମେନାରିୟାଙ୍କ 'ହାତରେ ପେଟ'କୁ ବିଜୟ କୁମାର ପ୍ରଧାନ, ନିଗାର ଅଜୀମଙ୍କ 'ରୁପେଲି ପ୍ରଜାପତି'କୁ ସୁକୋମଳ ଦାଶ, ଉଷା ପ୍ରିୟମ୍ବଦାଙ୍କ 'ଲେଉଟାଣି'କୁ ନିହାରୀକା ମଲ୍ଲିକ ଅନୁବାଦ କରିଛନ୍ତି । ଏହି ଗପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷ ସଂଘର୍ଷ ଓ ଦ୍ୱନ୍ଦ୍ୱର କଥା ବଳିଷ୍ଠ ଭାବେ ଚିତ୍ରିତ ହୋଇଛି । ସେଭଳି ଡକ୍ଟର ମଦନ ମୋହନ ପାଢ଼ୀଙ୍କ 'ପ୍ରକୃତି ଅନୁସାରେ ଆହାର ବିହାର: ସ୍ୱାସ୍ଥ୍ୟର ମୂଳମନ୍ତ୍ର' ଓ ଡକ୍ଟର ଗୁରୁ ପ୍ରସାଦ ମହାପାତ୍ରଙ୍କ 'ମାନବୀୟ ସହଜାତ ପ୍ରବୃତ୍ତି ଏବଂ ଆତ୍ମାନୁଶୀଳନ' ଦୁଇଟି ଉପାଦେୟ ପ୍ରବନ୍ଧ । 'ଶୋଭନା'ର ଅନୁବାଦ ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଆସର

ସଂପାଦନା: ଡକ୍ଟର ପ୍ରଦୀପ କୁମାର ବାରିକ




ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ
୪୭, ଭିଆଇପି ଏରିଆ, ଆଇଆରସି ଭିଲେଜ
ନୟାପଲ୍ଲୀ, ଭୁବନେଶ୍ୱର-୧୫

ଭୁବନେଶ୍ୱର ସାହିତ୍ୟ ପର୍ବ ଅବସରରେ ପ୍ରକାଶ ପାଇଛି ସ୍ମରଣିକା 'ଆସର' । ଏହି ସ୍ମରଣିକାରେ ମଧୁସୂଦନ ରାଓଙ୍କ 'ଓଡ଼ିୟା ଭାଷା', ନୀଳକଣ୍ଠ ଦାସଙ୍କ 'ଓଡ଼ିଆ ବର୍ଣ୍ଣ ବିଚାରର ସଂକ୍ଷିପ୍ତ ସୂଚନା', ଗୋପବନ୍ଧୁ ଦାସଙ୍କ 'ଓଡ଼ିଆ ଭାଷା', ଗୋପୀନାଥ ନନ୍ଦଶର୍ମାଙ୍କ 'ଓଡ଼ିଆ ଶବ୍ଦସନ୍ଦର୍ଭ', ଶଶୀ ଭୂଷଣ ରାୟଙ୍କ 'ଜାତୀୟ ଭାଷା', ଗୋଲୋକ ବିହାରୀ ଧଳଙ୍କ 'ଭାଷା', ବିଶ୍ୱନାଥ କରଙ୍କ 'ଭାଷା ଚର୍ଚ୍ଚା', ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ 'ଓଡ଼ିଆ ଭାଷା ବ୍ୟବହାରରେ ସ୍ୱାଧୀନତା', ଜଗବନ୍ଧୁ ସିଂହଙ୍କ 'ଓଡ଼ିଆ ଭାଷା' ଆଦି ପ୍ରବନ୍ଧଗୁଡ଼ିକରେ ଓଡ଼ିଆ ଭାଷାର ପ୍ରାଚୀନତା, ଶବ୍ଦ ପ୍ରୟୋଗ, ଉଚ୍ଚାରଣଗତ ଶୁଦ୍ଧି ଓ ଅଶୁଦ୍ଧି ସଂପର୍କରେ ଆଲୋଚନା କରାଯାଇଛି । ସେହିପରି ଡକ୍ଟର ଅଭୟ ନାରାୟଣ ନାୟକଙ୍କ 'ଭାଷା ଓ ଜନଗଣନା: ଭିତ୍ତି ଓ ସ୍ଥିତିର ପ୍ରାସଙ୍ଗିକତା'ରେ ୨୦୧୧ ଜନଗଣନାରେ ଭାଷାର ପରିସଂଖ୍ୟାନକୁ ନେଇ ଆଲୋଚନା କରାଯାଇଛି । ସେଭଳି ଡ. ପ୍ରଦୀପ୍ତ କୁମାର ବାରିକଙ୍କ 'ଭାବ-ଭାଷା-ସାହିତ୍ୟ' ଓ ନନ୍ଦ କିଶୋର ବିଶ୍ୱାଳଙ୍କ 'ଶେଷ ପୃଷ୍ଠା'ରେ ସାହିତ୍ୟ ଓ ସାହିତ୍ୟ ସଂଗଠନ ସଂପର୍କରେ ଆଲୋଚନା କରାଯାଇଛି । 'ଆସର'ରେ ଭାଷା ଉପରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ଭୁବନେଶ୍ୱର,୨୧।୨(ସମିସ): ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଆଜି ବିଧାନସଭାରେ ବଜେଟ୍ ଉପସ୍ଥାପନ ସମୟରେ ରାଜ୍ୟରେ ଯେଉଁ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଘୋଷଣା କରିଛନ୍ତି। ସେଥିରେ ଝାରସୁଗୁଡା ସ୍ଥାନ ପାଇଥିବାରୁ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ଜିଲ୍ଲାରେ ଉଚ୍ଚଶିକ୍ଷାର



ବିକାଶ ସହିତ ଯୁବ ପ୍ରତିଭାଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି ସେ କହିଛନ୍ତି। ଉଲ୍ଲେଖନୀୟ ଯେ ମୁଖ୍ୟମନ୍ତ୍ରୀ ଆଜି ବିଧାନସଭାରେ ଝାରସୁଗୁଡା ସମେତ ଜଗତ୍ସିଂହପୁର, କେନ୍ଦ୍ରାପଡା ଓ ଭଦ୍ରକରେ ଗୋଟିଏ କରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଘୋଷଣା କରିବା ସହିତ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସେଠାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବ ବୋଲି କହିଛନ୍ତି।

■ ଧର୍ମଶାଳା ବିଧାୟକଙ୍କ ସାଂଘାତିକ ଅଭିଯୋଗ

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମାନୁନି ଅବକାରୀ ବିଭାଗ

ଭୁବନେଶ୍ୱର,୨୧।୨(ସମିସ): ରାଜ୍ୟରେ ବେଧଡ଼କ ଭାବରେ ଦେଶୀ ଓ ବିଦେଶୀ ମଦ କାରବାର ଚାଲିଛି। ଚୋରାମଦ ପିଇ ଲୋକଙ୍କ ଜୀବନ ମଧ୍ୟ ଯାଉଛି। ଅତୀତରେ ଏନେଇ ବିରୋଧୀ ତମ୍ବିତୋଫାନ କରିଥିଲା ବେଳେ ସରକାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସମସ୍ତ ଅଭିଯୋଗକୁ ସରକାର ବାଏଁବାଏଁ ଉଡ଼ାଇ ଦେଉଥିବା ବେଳେ ଶାସକ ଦଳକୁ ସମର୍ଥନ କରୁଥିବା ଧର୍ମଶାଳାର ପ୍ରଭାବଶାଳୀ ବିଧାୟକ ହିମାଂଶୁ ଶେଖର ସାହୁ(ଲିକୁ)ଙ୍କର ଏକ ତାରକା ପ୍ରଶ୍ନ ସରକାରଙ୍କୁ ଅକଳରେ ପକାଇଛି। ବିଡିଓମାନେ ତାଙ୍କ କଥା ଶୁଣୁନାହାନ୍ତି ବୋଲି ନିକଟ ଅତୀତରେ ନିଜେ ମୁଖ୍ୟମନ୍ତ୍ରୀ ଏକ ସଭାରେ କହିଥିବା ବେଳେ ଏବେ ଶାସକ ଦଳ ସମର୍ଥକ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ କଥା ଅବକାରୀ ବିଭାଗ ଶୁଣୁ ନ ଥିବା କହିବା ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶନିବାର ସେ ଏକ ପ୍ରଶ୍ନରେ ଧର୍ମଶାଳାରେ ବେଆଇନ ଭାବରେ ମଦ କାରବାର ବଢ଼ି ଚାଲିଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏହାସହ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଏନେଇ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା କହିଛନ୍ତି। ଶ୍ରୀ ସାହୁଙ୍କର ଏପରି ଅଭିଯୋଗକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

ବିଧାୟକ ଶ୍ରୀ ସାହୁ ନିଜର ପ୍ରଶ୍ନରେ କହିଥିଲେ ଯେ ଧର୍ମଶାଳାରେ ବେଆଇନ ଭାବରେ ଉଭୟ ଦେଶୀ ଏବଂ ବିଦେଶୀ ମଦ କାରବାର ଦିନକୁ ଦିନ ବଢ଼ି ଚାଲିଛି। ଏହି ସମସ୍ୟାକୁ ନେଇ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏହି ସମସ୍ୟା ନିରାକରଣ ପାଇଁ ଅବକାରୀ ନିଭାଗକୁ ଅବଗତ କରିଥିଲେ ହେଁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ସେ ପ୍ରଶ୍ନରେ ଉଲ୍ଲେଖ କରିଛନ୍ତି।

ବିଧାୟକ ଶ୍ରୀ ସାହୁଙ୍କ ଏହି ପ୍ରଶ୍ନ ଏବେ ରାଜ୍ୟ ରାଜନୀତିରେ ଆଲୋଚନାର ଖୋରାକ୍ ଯୋଗାଇଛି। ରାଜ୍ୟ ସରକାର ତଥା ବିଜେପି ସଂଗଠନ ସହ ଶ୍ରୀ ସାହୁଙ୍କର ସମ୍ପର୍କ କାହାକୁ ଅଛପା ନୁହେଁ। ସ୍ୱାଧୀନ ଭାବରେ ନିର୍ବାଚିତ ହୋଇଥିଲେ ହେଁ ସେ ଏବେ ରାଜ୍ୟ ରାଜନୀତିରେ ବେଶ୍ ପ୍ରଭାବଶାଳୀ ବିଧାୟକ। ଏପରିସ୍ଥଳେ ସେ ଉଠାଇ ଥିବା ପ୍ରଶ୍ନକୁ ଆଦୌ ଅଣଦେଖା କରାଯାଇ ନ ପାରେ ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି। ଧର୍ମଶାଳାରେ ବେଆଇନ ମଦ କାରବାର ବଢୁଥିବା କଥା କହି ସେ ରାଜ୍ୟ ଅବକାରୀ ବିଭାଗର ବିଭିନ୍ନ ଦାବିକୁ ସିଧାସଳଖ ଆହ୍ୱାନ ଦେଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମଧ୍ୟ ବିଭାଗ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନନେବା, ଅନ୍ୟ ଏକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅବକାରୀ ବିଭାଗ କିପରି ରାଜ୍ୟର ଶାସନ ମୁଖ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିବ ସେନେଇ ପ୍ରଶ୍ନ ଉଠିଥିବା ବେଳେ ଉତ୍ତରରେ ଅବକାରୀ ମନ୍ତ୍ରୀ ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ନ ଦେବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଯୋଡ଼ା, ୨୧।୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାର ୬ ନମ୍ବର ୱାର୍ଡ ବାଡ଼ୁ ହଟିଙ୍ଗରେ ହାତୀ ଆକ୍ରମଣରେ ଜଣେ ୭୦ବର୍ଷୀୟା ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ରଘୁ ବାଙ୍କିରା। ରଘୁ ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ ମନମରା ବୈତରଣୀ ସଂରକ୍ଷିତ ଜଙ୍ଗଲକୁ ଯାଇଥିବା ବେଳେ ଦୁଇ ଦିନ ହେବ ଘରକୁ ଫେରି ନଥିଲେ। ଘରଲୋକ ଆଜି ଖୋଜାଖୋଜି କରିବା ପରେ ଜଙ୍ଗଲ ଭିତରେ ତାଙ୍କ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ। ଶବ ପାଖରେ ଗୋଟିଏ ହାତୀ ଜଗି ରହିଥିଲା। ବନବିଭାଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇବା ସହ ମୃତଦେହ ଉଦ୍ଧାର କରିଥିଲା। ମୃତକଙ୍କ ଦେହ କ୍ଷତାକ୍ତ ଥିବା ଏବଂ ନିକଟରେ ହାତୀର ଉପସ୍ଥିତିକୁ ଭିତ୍ତିକରି ତାଙ୍କ ମୃତ୍ୟୁ ହାତୀ ଆକ୍ରମଣରେ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ପଠାଯାଇଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହଟ୍ଟୁନି ଅଚଳାବସ୍ଥା...

ହୋଇପାରନ୍ତା। ବୋଧହୁଏ ସରକାର ସେଥିପାଇଁ ପ୍ରସ୍ତୁତ ନାହାନ୍ତି। ଚାଷୀ ସମସ୍ୟା ନେଇ ଆଜି ସାରା ରାଜ୍ୟ ଆନ୍ଦୋଳିତ ଏବଂ ଏହାର ପ୍ରତିଧ୍ୱନି ବିଧାନସଭାରେ ଗୁଞ୍ଜରିତ ହେବା ସ୍ୱାଭାବିକ ଅଟେ। ଆଜି ରାସ୍ତାରେ ଚାଷୀ ଛିଡ଼ା ହୋଇଥିବା ବେଳେ ସେମାନଙ୍କ ଧାନ ବିକ୍ରି ହୋଇପାରୁ ନାହିଁ। କଟ୍‌ନୀଛଟ୍‌ନୀ ବ୍ୟାପକ ଭାବରେ ହେଉଛି। ଏହାର ପ୍ରତିଧ୍ୱନି କ'ଣ ବିଧାନସଭାରେ ଶୁଭିବ ନାହିଁକି ବୋଲି ଶ୍ରୀ ଆଚାର୍ଯ୍ୟ ପାଲଟା ପ୍ରଶ୍ନ ପଚାରିଛନ୍ତି। ଗୃହ ଚଳାଇବା ଦାୟିତ୍ୱ ସରକାରଙ୍କର ଅଟେ। ସରକାର କାହିଁକି ଚାଷୀ ସମସ୍ୟାର ସମାଧାନ ପାଇଁ ଆଲୋଚନା କରୁନାହାନ୍ତି ବୋଲି ସେ ପ୍ରଶ୍ନ ଉଠାଇବା ସହ ସରକାରଙ୍କର ଏନେଇ ଆନ୍ତରିକତା ନାହିଁ ଏବଂ ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଚାଷୀଙ୍କ ସମସ୍ୟା ସରକାର ଦେଖିପାରୁ ନାହାନ୍ତି। ମଣ୍ଡିରେ ଧାନ ଧରି ଚାଷୀ ବିକ୍ରି ପାଇଁ ଅପେକ୍ଷାରତ ଥିବାବେଳେ ସେମାନଙ୍କ ଧାନ ଉଠୁନାହିଁ। ଅନେକ ସ୍ଥାନରେ ଚାଷୀଙ୍କୁ ଟୋକନ ମିଳୁନାହିଁ। ମାତ୍ର ରାଜ୍ୟର ଏହି ପ୍ରମୁଖ ସମସ୍ୟାର ସମାଧାନ କରିବା ପାଇଁ ସରକାର ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି ବୋଲି ଶ୍ରୀ କାଡାମା ଅଭିଯୋଗ କରିଛନ୍ତି।

ଅପରପକ୍ଷେ ଗୃହ ମଧ୍ୟରେ ବିରୋଧୀଙ୍କ ଏପରି ଆଚରଣକୁ ଶାସକ ଦଳ ପକ୍ଷରୁ କଡା ନିନ୍ଦା କରାଯାଇଛି। ଗୃହ ବାହାରେ ଏନେଇ ପ୍ରତିକ୍ରିୟା ରଖି ଶାସକ ଦଳ ପକ୍ଷରୁ କୁହାଯାଇଛି ଯେ ବିରୋଧୀ ସଦସ୍ୟ ଉଦ୍ଦେଶ୍ୟମୂଳକ ଭାବେ ୪ ଦିନ ହେଲାଣି ଗୃହ ଚଳାଇ ଦେଉ ନାହାନ୍ତି। ଫଳରେ ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗ ଆଲୋଚନା ହୋଇ ପାରୁନାହିଁ। ଯଦି ପ୍ରକୃତରେ ଚାଷୀଙ୍କ ସମସ୍ୟା ସମାଧାନ ସେମାନଙ୍କ ଉଦ୍ଦେଶ୍ୟ ଥା'ନ୍ତା, ତାହେଲେ ସେମାନେ ଗୃହ ଅଚଳ କରନ୍ତେ ନାହିଁ।

### 'ସୁପ୍ରିମ୍' ଝଟ୍‌କା...

ୟୁରୋପୀୟ ସଂଘ (ଇୟୁ) ସମେତ ଆମେରିକା ସହ ବାଣିଜ୍ୟ ଚୁକ୍ତି କରିଥିବା ସବୁ ଦେଶ ଉପରେ ଏବେ ୧୦ ପ୍ରତିଶତ ଶୁଳ୍କ ଲାଗିବ। ଅର୍ଥାତ୍ ଭାରତକୁ ମଧ୍ୟ ୧୮ ପ୍ରତିଶତ ବଦଳରେ ୧୦ ପ୍ରତିଶତ ଶୁଳ୍କ ଦେବାକୁ ହେବ। ହ୍ୱାଇଟ ହାଉସରେ ସାମ୍ବାଦିକ ସମ୍ମିଳନୀ କରି ସୁପ୍ରିମକୋର୍ଟଙ୍କ ରାୟକୁ ଟ୍ରମ୍ପ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ସର୍ବୋଚ୍ଚ ନ୍ୟାୟାଳୟର କିଛି ବିଚାରପତିଙ୍କୁ ନେଇ ମୋତେ ଲଜ୍ୟା ଲାଗୁଛି। ସେମାନେ ଦେଶ ପାଇଁ କଳଙ୍କ ଏବଂ ଦେଶଦ୍ରୋହୀ। କିଛି ବିଚାରପତି ଆମ ସମ୍ବିଧାନକୁ ବିଶ୍ୱାସ କରୁନାହାନ୍ତି। ଦେଶ ପାଇଁ ଭଲ କାମ କରିବାକୁ ଏହି ବିଚାରପତିଙ୍କ ପାଖରେ ସାହସ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଜର ଉତ୍ତମ ବନ୍ଧୁ ବୋଲି ଟ୍ରମ୍ପ ସମ୍ବୋଧନ କରିଥିବା ବେଳେ ଭାରତ ସହ ବାଣିଜ୍ୟ ଚୁକ୍ତିରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଶୁଳ୍କକୁ ନେଇ ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ଅଧ୍ୟୟନ କରୁଛୁ ବୋଲି ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ଶନିବାର କୁହାଯାଇଛି ଯେ ଆମେରିକା ପ୍ରଶାସନ ନେଇଥିବା ପଦକ୍ଷେପର ଦେଶ ଉପରେ କି ପ୍ରଭାବ ପକାଇବ ତାହାର ଆକଳନ କରାଯାଉଛି। ସରକାର ଘଟଣାକ୍ରମ ଉପରେ ନଜର ରଖିଛନ୍ତି। ଏହା ପୂର୍ବରୁ ଶୁକ୍ରବାର ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋୟଲ କହିଥିଲେ ଯେ ଫେବୃଆରୀ ଶେଷ ସୁଦ୍ଧା ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଯିବ। ମାର୍ଚ୍ଚରେ ଚୁକ୍ତି ସ୍ୱାକ୍ଷର ହେବ। ଆଉ ଏପ୍ରିଲରୁ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ।

ନୂଆ ଶୁଳ୍କକୁ ନେଇ ଟ୍ରମ୍ପ କହିଛନ୍ତି ଯେ ୧୯୭୪ର ବାଣିଜ୍ୟ ନିୟମ ଧାରା ୧୨୨ ଅଧିନରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଥିବା ଶୁଳ୍କରୁ ଅତିରିକ୍ତ ଭାବେ ଏହା କାର୍ଯ୍ୟକାରୀ ହେବ। ଏହା ସୁପ୍ରିମକୋର୍ଟ ରଦ୍ଦ କରିଦେଇଥିବା ଶୁଳ୍କର ସ୍ଥାନ ନେବ। ସୂଚନାଯୋଗ୍ୟ ଯେ ଧାରା ୧୨୨ରେ ପେମେଣ୍ଟ ବାଲାନ୍ସ ପାଇଁ ବଡ଼ ଏବଂ ଗମ୍ଭୀର ସମସ୍ୟାର ସମାଧାନ ନିମନ୍ତେ ବିଭିନ୍ନ ଦେଶ ଉପରେ ୧୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାକୁ କ୍ଷମତା ଦେଉଛି। ମାତ୍ର ଏହାକୁ କେବଳ ୧୫୦ ଦିନ ପାଇଁ ଲଗାଇ ହେବ। ତେବେ ଏ ପର୍ଯ୍ୟନ୍ତ ଏହି ଧାରାର ପ୍ରୟୋଗ କରାଯାଇ ନ ଥିଲା।

ଟ୍ରମ୍ପ କହିଥିଲେ ଯେ ସୁପ୍ରିମକୋର୍ଟ ରଦ୍ଦ କରିଥିବା ଶୁଳ୍କ ଲାଗୁ କରିବା ପାଇଁ ମୋତେ ସଂସଦର ସହାୟତା ନେବା ଆବଶ୍ୟକତା ନାହିଁ। ରାଷ୍ଟ୍ରପତିଙ୍କୁ ମିଳିଥିବା ଅଧିକାର ମାଧ୍ୟମରେ ଏହାକୁ କାର୍ଯ୍ୟକାରୀ କରିପାରିବି। ଶୁଳ୍କ ବାବଦ ଅର୍ଥ ପୈଠ କରିବା ନେଇ ସୁପ୍ରିମକୋର୍ଟ କିଛି କହିନାହାନ୍ତି। ତେଣୁ ସରକାର ଶୁଳ୍କ ବାବଦରେ କୌଣସି କମ୍ପାନୀଙ୍କଠାରୁ ଆଦାୟ କରାଯାଇଥିବା ଅର୍ଥ ଫେରସ୍ତ କରାଯିବ ନାହିଁ। ବିଚାରପତି ବହୁତ ଖରାପ ରାୟ ଶୁଣାଇଛନ୍ତି। ଆହୁରି ୨ ବର୍ଷ ପର୍ଯ୍ୟନ୍ତ ଏହି ମାମଲା ଚାଲିବ ବୋଲି ଲାଗୁଛି। ସୁପ୍ରିମକୋର୍ଟଙ୍କ ରାୟ ଉପରେ ବିଦେଶୀ ଶକ୍ତିଙ୍କ ପ୍ରଭାବ ପଡ଼ିଛି। ଯଦି ଶୁଳ୍କ ନ ଲଗାଯିବ ତେବେ ବିଦେଶୀ ଦେଶ କିଛି ମାମଲାରେ ଆମେରିକାଠାରୁ ଆଗକୁ ପଳାଇବେ। ରାଷ୍ଟ୍ରପତିମାନେ ପୂର୍ବରୁ ଏହି ଶୁଳ୍କ ଲଗାଇଦେବା ଉଚିତ ଥିଲା। ମାତ୍ର ସେମାନେ ଦେଶକୁ ଦୁର୍ବଳ ହେବାକୁ ଦେଇଥିଲେ। ଏହାଦ୍ୱାରା ଅନ୍ୟ ଦେଶକୁ ଲାଭ ମିଳିଥିଲା। ଏହି ଶୁଳ୍କ ରାଜସ୍ୱ ବଜାୟ ରଖିବା ପାଇଁ ବିକଳ୍ପ ବ୍ୟବସ୍ଥା ଉପରେ ବିଚାର କରାଯିବ। ଆଇଇପିଏ ଅଧିନରେ ଏକ ଡଲାର ଶୁଳ୍କ ବି ଆଦାୟ କରାଯାଇପାରିବ ନାହିଁ। ଏହା ଅତ୍ୟନ୍ତ ହାସ୍ୟାସ୍ପଦ। କୌଣସି ଦେଶଠାରୁ ଶୁଳ୍କ ଆଦାୟ କରିପାରିବି ନାହିଁ, ମାତ୍ର ସେହି ଦେଶ ଏବଂ ବ୍ୟବସାୟୀଙ୍କୁ ବର୍ବାଦ କରିପାରିବି ବୋଲି ଟ୍ରମ୍ପ ଧମକ ଦେଇଛନ୍ତି।

### ଚର୍ଚ୍ଚାରେ ଭାରତୀୟ...

କରିଥିଲେ। ରାଷ୍ଟ୍ରପତିଙ୍କ କ୍ଷମତାକୁ ରୋକିବା ନେଇ ସାମ୍ବିଧାନିକ ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ କାତ୍ୟାଲ ସାମାଜିକ ଗଣମାଧ୍ୟମରେ ବିଜୟ ହେଲା ବୋଲି ପୋଷ୍ଟ କରିଥିଲେ। ସେ ନିଜ ଆଇନଗତ ଟିମ୍‌କୁ ମଧ୍ୟ ପ୍ରଶଂସା କରିଛନ୍ତି। ନିଜ ଟିମ୍‌କୁ ବିଶ୍ୱର ଶ୍ରେଷ୍ଠ ବୋଲି କହିଛନ୍ତି। ଓକିଲଙ୍କୁ ବହୁତ ଭଲ କହି ଦରଦୀ ମଣିଷ ଆଖ୍ୟା ଦେଇଛନ୍ତି। କାତ୍ୟାଲ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରି କହିଥିଲେ ଯେ କ୍ଷମତା ବିକେନ୍ଦ୍ରୀକରଣରେ ସାମ୍ବିଧାନିକ ବ୍ୟବସ୍ଥାର 'ନିର୍ଣ୍ଣାୟକ ବିଜୟ' ହୋଇଛି। ରାଷ୍ଟ୍ରପତି କ୍ଷମତାଶାଳୀ, ମାତ୍ର ଆମ ସମ୍ବିଧାନ ଏବେ ବି ସବୁଠାରୁ ଶକ୍ତିଶାଳୀ ଅଛି। ଆଜି ଯାହା ହୋଇଛି ତାହା ଆମେରିକା ବ୍ୟବସ୍ଥାର ବଡ଼ ଉଦାହରଣ। ଜଣେ ପ୍ରବାସୀଙ୍କ ପିଲା ଭାବେ ମୁଁ କୋର୍ଟକୁ ଯାଇ କ୍ଷୁଦ୍ର ବ୍ୟବସାୟୀଙ୍କ ପକ୍ଷରୁ ରାଷ୍ଟ୍ରପତି ବେଆଇନ ଭାବେ କାର୍ଯ୍ୟ କରୁଥିବା କହିଥିଲି।

ସୂଚନା ଅନୁଯାୟୀ, ନିଲ କାତ୍ୟାଲ ୧୯୭୦ରେ ଚିକାଗୋରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାଆ ଜଣେ ଡାକ୍ତର ଏବଂ ବାପା ଇଞ୍ଜିନିୟର ଥିଲେ। ଉଭୟେ ଭାରତରୁ ଆମେରିକା ଆସିଥିଲେ। ଏବେ ୱାଶିଂଟନ ସ୍ଥିତି ମିଲବ୍ୟାଙ୍କ ଏଲଏଲପିର ସହଯୋଗୀ ଭାବେ କାତ୍ୟାଲ କାମ କରୁଛନ୍ତି। ସେ 'ଲିଟିଗେସନ ଆଣ୍ଡ ଆର୍ବିଟେସନ' ଗ୍ରୁପର ମଧ୍ୟ ସଦସ୍ୟ ଅଛନ୍ତି। ୟାଲେ ଲ ସ୍କୁଲରୁ କାତ୍ୟାଲ ଡିଗ୍ରୀ ହାସଲ କରିଥିଲେ। ପରେ ସୁପ୍ରିମକୋର୍ଟ ବିଚାରପତି ଷ୍ଟିଫେନ ଜି. ବ୍ରେୟରଙ୍କ କ୍ଲର୍କ ଭାବେ କାମ କରିଥିଲେ। ୧୯୯୮-୯୯ରେ ସେ ଡେପୁଟି ଆର୍ଟର୍ଣ୍ଣି ଜେନେରାଲ ଭାବେ କାର୍ଯ୍ୟ କରିଥିଲେ। ଆମେରିକା ନ୍ୟାୟ ବିଭାଗ ୨୦୧୧ରେ ତାଙ୍କୁ ନାଗରିକଙ୍କୁ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ 'ଏଡମଣ୍ଡ ରାଣ୍ଡଲଫ ଆୱାର୍ଡ'ରେ ସମ୍ମାନିତ କରିଥିଲା। ସୁପ୍ରିମକୋର୍ଟରେ ନିଲ ଅନେକ ମାମଲାରେ ପ୍ରତିନିଧିତ୍ୱ କରିଛନ୍ତି। ଆମେରିକାର ଜଣେ ପ୍ରସିଦ୍ଧ ଓକିଲ ଭାବେ ସେ ଜଣାଶୁଣା। ସେ ଏକାଡେମିକ ଏବଂ ଲିଟିଗେସନ ସହିତ କାର୍ଯ୍ୟନିର୍ବାହୀ କ୍ଷମତା, ଜାତୀୟ ସୁରକ୍ଷା ଆଇନ ଏବଂ ସାମ୍ବିଧାନକ କ୍ଷମତାର ଯାଞ୍ଚ ଆଦି ପ୍ରସଙ୍ଗରେ କାର୍ଯ୍ୟ କରୁଛନ୍ତି।

### ସ୍କୁଲରେ ସପ୍ତମ ଶ୍ରେଣୀ...

ଦଳର ପ୍ରତିନିଧିମାନେ ପୀଡ଼ିତାଙ୍କ ପରିବାରକୁ ଭେଟି ଘଟଣାର ତଦନ୍ତ କରିବା ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି। ଅପରପକ୍ଷେ, ଏହି ଖବର ପଦାକୁ ଆସିବା ପରେ ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି।

### ୩୭ ଲକ୍ଷ ଟଙ୍କାର...

ତାରିଖ ଲିଙ୍ଗରାଜ ଷ୍ଟେସନ ନିକଟରେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା। ଗିରଫ ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳର ସେକ୍ ଆକବର ଠାରୁ ୪୦୦ ଗ୍ରାମର ବ୍ରାଉନସୁଗର ଜବତ ହୋଇଥିଲା। ଆକବର ଜଣେ ଅଟୋଚାଳକ ହୋଇଥିବା ବେଳେ ସେ ପଶ୍ଚିମବଙ୍ଗରୁ ବ୍ରାଉନସୁଗର ଆଣି ବାଲେଶ୍ୱର ଓ ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲେ। ଗିରଫ ଆକବରର ଲିଙ୍କରେ ୩ ଅଭିଯୁକ୍ତ ସମୀର, ଇର୍ସାଦ୍ ମୁନାଫ୍ ଥିଲେ। ଆକବରକୁ ଅଧିକ ପଚରାଉଚରା କରାଯିବା ପରେ ଅନ୍ୟ ସହଯୋଗୀଙ୍କ ବିଷୟରେ ତଥ୍ୟ ମିଳିଥିଲା।

### ଏଣିକି କାଗଜ...

ଖୋଲିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ସେହିପରି ନିକୋଟିନ ଯୁକ୍ତ ଗୁଟଖା, ପାନ ମସଲା ବିକ୍ରି ଉପରେ ସରକାର ପ୍ରତିବନ୍ଧକ ଜାରି କରୁଛନ୍ତି। ଏପରିସ୍ଥଳେ ରାଜ୍ୟ ସରକାର ଅଧିକ ୧୧୪୬ କୋଟି ଟଙ୍କା କୋଉଠୁ ଆଦାୟ କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକେ ଯେ ଅଧିକ ମଦ ପିଅନ୍ତୁ, ଏହା ସରକାରଙ୍କ ଭିତିରି ଉଦ୍ଦେଶ୍ୟ ବୋଲି ମଦ ବିରୋଧୀ ଆନ୍ଦୋଳନର ନେତୃବୃନ୍ଦମାନେ କ୍ଷୋଭକ୍ତି ପ୍ରକାଶ କରିଛନ୍ତି।


**WANTED**

A well-established firm invites applications for the following positions:

**1. Senior Accountant - (1 No.)**
Experience : 10 yrs. above

**2. Junior Accountant - (1 No.)**
Experience : 2-5 yrs. above

**3. Supervisor - (2 Nos.)**
Experience : 2-5 yrs. above

**4. Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com

Contact
7978386707


**Nayagarh (Autonomous) College, Nayagarh**

**Quotation Call Notice**

Sealed quotations are invited from registered reputed Firms/ Dealers/ Suppliers having valid GST Registration, PAN and IT clearance etc. for supply of equipment/chemicals under MRIP-2023. Quotations should be sent to Dr. Deepak Ranjan Sahoo, Principal Investigator (MRIP-2023 Sponsored by DHE, ODISHA) and Lecturer, Dept. of Zoology, Nayagarh (Autonomous) College, Nayagarh, Odisha-752069. The details of specifications of the items can be downloaded from college Website: www.ngrautocol.ac.in. The quotations must reach on or before **5.00 P.M. of 27th February 2026** by Speed Post/Registered Post only and the quotations will be opened on **28th February 2026 at 11.30 A.M.** The undersigned reserve the rights to accept or reject any or all quotations without assigning any reason thereof.

Sd/-Principal
Nayagarh (Autonomous) College,
Nayagarh

**Government of Odisha "e" procurement Notice**

34001/99/2526

OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
*E-mail* – eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/43/2025-26

1. Name of the work :- 1. "PROVISION OF TRANSFORMER FOR RW COLONY KAMAKHYANAGAR UNDER RWES DHENKANAL" 2. "PROVISION OF 20 KVA DG TO RW DIVISION TITLAGARH UNDER RWES BALANGIR"
2. Estimated Cost :- 1. Rs.7,96,487/- 2. Rs.8,05,024/-
3. Availability of bid document in the website. :- 11.30 Hours of 23.02.2026 to 17:00 Hours of 04.03.2026
4. Date of Opening of Tenders :- 11:30 Hours on dt. 06.03.2026

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.

Executive Engineer
R.W Electrical Division Sambalpur

OIPR-34001/34175/1/25-26/0002

**AFFIDAVIT**

I, Jaydev Mohapatra, S/o. Gopinath Mohapatra, resident of Vill. Badakhua, P.o. Sunhat, P.S. Town, Dist. Balasore, Odisha, Pin. 756002 declare by this affidavit No. 515 dtd. 20.01.2026 that now onwards I shall be known as **JAYADEB MOHAPATRA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Pipili, Dated- 18.02.2026, I Dhanamani Mishra, W/o- Brajaraj Mishra, permanent resident of At/Po- Deypursasan, Ps- Delanga, Dist-Puri, PIN-752046, Odisha, declare that I have change my name from Radhamani Mishra to Dhanamani Mishra. Henceforth I shall be known as **DHANAMANI MISHRA** for all purposes.

**GOVERNMENT OF ODISHA**

34001/111/2526

**OFFICE OF THE CHIEF CONSTRUCTION ENGINEER,KHORDHA (R&B) CIRCLE, KHORDHA**

**INVITATION FOR BIDS (IFB)**

No. 326 Dated. 18.02.2026

EOI Identification No. CCE-Khordha (R&B) Circle-02/2025-26

Expression of Interest

1. The Chief Construction Engineer, Khordha (R&B) Circle, Khordha (the "Authority") on behalf of the Works Department, Government of Odisha (The government )invites Expression of Interest (EOI) from eligible registered service providers as mentioned below.
2. Nature of work :- Arrangement of Venue set-up Logistics and other allied activities associated with state level function at different locations under Khordha (R&B) Circle
3. Available of bid document in the website :- From 10:30 A.M of 24.02.2026 to 4:00 P.M of 05.03.2026
4. Date of opening of Bid :- Dt.06.03.2026 at 11.00 AM

The bidders have to participate in Online Bidding only: Further details can be seen from the website:- https//tendersodisha.gov.in any addendum/corrigendum/ cancellation of tender can also be seen in the said website

Sd/-Er.M.K.Mahananda
Chief Construction Engineer
Khordha (R&B) Circle, Khordha

OIPR-34001/34127/1/25-26/0001

34001/105/2526

**GOVERNMENT OF ODISHA**
**e-Procurement Notice, Angul (R&B) Division**
**Bid Identification No. 74 of 2025-26**
**email id - angulrbdivision@yahoo.co.in**

1. Number of Works : 02 (Two) number of road works; 03 (Three) number of building works; 03 (Three) number of Electrical works
2. Approximate estimated cost : Varies from 5.40 lakh to 37.81 lakh
3. Period of completion : Varies from 01 (One) to 03 (Three) Calendar months
4. Date & Time of availability of bid document in the portal : from **Dt. 24.02.2026**
5. Last date / Time for receipt of bid in the portal : **Dt. 06.03.2026 up to 5.00 P.M.**
6. Date of opening Bid : **Dt. 07.03.2026 at 11.00 A.M.**
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in **ONLINE** bidding only.
   Further details can be seen from the e-procurement portal https:/tendersodisha.gov.in

Superitending Engineer,
Angul (R&B) Division

OIPR-34001/34074/1/25-26/0007

**Government of Odisha "e" procurement Notice**

34001/106/2526

OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
*E-mail* – eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/43/2025-26

1. Name of the work :- 1. "PROVISION OF TRANSFORMER FOR RW COLONY KAMAKHYANAGAR UNDER RWES DHENKANAL"
2. Estimated Cost :- 1. Rs.7,96,487/-
3. Availability of bid document in the website. :- 11.30 Hours of 23.02.2026 to 17:00 Hours of 04.03.2026
4. Date of Opening of Tenders :- 11:30 Hours on dt. 05.03.2026

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.

Executive Engineer
R.W Electrical Division Sambalpur

OIPR-34001/34175/1/25-26/0003

**GOVERNMENT OF ODISHA**

25001/213/2526

**OFFICE OF THE SUPERINTENDING ENGINEER**
**RURAL WORKS DIVISION, BANSPAL**
E-mail-eerwbansapal@gmail.com

**"e" Procurement Notice for Road Works**
**Identification No Road Online NCB - 11/2025-26.**

1. Name of the Work : Road Works in the District of Keonjhar for the year 2025-26.
2. Total Number of Work : 02 Nos.
3. Estimated Cost : Rs. 5.83 Lakhs to 25.49 Lakhs (Approx.)
4. Class of Contractor : "C" & "B", "D" & "C" Class
5. Period of Completion : As per annexure of e-Procurement Notice No. **11 of 2025-26.**
6. Other Details : NA

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W.D Banspal |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Banspal | Road Online NCB No. 11 | Dt.24.02.2026 at 11.00 A.M. | Dt.06.03.2026 up to 5.00 P.M. | Dt.05.03.2026 up to 5.00 P.M. | 07.03 .2026 At 11.00 A.M. |

Further details can be seen from the Website www.tendersodisha.gov.in

Sd/-
Superintending Engineer,
R.W. Division, Banspal

OIPR-25001/25198/1/25-26/0001

**GOVERNMENT OF ODISHA**
**PANCHAYAT SAMITI, GUDARI**

19001/45/2526

Email- ori-gudari@od.gov.in

**INVITATION FOR BIDS (IFB)**
**e-procurement Notice**

**IDENTIFICATION NO. 02/2025-26 of PANCHAYAT SAMITI, GUDARI**
**No. 344/GPSSK/2026, (GPSSK, Tender) Dev Dated 20.02.2026**

1. The **Panchayat Samiti, Gudari** Invites **Percentage Rate Bids in Single Cover** system in on **ONLINE MODE** for construction of **Gram Panchayat Subhadra Shakti Kendra** (Civil + Electrification+ PH) as detailed in the **Detailed Tender Call Notice (D.T.C.N)** from the eligible class of contractors.
2. No. of Works : 03 (Three) No.
3. Cost of Tender Paper : Rs. 6,000/- (Rupees Six Thousand) only
4. Class of Contractor : "B" & "C" Class
5. Date & Time of available in web site & receipt online : 11:00Hrs of 02.03.2026 to 17.00 Hrs. of 16.03.2026.
6. Date of Opening of Technical Bid : 18.03.2026 at 11:00 Hrs.
7. The Bidder have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any corrigendum / Addendum will be displayed in the website https://tendersodisha.gov.in only.

Block Developmtne Officer
Gudari

OIPR-19001/19045/1/25-26/0001


**WANTED**

A well-established firm invites applications for the following position

**Tele Sales Executive**

Out Bound Uk process

Good English Speaking

**Salary: 10k to 20k**
depend upon experience

Interested candidates can send their CV to
Email: pin24u@gmail.com

9776245778
7752003261

Location: Bhubaneswar


**AFFIDAVIT**

By virtue of an affidavit **no. 482** before the **Notary Public, Jeypore, dtd.20.02.2026**, I, Anushree Padhi, resident of Panjiaguda, near Siva Temple, P.O. Jayanagar, P.S. Jeypore Sadar, Dist- Koraput hereby declare that my original name was "Anushree Padhi" and after my marriage, my surname has been changed to "Rath" and I am known as "Anushree Rath". That both the names **"Anushree Padhi" & "Anushree Rath"** belong to one and the same person, i.e., myself.

**AFFIDAVIT**

By virtue of an affidavit sworn before the **Notary Public, Sonepur, dtd.21.02.2026**, I, **Laxmipriya Danga**, permanent resident of Patabhadi, Po/P.S. Sonepur, Dist- Subarnapur, Pin - 767017 hereby declare that I have changed my name from **"Laxmipriy Danga"** to **"Laxmipriya Danga"**. Henceforth, I shall be known as **Laxmipriya Danga** for all purposes.

**AFFIDAVIT**

By virtue of an affidavit **no.603** before **Notary Public, Umerkote, dtd. 19.02.2026**, I, **Ritanjali Santra**, permanent resident of At-Jharigam Road, P.S.- Umerkote, Tahasil- Umerkote, Dist- Nabarangpur - 764073 hereby declare that I have changed the name of my minor daughter from **"Sudhatta Santra" to "Sudhata Santra".** Henceforth, my minor daughter shall be known as **Sudhata Santra** for all purposes.

**Sd/- Ritanjali Santra**

**AFFIDAVIT**

By virtue of an affidavit sworn before The Executive Magistrate, Cuttack, on dated- 04/02/2026. I, **Bijay Chandra Prusty,** S/o- Late Padmalav Prusty, permanent resident of Vill: Mukameswar, PO: Uttamapur, PS: Cuttack Sadar, Dist: Cuttack, PIN: 753011, State: Odisha declare that I have changed my minor son's name from **Sairam Prusty** to **Yuvraj Prusty.** Henceforth, he shall be known as **Yuvraj Prusty** (new name) for all purposes.

**Bijay Chandra Prusty**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 21/02/2026. I, **Saraswati Sahoo** (applicant name), W/o- Nilamani Sahu, permanent & current resident of AT: Sanjaya Behera Gali, Ward No.9, High School Para, Titilagarh, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor daughter's name from **Audition Sahu** to **Auditee Sahu.** Henceforth, she shall be known as **Auditee Sahu** (new name) for all future purposes.

**Saraswati Sahoo**

**AFFIDAVIT**

By virtue of an affidavit (CF No. 97, Date- 20/02/2026) sworn before The Executive Magistrate, Bhubaneswar, I, **Anwesha Rai Tripathy,** legally wife of Dhananjay Kumar Rai, permanent resident of Flat No. B/607, Acrux Neon, At-Rudrapur, Naharkanta, PO/PS: Balianta, Bhubaneswar, Dist: Khordha, State: Odisha, PIN: 751035 declare that, after marriage I have changed my name from **Anwesha Tripathy** to **Anwesha Rai Tripathy.** Henceforth, I shall be known as **Anwesha Rai Tripathy** (new name), W/o Dhananjay Kumar Rai for all purposes.

**Anwesha Rai Tripathy**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 21/02/2026. I, **Premalata Goud** (new name), D/o Duryodhan Goud, permanent & current resident of AT: Lanjigarh, PO: Lanjigarh Road, PS: Narla, Dist: Kalahandi, State: Odisha, PIN: 766110 declare that I have changed my name from **Pritisamaya Gouda** to **Premalata Goud.** Henceforth, I shall be known as **Premalata Goud** (new name) for all future purposes.

**Premalata Goud**

## ହିଟାଚି ସହ ପଥର ବୋଝେଇ ଡମ୍ପର ଜବତ

ସୋର, ୨୧।୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରେ ଖଣି ବିଭାଗ ତରଫରୁ ଚଢ଼ାଉ କରାଯାଇ ଏକ ଟାଟା ହିଟାଚି ସହ ଏକ ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ କରି ସୋର ଥାନା ଜିମା ଦିଆଯାଇଛି। ଏହି ଖାଦାନରେ ପ୍ରଶାସନ ତରଫରୁ ୧୬୩ ଧାରା ଲାଗୁ କରାଯାଇ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି।କିନ୍ତୁ ପଥର ମାଫିଆ ମାନେ ୧୬୩ ଧାରାକୁ ଖାତିର ନ କରି ଅହରହ ଖାଦାନରୁ ପଥର ଚୋରି କରୁଛନ୍ତି। ଗତକାଲି ରାତିରେ ୪୨ ନମ୍ବର କ୍?ାରୀରୁ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସମ୍ବିତ କୁମାର ମଣି ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ଏକ ଟାଟା ହିଟାଚି ସେଠାରେ କାର୍ଯ୍ୟ କରୁଥିବା ବେଳେ ହିଟାଚି ଟିକୁ ଜବତ କରି ପୁଲିସ ଜିମା ଦେଇଥିଲେ। ସେହିପରି କଲେଜ ଛକରେ ଚଢ଼ାଉ କରି ପଥର ଖାଦାନରୁ ପଥର ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିବା ଓଡି ୦୪ ଏଚ ୪୦୨୦ ନମ୍ବର ବିଶିଷ୍ଟ ଡମ୍ପରକୁ ଜବତ କରି ସୋର ଥାନାରେ ଜିମା ଦିଆଯାଇଛି।ଏହି ଚଢ଼ାଉ ହେଉଥିବା ଜାଣିପାରି ଅନ୍ୟ ଗାଡି ଗୁଡିକ ଫେରାର ହୋଇଯାଇଥିଲେ।

## ଉଦ୍ୟାନ ବିଭାଗ କାର୍ଯ୍ୟ ନିରୀକ୍ଷକଙ୍କ ମୃତ୍ୟୁ

ସିମୁଳିଆ,୨୧।୨ (ସମିସ): ସିମୁଳିଆ ବ୍ଲକ ଉଦ୍ୟାନ ବିଭାଗର କାର୍ଯ୍ୟ ନିରୀକ୍ଷକ ଡ଼ମ୍ବୁରଧର ନାୟକ(୫୧) ଘରେ ଶୋଇଥିବା ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ଆଜି ଅପରାହ୍ନ ସମୟରେ ଖାଇପିଇ ଘରେ ଶୋଇଥିବା ସମୟରେ ଅସୁସ୍ଥ ଅନୁଭବ କରିବା ସହ ବାନ୍ତି କରିଥିଲେ। ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକେ ଅଟୋ ସାହାଯ୍ୟରେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସର୍ଭେରେ ସୀମିତ ଜଳେଶ୍ୱର-ଚନ୍ଦନେଶ୍ୱର ପ୍ରସ୍ତାବିତ ରେଳପଥ !

ବାଲେଶ୍ୱର(ଉତ୍ତର), ୨୧।୨ (ସମିସ)




**ଭୋଗରାଇର ୪୪ ଗାଁରେ ହେବ ସର୍ଭେ**

ବହୁ ପ୍ରତୀକ୍ଷିତ ଜଳେଶ୍ୱର-ଚନ୍ଦନେଶ୍ୱର ରେଳପଥ ନିର୍ମାଣ କେବଳ ସର୍ଭେରେ ସୀମିତ ରହିଯିବ କି? ଏଭଳି ପ୍ରଶ୍ନ ଭୋଗରାଇ ବାସୀଙ୍କ ମନରେ ଦୀର୍ଘଦିନ ଧରି ଉଙ୍କି ମାରୁଛି। କିଛିଦିନ ପୂର୍ବରୁ ଭୋଗରାଇ ତହସିଲଦାରଙ୍କୁ ଦକ୍ଷିଣ ପୂର୍ବ ରେଳ ଡିଭିଜନ ଖଡ଼ଗପୁରର ଡିଆରଏମଙ୍କ ପକ୍ଷରୁ ସର୍ଭେ ପାଇଁ ଆସିଥିବା ପତ୍ର ପୁଣି ପ୍ରସ୍ତାବିତ ରେଳ ପଥ ନିର୍ମାଣ ହେବାକୁ ନେଇ ଆଶା ସଞ୍ଚାର କରିଛି। ଅନ୍ୟପକ୍ଷରେ ଚଳିତ ବିଧାନସଭା ଅଧିବେଶନରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କରିଥିବା ପ୍ରଶ୍ନ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କଠାରୁ ମିଳିଥିବା ଉତ୍ତର ଉକ୍ତ ରେଳପଥ ନିର୍ମାଣ କୁ ଦୃଢ଼ୀଭୂତ କରିଥିବା ଜଣାପଡ଼ିଛି। ଜଳେଶ୍ୱର-ଚନ୍ଦନେଶ୍ୱର ନୂତନ ରେଳପଥ ସଂକ୍ରାନ୍ତରେ ସର୍ଭେ କାର୍ଯ୍ୟ ଆରମ୍ଭ କରିବା ପାଇଁ ରେଳ ବିଭାଗ ପକ୍ଷରୁ ଭୋଗରାଇ ତହସିଲଦାରଙ୍କୁ ପ୍ରସ୍ତାବିତ ଗ୍ରାମଗୁଡ଼ିକର ତାଲିକା ପଠାଯାଇଛି କି? ଏ ସମ୍ପର୍କରେ ରାଜ୍ୟ ସରକାର ଓ ରାଜସ୍ୱ ବିଭାଗ ଅବଗତ ଅଛନ୍ତି କି? ଯଦି ଅବଗତ ଅଛନ୍ତି, ଏହି ପ୍ରସ୍ତାବିତ ରେଳପଥ କେଉଁ ବାଟରେ ଯିବ? ଯେଉଁ ବାଟ ଦେଇ ରେଳପଥ ଯିବ, ସେହି ଗାଁଗୁଡ଼ିକର ସବିଶେଷ ତାଲିକା ସରକାର ପ୍ରଦାନ କରିବେ କି? ଏ ନେଇ ରାଜସ୍ୱ ବିଭାଗ ସର୍ଭେ ଓ ଜମି ଅଧିଗ୍ରହଣ ପାଇଁ କି ପଦକ୍ଷେପ ନେଇଛି ବୋଲି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଚଳିତ ବିଧାନସଭା ଅଧିବେଶନର ପ୍ରଶ୍ନୋତ୍ତର କାଳରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଲେ; ପ୍ରସ୍ତାବିତ ଜଳେଶ୍?ର-ଚନ୍ଦନେଶ୍ୱର ରେଳପଥ ନିର୍ମାଣ ସଂକ୍ରାନ୍ତରେ ରେଳ ବିଭାଗ ସର୍ଭେ କାର୍ଯ୍ୟ ଆରମ୍ଭ କରିବା ପାଇଁ ଭୋଗରାଇ ତହସିଲଦାରଙ୍କୁ ଏକ ପତ୍ର ପଠାଇବା ସହିତ ପ୍ରସ୍ତାବିତ ଗ୍ରାମଗୁଡ଼ିକର ତାଲିକା ପ୍ରଦାନ କରାଯାଇଛି। ରେଳବାଇ ବିଭାଗ ଦ୍ୱାରା ପ୍ରାଥମିକ ସର୍ଭେ କାର୍ଯ୍ୟ ତଥା ବେସରକାରୀ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ୪୪ଟି ଗ୍ରାମ ଚିହ୍ନଟ ହୋଇଛି। ଏହି ଗ୍ରାମଗୁଡ଼ିକ ହେଉଛି; ନହରା, ମୁଣ୍ଡମାରୀ, ବଡ଼ମନ୍ଦାରୁଣୀ, ମଶାନବାଡ଼ିଆ, ଖଳାଗଡ଼ିଆ, ବାହାର୍ଦ୍ଦା, ନିଜାମପୁର, ନାଚିନ୍ଦା, କୁଶୁଡ଼ା, ଚକଗୁଜଡ଼ିହା, ଗବଗାଁ, ଅଲାଲବିନ୍ଧା, ମକରପୁର, ବାଗରୁଖୀ, ଈଶ୍ୱରପୁର, ଚକକହ୍ନେଇପୁର, ମାଟିଖଣା, ମହିଷାମୁଣ୍ଡା, ସୁନାଧରବସାଣ, ଟେଙ୍ଗରାମାରୀ, କାଠକଟା, ଗୀତଖୋଳା, ଠାକୁରଭଉଁରୀ, ପୁରୀପ୍ରତଭଉଁରୀ, ଖଇଡ଼ବାଡ଼ି, ପାଞ୍ଚବାଟିଆ, ବାଛୁରୀ ଖୁଆଡ଼, ବାଘପଞ୍ଜାର, ଶାନ୍ତିନଗର, ହାରିଗୋଛିଆ, ସରାବଣି, ଗୋଛିଦାଡେଘରୀ, ଆରୁହାପାଳ, ମଙ୍ଗରପୁର, ବିନ୍ଧାପଦ୍ମପୁର, ଚକ ସରବଣୀ, ଚାଉଳକେରା, ଡେଉଁରୀ ଓ ନାଫରାଇ ଗାଁ। ତେବେ ଏହି ସର୍ଭେ କାର୍ଯ୍ୟ ଓ ଜମି ଅଧିଗ୍ରହଣ ପ୍ରକ୍ରିୟା କେବେ ଶେଷ ହେବ ତଥା ଚଳିତ ରେଳ ବଜେଟ ରେ ଏହି ରେଳପଥ ନିର୍ମାଣ ପାଇଁ କେତେ ଟଙ୍କା ବ୍ୟୟ ବରାଦ ହେବ ତାକୁ ନେଇ ଭୋଗରାଇବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତା ଛଡ଼ା ପୂର୍ବଥର ପରି କେବେଳ ସର୍ଭେ ମଧ୍ୟରେ ଏହି ଆକାଂକ୍ଷିତ ରେଳ ପ୍ରକଳ୍ପ ସୀମିତ ରହିବ ତାହା ବୁଦ୍ଧିଜୀବୀ ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

# ପୋଖରୀ ଖୋଳା ନାମରେ ଚାଲିଥିଲା ଚୋରାପଥର ଖାଦାନ



ନୀଳଗିରି, ୨୧।୨ (ସମିସ): ବାଲେଶ୍ୱର ଜିଲ୍ଲାର ଏକମାତ୍ର ଲଘୁଖଣିଜ ସମ୍ପଦର ଭଣ୍ଡାର ନୀଳଗିରିରେ ମାଫିଆଙ୍କ ଆତଙ୍କରାଜ। ଅହରହ ୨୪ଘଣ୍ଟା ଚୋରାରେ ପଥର, ମୋରମ୍, ମାଟି ଲୁଟଚାଲିଛି। ସ୍ଥାନୀୟ ପ୍ରଶାସନ ସବୁଦେଖି ଆଖିରେ ଅନ୍ଧପୁଟୁଳି ବାନ୍ଧି ହାତଟେକି ବସିଛି। ଫଳରେ ରାଜ୍ୟ ରାଜକୋଷ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛି।ଏସବୁ ଖବର ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନଜରରେ ଥିବାବେଳେ ଶନିବାର ଦିନ ଅପରାହ୍ନ ପ୍ରାୟ ୪ଟା ସମୟରେ ଅଚାନକ ମହିଷାପଟା ପଞ୍ଚାୟତର ଡମ୍ବୁରୁଘାଟିରେ ପୋଖରୀଖନନ ଆଳରେ ଏକ ପଥରଖାଦାନ ଉପରେ ଚଢାଉ କରିଥିଲେ। ସାଂସଦ ପ୍ରତାପ ଷଡଙ୍ଗୀ ଚଢ଼ାଉ କରିବାକୁ ଯାଇଥିବା ବେଳେ ସତେ ଯେପରି ଏଠାରେ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଖାଦାନ ଭଳି ଲାଗିଲା। ସଙ୍ଗେସଙ୍ଗେ ଖଣିବିଭାଗର ଅଧିକାରୀ, ପୋଲିସ ଓ ବନବିଭାଗର ଅଧିକାରୀଙ୍କୁ ଡକାଇଥିଲେ। ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ବଡ଼ ପୋକ୍ଲିନ ଜବତ କରିଛି। ଏପଟେ ମାଫିଆମାନେ ବ୍ଲାଷ୍ଟିଂ କରିବା ପାଇଁ ଜିଲୋଟିନ ଏବଂ ତାର ମଧ ସଂଯୋଗ କରିଦେଇଥିଲେ। ଏସବୁକୁ ମଧ ଜବତ କରାଯାଇଛି। ସୂଚନା ଅନୁସାରେ ଡମ୍ବୁରୁଘାଟିରେ ଥିବା ଏକ ପୋଖରୀର ପୁନରୁଦ୍ଧାର ପାଇଁ ୨୦୨୫/୨୬ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୫ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ଫଳକ ମରାଯାଇ କାମ ବାହାନାରେ ବନବିଭାଗ ନିକଟରୁ ଅନୁମତି ଆଣିଥିଲେ। ଯେହେତୁ ଉକ୍ତ ଜାଗାଟି ବନବିଭାଗ ଅଧିନରେ ଅବସ୍ଥିତ। ପୋଖରୀର ସାମାନ୍ୟ ଏକ କୋଣ ବନ ବିଭାଗ ଅଧିନରେ ଆସୁଥିବାବେଳେ ପର ମିଶନ ମାଗିଥିଲେ। ଡିଏଫ୍ଓ ମଧ ଅନୁମତି ଦେଇଥିଲେ। ମାତ୍ର ପଥର ମାଫିଆ ମାନେ ପୋଖରୀକୋଣ ଖନନ ଆଳରେ ଏକ ବିରାଟ ପଥରଖାଦାନ କରି ଲକ୍ଷଲକ୍ଷ ଟଙ୍କାର ପଥର ଚୋରି କରି ନେଇଯାଇଥିବା ଦେଖାଯାଇଛି। ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନିକଟରେ ଏସବୁ ତଥ୍ୟ ଥିବା ବେଳେ ସ୍ଥାନୀୟ ଅଧିକାରୀଙ୍କ ନିକଟରେ କିପରି ନ ଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସ୍ଥାନୀୟପ୍ରଶାସନ ଯେଉଁ କାମ

### ଧରିଲେ ସାଂସଦ ପ୍ରତାପ ଷଡଙ୍ଗୀ, ଦୁଇ ପୋକ୍ଲିନ ଜବତ

କରିପାରିନଥିଲା, ତାହାକୁ ସାଂସଦ ପ୍ରତାପ ଷଡ଼ଙ୍ଗୀ କରି ଦେଖାଇଛନ୍ତି। ଏହି ଚଢାଉରେ ସାଂସଦଙ୍କ ସହିତ ବାଲେଶ୍ୱର ଖଣିଅଧିକାରୀ ଜଗନ୍ ବେହେରା, ନୀଳଗିରି ଖଣିଅଧିକାରୀ ଜଗନ୍ନାଥ ଦାସ, ସମ୍ବିତ କୁମାର ମଣି, ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ, ନୀଳଗିରି ରେଞ୍ଜଅଧିକାରୀ ମନୱର ଖାଁ, ମିତ୍ରପୁର ଫରେଷ୍ଟର ମଞ୍ଜୁଲତା ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଖବର ଲେଖାହେବା ବେଳକୁ ପକ୍ଲିନ ଦୁଇଟିକୁ ଥାନାକୁ ଅଣାଯାଉଥିବା ବେଳେ ମାଲିକଙ୍କ ବିରୋଧରେ କେସ ରୁଜୁ କରାଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

## ଗୁଡ଼ିଖୋଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୀଳଗିରି, ୨୧।୨ (ସମିସ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଗୁଡିଖୋଳାସ୍ଥିତ ଗୁଡିଖୋଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ୟାମସୁନ୍ଦର ପୁର ପଞ୍ଚାୟତର ସରପଞ୍ଚ ପୁରୁଷୋତ୍ତମ ସେଠୀ, ମୁଖ୍ୟ ବକ୍ତା ଅତିରିକ୍ତ ଶିକ୍ଷାଧିକାରୀ ସୀତା ହାଁସଦା ସମ୍ମାନିତ ଅତିଥି ଶ୍ୟାମସୁନ୍ଦର ସମିତି ସଭ୍ୟ ଭୋଳାନାଥ ମାଝୀ, ଯୁବ କବି ସୁନିଲ ମିଶ୍ର, ବିଦ୍ୟାଳୟର ଶିକ୍ଷା କମିଟିର ସଭାପତି ଜୟନ୍ତୀ ମୁର୍ମୁ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ସିଂ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସପ୍ନାଲି ଦାସ ଓ ସବିତା ରାଉତ ମଞ୍ଚ ଆହ୍ୱାନ କରିଥିଲେ। ଶିକ୍ଷକ ଶନୈଶ୍ଚ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତୀ ସିଂ, ଜୟନ୍ତୀ ମୁର୍ମୁ, ଗୀତାଞ୍ଜଳି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିମୁଳିଆ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଯାପିତ

ସିମୁଳିଆ, ୨୧।୨ (ସମିସ): ସିମୁଳିଆ ବ୍ଲକ ସ୍ତରୀୟ ଏକ ଦିବସୀୟ ଉଦ୍ୟାନ କୃଷି କର୍ମଶାଳା ମାର୍କୋଣା ସ୍ଥିତ ଉଦ୍ୟାନ ବିଭାଗର ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି। ଆତ୍ମା ଅଧ୍ୟକ୍ଷ ରମାକାନ୍ତ ପଢ଼ିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ସୋରର ବାସୁଦେବ ଶତପଥୀ, ସମ୍ମାନିତ ଅତିଥି ଭାବେ ସୋର ର ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୁଶ୍ରୀ ଶ୍ରୁତି ସଂଜିତା ଗିରି, ସିମୁଳିଆର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜ୍ୟୋତି ପ୍ରକାଶ ମହାପାତ୍ର, ଖଇରା ବ୍ଲକ ର ଅଗ୍ରଣୀ ଛତୁ ଚାଷୀ ସଞ୍ଜୟ କୁମାର ନାୟକ, ଅତିରିକ୍ତ ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ସୁରୂପା ନନ୍ଦ ପତି, ସିମୁଳିଆର ଜୈବିକ ଚାଷୀ ଗଜେନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇ କୃଷକ ମାନଙ୍କୁ ଉଦ୍ୟାନ କୃଷି ରେ ସରକାର ଦେଉଥିବା ପ୍ରୋତ୍ସାହନ ସମ୍ପର୍କ ରେ ସୂଚନା ଦେବା ସହିତ ବିଭିନ୍ନ ବିଷୟରେ ତାଲିମ ଦେଇଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିର ରେ ଈଶ୍ୱରପୁର, ଅଡା, ବାଉରିପଦା, କ୍ଷୀରକୋଣା, ଚାଲୁଣି ଗାଁ, ପାହି ତୋରାନା, ଆନନ୍ଦପୁର ପଂଚାୟତ ର ଚାଷୀ ନିର୍ବାଚିତ ପ୍ରତିନିଧି ମାନେ ଅଂଶ ଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ସିମୁଳିଆ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜ୍ୟୋତି ପ୍ରକାଶ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସିମୁଳିଆ ବ୍ଲକ କୃଷି ଅଧିକାରୀ ବିପି ରୋଜାଲିନ, ସମ୍ମାନିତ ଅତିଥି ଭାବେ ସୋରର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭଶ୍ରୀ ସୁଭଦର୍ଶନୀ, ସିମୁଳିଆର ସହକାରୀ ମତ୍ସ୍ୟ ଅଧିକାରୀ ଗାୟତ୍ରୀ ନାୟକ, ସମାଜସେବୀ ରାଧାରମଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଚାଷୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ଆଦର୍ଶ ଶିକ୍ଷୟିତ୍ରୀଙ୍କ ପରଲୋକ

ଚନ୍ଦନେଶ୍ୱର, ୨୧।୨(ସମିସ): ଭୋଗରାଇ ବ୍ଲକ କୁସୁଡା ପଞ୍ଚାୟତ ସେହି ଗ୍ରାମର ଡ. ଅମୂଲ୍ୟ ମହାପାତ୍ରଙ୍କ ଧର୍ମପତ୍ନୀ ତଥା ଡାକ୍ତର ଅଚିନ୍ତ୍ୟ ମହାପାତ୍ରଙ୍କ ଭାଉଜ ବିଜୟା ମହାପାତ୍ରଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା ବେଳେ କୋରାପୁଟ ସ୍ଥିତ ବିବେକାନନ୍ଦ



ବାସଭବନରେ ତାଙ୍କର ମୃତ୍ୟୁ ହୋଇଥିଲା। ଜଣେ ଆଦର୍ଶ ମହିଳା ହୋଇଥିବା ବେଳେ ସେ ସୁଦୂର କୋରାପୁଟ ଜିଲ୍ଲାର ଏକ ବିଦ୍ୟାଳୟରେ ଶିକ୍ଷକତା ସମାପନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରିଣୀ ଭାବେ ସେମିଳିଗୁଡା, କୋରାପୁଟରୁ ଅବସର ଗ୍ରହଣ କରିଥିଲେ।ଆକାଶବାଣୀ ଜୟପୁର ନାରୀମହଲରେ ଜଣେ ଆଲୋଚିକା ମଧ ଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର କୁସୁଡ଼ା ପଞ୍ଚାୟତ ରେ ଶୋକର ଛାୟା ଖେଳିଯାଇଛି। ସାନ ଝିଅ ତପସ୍ୱିନୀ ମହାପାତ୍ର ମୁଖାଗ୍ନି ଦେବା ସହିତ ସମସ୍ତ ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ ଉପସ୍ଥିତ ରହିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ



ଚନ୍ଦନେଶ୍ୱର, ୨୧।୨ (ସମିସ): ଉତ୍କଳ ସମ୍ମିଳନୀ ଭୋଗରାଇ ଶାଖା ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ହୋଇ ଯାଇଛି। ଚନ୍ଦନେଶ୍ୱର ଭାରତୀୟ ବିଦ୍ୟା ନିକେତନରେ ଏ ନେଇ ଆୟୋଜିତ ସଭାକୁ ଶାଖାର ସମ୍ପାଦକ ଅନନ୍ତ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଶ୍ରୀନିବାସ ପ୍ରଧାନ ଯୋଗଦେଇ ଭାଷା ଗୋଟିଏ ଜାତିର ମୁକୁଟ। ଭାଷା ହିଁ ଆମର ପରିଚୟ ଏବଂ ଆମ ସଂସ୍କୃତି ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ ସୁଧାଂଶୁ ଶେଖର ପ୍ରଧାନ ଯୋଗଦେଇ ଆମେ ଓଡିଆ ଏବଂ ଆମ ଭାଷା ବଡିଆ। ଏଥିପାଇଁ ଆମେ ସବୁବେଳେ ଗର୍ବ କରିବା ଉଚିତ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ତଥା ଶିକ୍ଷକ ନେତା ସୁଶାନ୍ତ କୁମାର ବେହେରା, ଶିକ୍ଷାବିତ ହେମନ୍ତ ଜେନା, ସମାଜସେବୀ ଦଦୁଲ ଦାସ ଅଧିକାରୀ ପ୍ରମୁଖ ଯୋଗଦେଇ ଓଡିଆଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀର ସଂଗଠନ ସମ୍ପାଦକ ସୁଶାନ୍ତ କୁମାର ନାୟକ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିବା ବେଳେ ଶେଷରେ ବିଦ୍ୟା ନିକେତନର ଆଚାର୍ଯ୍ୟ ଚିତ୍ତ ରଞ୍ଜନ ଗିରି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ର, ଛାତ୍ରୀମାନଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା।



ନୀଳଗିରି: ମାତୃଭାଷା ମାଆର ଭାଷା। ଭାଷା ବ୍ୟବହାର ନହେଲେ ଭାଷା ମରିଯାଏ। ଭାଷା ମଣିଷର ପରିଚୟ। ମାତୃଭାଷାକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତି ସମାଜରେ ସର୍ବଦା ସ୍ୱତନ୍ତ୍ର ବୋଲି ଆଜି ବିଶ୍ୱ ମାତୃଭାଷା ଦିବସରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ବକ୍ତବ୍ୟ ପ୍ରକାଶ ପାଇଥିଲା। ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଅଧ୍ୟାପିକା ମମତା ବରାଳ, ଡ. ଶିବାନୀ ଡଗର, ଡ. ପ୍ରଦୀପ୍ତ କୁମାର ମିଶ୍ର, ଅଧ୍ୟାପିକା ମୌସୁମୀ ଭୋଳ ପ୍ରମୁଖ ନିଜନିଜ ବକ୍ତବ୍ୟ ରଖିବାସହ ଛାତ୍ରୀମାନେ ମଧ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀ ଭାର୍ଗବୀ ରାଉତ୍ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଆଇନ ସଚେତନତା ଶିବିର

ବାଲେଶ୍ୱର,୨୧।୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଖାନନଗର ପଞ୍ଚାୟତ କାର୍ଯ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ସଚିବ ସୁମନ୍ ଜେନା ଅଧକ୍ଷତା କରି ଜାତୀୟ ଆଇନସେବା ପ୍ରାଧିକରଣର ଜାଗୃତି ଯୋଜନା, ଆଶା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ସରକାରୀ ଓ ସ୍ଥାନୀୟ ପ୍ରଶାସନିକ ସଂସ୍ଥାଗୁଡିକ ସହିତ ମିଶି ତୃଣମୂଳ ସ୍ତରରେ ନିଃଶୁଳ୍କ ଆଇନସେବା ପହଂଚାଇବା, ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ, ବାଲ୍ୟ ବିବାହର ଶିକାର ହୋଇଥିବା ପିଲାମାନଙ୍କୁ ଆଇନଗତ ସହାୟତା ଯୋଗାଇଦେବା, ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ କୁ କଡାକଡି ଭାବରେ ଲଗୁ କରିବା ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣର ବିଭିନ୍ନ ମୌଳିକ କାର୍ଯ୍ୟକ୍ରମ ଯଥା ରାଷ୍ଟ୍ରୀୟ ଲୋକ ଅଦାଲତ, ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର, ପିଡୀତା କ୍ଷତିପୂରଣ ଯୋଜନା, ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗୀ ସେବା) ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଲିଗାଲ ସ୍ୱେଚ୍ଛାସେବୀ ଏବଂ ସ୍ଥାନୀୟ ଲୋକ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ବେଧଡ଼କ ଚାଲିଛି ଚୋରା ମାଟି କାରବାର

କାଳିପଦା, ୨୧।୨ (ସମିସ): ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ବେଆଇନ ମାଟି କାରବାର। ପ୍ରଶାସନ ସବୁ ଜାଣି ମଧ ନୀରବ ରହୁଛି। ମାଟି ମାଫିଆମାନେ ସରକାରୀ ଏବଂ ବେସରକାରୀ ଜାଗାରୁ ମନ ଇଚ୍ଛା ମାଟି ତାଡ଼ି ଚଢା ଦରରେ ବିକ୍ରି କରି ମାଲେମାଲ ହେଉଛନ୍ତି। ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ମାଟି ମାଫିଆମାନେ ପାଳଜାମକୁଣ୍ଡା, ବିଷ୍ଣୁପୁର, ହାସିମପୁର, କୁଦମାନସିଂ ଆଦି ସ୍ଥାନରେ ମାଟି ଉତ୍ତୋଳନ କରୁଥିବାବେଳେ ଗ୍ରାମବାସୀ ବିରୋଧ କରିବାରୁ କିଛି ଅସାମାଜିକ ଯୁବକଙ୍କୁ ହାତ ବାରିସୀ କରି ଲୋକମାନଙ୍କୁ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ହେଉଛି। ଫଳରେ ସାଧାରଣଲୋକଙ୍କର ବିରୁଧାଭାସ ପ୍ରାଶାସନ ପାଖରେ ପହଞ୍ଚିପାରୁ ନାହିଁ। ମାଟି ଉତ୍ତୋଳନ ସ୍ଥାନ ଥାନା ଏବଂ ତହସିଲ କାର୍ଯ୍ୟାଳୟ ନିକଟବର୍ତ୍ତୀ ହୋଇଥିବାରୁ ମାଫିଆମାନେ ପ୍ରଶାସନର ମଧୁଚନ୍ଦ୍ରିକାରେ ବେଆଇନ କାମ ଚଳାଉଛନ୍ତି ବୋଲି ଛକ ବଜାରରେ ଚର୍ଚ୍ଚା ହେଉଛି।ଘଟଣା ସମ୍ପର୍କରେ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକଙ୍କୁ ଯୋଗାଯୋଗ କରିବାରୁ ପ୍ରତିକ୍ରିୟାରେ କହିଛନ୍ତି ସ୍ଥାନୀୟ ଆରଆଇଙ୍କୁ ମାଫିଆମାନଙ୍କ ବିରୁଦ୍ଧରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଗଣେଶ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଆପାଳ, ୨୧।୨ (ସମିସ): ବାଲିଆପାଳ ବ୍ଲକ ଖଗଡାପାଳସ୍ଥିତ ଶ୍ରଦ୍ଧାକ୍ଷେତ୍ର ପରିସରରେ ଶ୍ରୀ ଗଣେଶଙ୍କ ମନ୍ଦିର ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ହୃଦୟ ରଞ୍ଜନ ତ୍ରିପାଠୀଙ୍କ ସମ୍ପୂର୍ଣ ଅନୁଦାନରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହେବ ବୋଲି ମନ୍ଦିର କମିଟିର ସଭାପତି ବ୍ରଜକିଶୋର ଭୂୟାଁ ସୂଚନା ଦେଇଛନ୍ତି। ଶ୍ରଦ୍ଧାକ୍ଷେତ୍ର ପରିସରରେ ଶ୍ରଦ୍ଧାପତିଙ୍କ ମନ୍ଦିର ସମେତ ମହାଦେବ ମନ୍ଦିର, ମା ଲକ୍ଷ୍ମୀ, ମା' ବିମ୍ବଳାଙ୍କ ମନ୍ଦିର ରହିଛି। ଏହି ମନ୍ଦିର ନିର୍ମାଣ ହେଲେ ଶ୍ରଦ୍ଧାଳୁ ମାନେ ଗଣେଶଙ୍କର ଦର୍ଶନ କରିପାରିବା ସହିତ ଶ୍ରଦ୍ଧା କ୍ଷେତ୍ରରେ ସୈନ୍ଦର୍ଯ୍ୟ ମଧ ଦ୍ୱିଗୁଣିତ ହେବ ବୋଲି ଡ଼ ତ୍ରିପାଠୀ କହିଛନ୍ତି। ଶ୍ରଦ୍ଧାକ୍ଷେତ୍ରର ମୁଖ୍ୟ ପୂଜକ ବିଷ୍ଣୁପଦ ପାଠିଙ୍କ ଦ୍ୱାରା ଭୂମିପୂଜା କରାଯାଇଥିଲା। ମନ୍ଦିରର ପରିଚାଳନା କମିଟିର ସମ୍ପାଦକ ପ୍ରଫୁଲ୍ଲ ସାହୁ, ବରିଷ୍ଠ ସଦସ୍ୟ ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ, ମଧୁସୂଦନ ସାହୁ, ପ୍ରୀୟନାଥ ସେଠି, କାଳୀଚରଣ ଦେ, ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ଦିବ୍ୟକାମ ମହାନ୍ତିଙ୍କ ସମେତ ଅନ୍ୟ ପୂଜକ ରବିନାରାୟଣ ପାଠୀ, ବଳଦେବ ପଣ୍ଡା, ଶମ୍ଭୁନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ମଣ୍ଡିରେ ଧାନକିଣାରେ ପାତର ଅନ୍ତର

# ସମିତି ଆଗରେ ଧାନବସ୍ତା ରଖି ଚାଷୀଙ୍କ ଧାରଣା

ବାଲେଶ୍ୱର/ବାହାନଗା, ୨୧।୨ (ସମିସ)




ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅଧୀନ ଗୋପାଳପୁର ସେବା ସମବାୟ ସମିତିରେ ଚାଷୀଙ୍କ ଧାନ କିଣାରେ ପାତର ଅନ୍ତର କରାଯିବା ଅଭିଯୋଗ କରି ଟୋକନ ପାଇ ଧାନ ଦେବାରୁ ବଞ୍ଚିତ ହୋଇଥିବା ଚାଷୀ ସମିତି କାର୍ଯ୍ୟାଳୟ ଆଗରେ ଧାନ ବସ୍ତା ରଖି ଧାରଣାରେ ଦେଇଥିବା ଦେଖିବାକୁ ମିଳିଛି। ସରକାର ମଣ୍ଡିରେ ଧାନ କିଣାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଥିବାର ଡ଼ିଣ୍ଡିମ ପିଟୁଥିବା ବେଳେ ମଣ୍ଡିରେ ଉଡୁଛି ସରକାରୀ ନିୟମ କାନୁନର ଧଜିଆ। ଯାହାର ବାସ୍ତବ ଚିତ୍ର ବାହାନଗା ବ୍ଲକ ଗୋପାଳପୁର ସେବା ସମବାୟ ସମିତିରୁ ଆସିଛି।

ଖବର ଅନୁସାରେ ଗୋପାଳପୁର ପାଇକସ୍ତା ଗ୍ରାମର ଚାଷୀ ରମେଶ ଚନ୍ଦ୍ର ବେହେରା ମଣ୍ଡିରେ ଧାନ ଦେବା ପାଇଁ ପଞ୍ଜୀକରଣ କରିଥିଲେ। ପରେ ସରକାରଙ୍କ ପକ୍ଷରୁ ୩୫ କ୍ୱିଣ୍ଟାଲ ଧାନ ମଣ୍ଡିରେ ବିକ୍ରିପାଇଁ ଟୋକନ ମିଳିଥିଲା। ହେଲେ ମଣ୍ଡିରେ ତାଙ୍କ ଧାନକୁ କିଣା ଯାଉନଥିବା ବେଳେ ତାଙ୍କ ପର ତାରିଖ ଥିବା ଚାଷୀଙ୍କ ଧାନ କିଣା ଯାଉଥିବାର ଅଭିଯୋଗ ଆଣିଥିଲେ। ତାଙ୍କର ଟୋକନ ଅବଧି ସରିବାକୁ ବସିଥିବା ବେଳେ ମଣ୍ଡିରେ ପାତର ଅନ୍ତରର ପ୍ରମାଣ ସ୍ୱରୂପ ତାଙ୍କ ପର ଚାଷୀ ପ୍ରଦୀପ ମିଶ୍ର ମଣ୍ଡିରେ ଧାନ ବିକ୍ରି କରିଥିବା ଅଭିଯୋଗ ମଧ ଆଣିଥିଲେ। ହେଲେ ସମିତି ସମ୍ପାଦିକା ମଣ୍ଡିରେ ଧାନ ବିକ୍ରିରେ ପାତର ଅନ୍ତର ହୋଇନଥିବା କହି ସଫେଇ ଦେଉଥିବା ବେଳେ ଅନ୍ୟ ପଟେ ଟୋକନ ଲାପ୍ସ ହେବାକୁ ସ୍ୱଳ୍ପ ସମୟ ଥିବା ଚାଷୀ ରମେଶ ବେହେରାଙ୍କ ୩୫ କୁଇଣ୍ଟାଲ ଧାନ ସହ ଅନ୍ୟ ଚାଷୀଙ୍କ ଧାନ ମଧ ମଣ୍ଡିରେ ଧାନ ପଡିରହିଛି। ଯାହାକୁ ନେଇ ଚାଷୀଙ୍କ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। କିନ୍ତୁ ସମ୍ପାଦିକା ଚଞ୍ଚକତା କରି କେତେକ ଚାଷୀଙ୍କ ଧାନକୁ ସିଧା ସଳଖ ଭାବେ ମିଲକୁ ପଠାଇ ମଣ୍ଡିରେ ବିକ୍ରି ହୋଇଥିବା ଦର୍ଶାଇ ଉକ୍ତ ଚାଷୀଙ୍କୁ ଧାନର ମୂଲ୍ୟ ପ୍ରଦାନ କରାଇଥିବାର ଅନେକ ଚାଷୀ ଅଭିଯୋଗ ଆଣିଛନ୍ତି। ଏ ନେଇ ଆଜି ଏହି ସେବା ସମବାୟ ସମିତିର ସମ୍ପାଦିକା ଭାବେ କାର୍ଯ୍ୟ କରୁଥିବା ପ୍ରୀତି ପଲ୍ଲବୀ ଜେନାଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ଚାଷୀ ଶ୍ରୀ ବେହେରାଙ୍କ ସହ ୧୦ରୁ ଉର୍ଦ୍ଧ ଚାଷୀ ଧାରଣା ଦେଇଛନ୍ତି। ଘଟଣା ବାବଦରେ ଅବଗତ ପରେ ସମିତିରେ ଧାନ କ୍ରୟ କମିଟି ପହଞ୍ଚି ବୁଝାସୁଝା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିବା ବେଳେ ଚାଷୀ ନିଜର ଧାନକୁ ମଣ୍ଡିରେ ବିକ୍ରି ଦାବି କରିବା ସହ ସମିତି ସମ୍ପାଦିକାଙ୍କ ବିରୁଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ନିଜର ନ୍ୟାର୍ଯ୍ୟ ଦାବିରେ ଚାଷୀମାନେ ଅଟଳ ରହିଥିଲେ। ଏ ବାବଦରେ ଗୋପାଳପୁର ସେବା ସମବାୟ ସମିତି ସଭାପତି ବେଣୁଧର ଜେନାଙ୍କୁ ପଚାରିବାରୁ ସେ ମଣ୍ଡିରେ ଧାନ ନ ଦେଇ ମିଲକୁ ପଠା ଯାଇଥିବା ଅଭିଯୋଗ ବାବଦରେ ମୁଁ ଜାଣି ନାହିଁ ବୋଲି ପ୍ରକାଶ କରିଛନ୍ତି। ଚାଷୀଙ୍କ ହିତ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଚାଷୀଙ୍କ ଧାନ କିଣିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ



ଜଳେଶ୍ୱର,୨୧।୨(ସମିସ): ଶନିବାର ଅପରାହ୍ନରେ ଜଳେଶ୍ୱର ନୂଆ ବଜାର ସ୍ଥିତ ଭଞ୍ଜଶ୍ରୀ ବିହାର ସମ୍ମିଳନୀ କକ୍ଷରେ ଜଳେଶ୍ୱର ଶାଖାର ସଭାପତି କମଳ ଚକ୍ରବର୍ତ୍ତୀଙ୍କ ପୌରହିତ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ନିକଟରେ ଉତ୍କଳ ସମ୍ମିଳନୀ ରାଜ୍ୟ ସାଂଗଠନିକ ସମ୍ମିଳନୀରେ ନିର୍ବାଚିତ ହୋଇଥିବା ଉପସଭାପତି ଭାବେ ଶ୍ରୀ ଚକ୍ରବର୍ତ୍ତୀଙ୍କୁ ସମସ୍ତ ସଦସ୍ୟ ତଥା ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ଅଭିନନ୍ଦନ ଜଣାଇବା ସହ ଆମ ଜଳେଶ୍ୱର ମାଟି ଗର୍ବ ଗୌରବ ବୋଲି କହିଥିଲେ। ବରିଷ୍ଠ ସଦସ୍ୟ ଶ୍ୟାମା ଚରଣ ଦାସ, ପ୍ରାକ୍ତନ ଅଧ୍ୟକ୍ଷ ଡଃ ଲଳିତ ରଂଜନ ସେନାପତି, ସତ୍ୟମୟ ଆଚାର୍ଯ୍ୟ, ସମ୍ପାଦକ ସୁନୀଲ କୁମାର ନାୟକ, କୃଷି ବୈଜ୍ଞାନିକ ବିଜୟ କୁମାର ମିଶ୍ର, ସାଂଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉପ ସଭାପତି ଡ. ଅଜିତ କୁମାର ମହାନ୍ତି, ସମାଜସେବୀ ଦିଲ୍ଲୀପ ଗିରି, ଉପସଭାପତି ଅଶୋକ ଦାସ, ଗତିକୃଷ୍ଣ ଦଳେଇ, ସଦସ୍ୟ ସମରେଶ ଦିନ୍ଦା, ଭାସ୍କର ଚନ୍ଦ୍ର ମିଶ୍ର, ବରିଷ୍ଠ ସାମ୍ବାଦିକ ରବିନ୍ଦ୍ରନାଥ ସେନାପତି, ଘନଶ୍ୟାମ ଗିରି, ସହସମ୍ପାଦକ ହେମନ୍ତ ଗିରି, ସାମ୍ବାଦିକ ସୁକୁମାର ରଣା, ରାମକୃଷ୍ଣ ଆଶ୍ରମର ଭାଇସ ଚେୟାରମେନ ଆରୋପ ସତ୍ୟ ମାଇତି, ଜୀବନ ପରିଡା, ଜଗଦିଶ ନନ୍ଦୀ, ପୂର୍ଣ୍ଣ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ରବିନ୍ଦ୍ର ନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ଭୋଗରାଇ. ୨୧।୨(ସମିସ) : ଭୋଗରାଇ ବ୍ଲକ ମହେଶପୁର ପଞ୍ଚାୟତର ସେହି ଗ୍ରାମରେ ସ୍ୱର୍ଗତ ସତ୍ୟନାରାୟଣ ମହାନ୍ତିଙ୍କ ପ୍ରଚେଷ୍ଟାରେ ଗଢ଼ିଉଠିଥିବା ଥିବା ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଉମାକାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ଅତିରିକ୍ତ ତହସିଲଦାର ପ୍ରତାପ କୁମାର ବେହେରା, ମୁଖ୍ୟଅତିଥି ନିତ୍ୟାନନ୍ଦ ନାୟକ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ଦୀପ କୁମାର ମହାନ୍ତି, ସନ୍ତୋଷ କୁମାର ନାୟକ ଉପସ୍ଥିତ ହୋଇ କହିଥିଲେ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ଏଠାରେ କଞ୍ଚା ମାଟି ପିଣ୍ଡୁଳାକୁ ମୂର୍ତ୍ତି ତିଆରିରେ ସହଯୋଗ କରିଥାଏ। ସେଥିପାଇଁ ବିଦ୍ୟାଳୟର ଏକ ଶିକ୍ଷାର ମନ୍ଦିର ବୋଲି କୁହାଯାଏ। ମଞ୍ଚ ଆହ୍ୱାନ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୂର୍ଗାଶଙ୍କର ପାତ୍ର, ଅତିଥି ପରିଚୟ ପ୍ରଦାନ କରିଥିଲେ ବରେନ୍ଦ୍ର ଘଡାଇ, ବେଦ ପାଠ କରିଥିଲେ ଶିକ୍ଷୟିତ୍ରୀ ଅନୁ ନାୟକ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ପଙ୍କଜ ଗିରି। ସ୍ୱର୍ଗତ କାତ୍ୟାୟନୀ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୁତ୍ର ଅଚ୍ୟୁତାନନ୍ଦ ନାୟକ ପଞ୍ଚମ ଓ ତୃତୀୟ ଶ୍ରେଣୀ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଫେବୃଆରୀ ୨୧ ପାଖରୁ ଏହି ବିଦ୍ୟାଳୟରେ ନୂତନ ଭବେ ଛାତ୍ରଛାତ୍ରୀଙ୍କ ନାମ ଲେଖା ଚାଲିବ ବୋଲି ଶିକ୍ଷା ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ବିଦ୍ୟାଳୟର ଶିକ୍ଷକ ଭାସ୍କର ଚନ୍ଦ୍ର ରଣା, ରମେଶ ଚନ୍ଦ୍ର ଦାସ, ଶିକ୍ଷୟିତ୍ରୀ କଳ୍ପନା ଜେନା, ପିଙ୍କି ମହାନ୍ତି ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରହସନ ପାଲଟିଛି ସରକାରଙ୍କ ଛତୁଆ ଯୋଗାଣ

# ଖାଉନାହାନ୍ତି ପ୍ରସୂତି, ଗୋରୁକୁ ଦେଉଛନ୍ତି

ବାଲିଆପାଳ, ୨୧।୨ (ସମିସ)






ଗୋରୁ ଖାଉଛନ୍ତି ଗର୍ଭବତୀ, ପ୍ରସୂତି ଓ ପିଲାଙ୍କ ଛତୁଆ। ଛତୁଆର ମାନ ନିମ୍ନମାନର ଥିବାରୁ ଖାଇବା ତ ଦୂରର କଥା, ଏହାକୁ ପାଟିରେ ଦେଇ ହେଉନାହିଁ। ଅଧିକାଂଶ ହିତାଧିକାରୀ ଛତୁଆ ନେବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଯିଏ ନେଉଛନ୍ତି, ଘରେ ଗାଈଗୋରୁକୁ ଦେଉଛନ୍ତି। ଆଉ କିଏ ୫/୧୦ ଟଙ୍କା ଏହାକୁ ବିକ୍ରି କରିଦେଉଛନ୍ତି । ଗ୍ରାମାଞ୍ଚଳଠୁ ନେଇ ସହରାଞ୍ଚଳ ସବୁଠି ଏହି ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ତେଣୁ ସରକାରଙ୍କ ଛତୁଆ ଯୋଗାଣ ଏକପ୍ରକାର ପ୍ରହସନ ପାଲଟିଛି। ବାଲିଆପାଳ ବ୍ଲକରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ଏହି ବ୍ଲକରେ ୨ଟି ଛତୁଆ ପ୍ରସ୍ତୁତକାରୀ କେନ୍ଦ୍ର ରହିଥିବାବେଳେ ବାଲିଆପାଳ ବ୍ଲକରେ ଦୁଇଟି କେନ୍ଦ୍ର ଅର୍ଥାତ୍ ସ୍ୱୟଂସହାୟକ ଗୋଷ୍ଠୀ ବିଭିନ୍ନ ଅଙ୍ଗନବାଡ଼ିକୁ ଛତୁଆ ପ୍ରଦାନ କରୁଛନ୍ତି । ବାଲିଆପାଳ ବ୍ଲକ ରେ ପାଖାପାଖି ୧୩ ଶହ ଗର୍ଭବତୀ ଓ ପ୍ରସୂତି ହିତାଧିକାରୀ ରହିଥିବାବେଳେ ୪ ହଜାର ପିଲାଙ୍କୁ ଏହି ଛତୁଆ ପ୍ରତି ମାସରେ ବଣ୍ଟନ କରାଯାଉଛି। ଗର୍ବବତୀ ଓ ପ୍ରସୂତିଙ୍କ ପାଇଁ ୩.୬ କେଜି ଓଜନର ଛତୁଆ ମିଳୁଥିବା ବେଳେ ପିଲାଙ୍କ ପାଇଁ ୨.୨୦୦ କେଜି ଓଜନର ମିଳୁଛି। ହେଲେ ଏହି ଛତୁଆକୁ ନେବା ପାଇଁ କେହି ରାଜି ହେଉନାହାନ୍ତି ମାଗଣାରେ ମିଳୁଥିବାରୁ ହିତାଧିକାରୀ ନ ଫିଙ୍ଗି ଲୋକେ ଛତୁଆ ନେଉଛନ୍ତି ସତ, ହେଲେ କେହି ଜଣେ ବି ଖାଉନାହାନ୍ତି। ଅନ୍ୟ ସାମଗ୍ରୀ ଯେମିତି ଖୁସିହୋଇ ନେଉଛନ୍ତି, ଛତୁଆ ନେବାକୁ କିନ୍ତୁ କୁନ୍ଥୁକୁନ୍ଥୁ ହେଉଛନ୍ତି। ସରକାର ଛତୁଆ ବଦଳରେ ଅନ୍ୟ କିଛି ଦେଲେ ଲୋକେ ଉପକୃତ ହୁଅନ୍ତେ ବୋଲି କେନ୍ଦ୍ରକୁ ଆସୁଥିବା ଅନେକ ହିତାଧିକାରୀ କହିଛନ୍ତି। ଯାହା ଜଣାଯାଇଛି, ଗୋଟିଏ ପ୍ୟାକେଟରେ ଯେଉଁ ସବୁ ସାମଗ୍ରୀ ଓଜନ ଅନୁସାରେ ମିଶାଯିବା କଥା ତାହା ମିଶା ଯାଉନାହିଁ ଖାଲି ଗହମ ପରିମାଣକୁ ଅଧିକ ରଖାଯାଇ ଅନ୍ୟ ସାମଗ୍ରୀ ଗୁରୁତ୍ୱ ଦିଆଯାଉନାହିଁ ଯେତେବେଳେ ପ୍ରସ୍ତୁତ କେନ୍ଦ୍ରରେ ପ୍ରଶାସନିକ ଅଧିକାରୀ ରହୁଛନ୍ତି, ସେତେବେଳେ ଏହାର ମାନକୁ ଗୁରୁତ୍ୱ ଦିଆଯାଉଛି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଛି। ହେଲେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଅନେକ ହିତାଧିକାରୀ, ଅଙ୍ଗନବାଡ଼ି କର୍ମୀ ଅଭିଯୋଗ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଛତୁଆ ମାନ ପରୀକ୍ଷା କରିବା ପାଇଁ ବ୍ଲକ ସ୍ତରରେ ପରୀକ୍ଷାଗାର ନାହିଁ ଓ ସମଗ୍ର ରାଜ୍ୟରେ ଗୋଟିଏ ପରୀକ୍ଷାଗାର ଥିବାରୁ ଅସାଧୁ ସଂସ୍ଥା ବା ଗୋଷ୍ଠୀ ଏହାର ଫାଇଦା ନେଉଛନ୍ତି। ଛତୁଆର ମାନ ଓ ଜିଲ୍ଲାସ୍ତରରେ ପରୀକ୍ଷାଗାର ପ୍ରତିଷ୍ଠା ନେଇ ବିଧାନସଭାରେ ବିଧାୟକମାନେ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି। ହେଲେ କିଛି ସୁଫଳ ହୋଇନାହିଁ। ଛତୁଆ ପ୍ରସ୍ତୁତ କରିବାକୁ ସର୍ବମୋଟ୍ ୯୦ ଟଙ୍କା ଖର୍ଚ୍ଚ କରାଯାଉଛି। ଏଥିରେ ପରିବହନ ଖର୍ଚ୍ଚ ସହିତ ମଜୁରି ଆଦି ଜଡିତ ରହିଛି। ଏତିକି ଟଙ୍କାରେ ପୁଷ୍ଟିକର ଛତୁଆ ମିଳିବ କେମିତି ? ତେବେ ଅଭିଯୋଗ ଆସିଲେ ଆମେ ପରୀକ୍ଷା ପାଇଁ ପଠାଉଛୁ। ନିମ୍ନମାନର ପ୍ରମାଣିତ ହେଉଛି, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଏହାକୁ ବନ୍ଦ କରି ଅନ୍ୟ କିଛି ଦେବାକୁ ଯୋଜନା ରଖିଛନ୍ତି ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

# ବନାଗ୍ନି ନିରାକରଣ ସଚେତନତା ଶିବିର



ଜଳେଶ୍ୱର ବ୍ଲକ, ୨୧।୨ (ସମିସ) : ଜଳେଶ୍ୱର ରେଞ୍ଜ ବରଡିହା ସେକ୍ସନ ପକ୍ଷରୁ ଆଜି ଧାନଘେରା ବରଡିହା ବନପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବନାଗ୍ନୀ ନିରାକରଣ ଓ ପ୍ରତିକାର ସମ୍ବନ୍ଧେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭା ପରିଚାଳନା କରିଥଲେ ଜଳେଶ୍ୱର ରେଞ୍ଜର ବନ୍ୟପ୍ରାଣୀ ବନ୍ୟାଞ୍ଚଳର ସହକାରୀ ବନ ସଂରକ୍ଷକ ଜୟଶ୍ରୀ ମୁର୍ମୁ। ମୁଖ୍ୟଅତିଥି ଭାବେ ପୂର୍ବତନ ମୁଖ୍ୟ ବନ୍ୟ ସଂରକ୍ଷକ ଓଡ଼ିଶା ଏବଂ ଡ. ଦେବବ୍ରତ ସ୍ୱାଇଁ, ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ କଲେଜର ଅବସରପ୍ରାପ୍ତ ପ୍ରିନ୍ସିପାଲ ହରିହର ଦାସ, ଅବୟତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବାଲେଶ୍ୱର ଅଶ୍ୱିନୀ କୁମାର ଦାସ, ବରଡିହା ସେକ୍ସନର ବନପାଳ ପ୍ରହ୍ଲାଦ ନାୟକ, ପଶ୍ଚିମବଙ୍ଗ ରାଜ୍ୟର କେଶରରେଖା ରେଞ୍ଜର ଫରେଷ୍ଟର ବିନୟ ସିଂ ଓ ସ୍କ୍ୱାଡ୍ ସଦସ୍ୟ ପିଣ୍ଟୁ ମହାନ୍ତ, ଫରେଷ୍ଟ ଗାର୍ଡ ସୁଲୋଚନା ବେହେରା, ବରଡିହା ସରପଞ୍ଚ ଅଜୟ କୁମାର ମହାନ୍ତି, ଶ୍ୟାମନଗର ସରପଞ୍ଚ ଗିରଜା ଶଙ୍କର ସାସମଲ, କଳମା ସମିତି ସଭ୍ୟ ଚିତ୍ତରଞ୍ଜନ ବେହେରା, ଖୁଆଡ଼ ସମିତି ସଭ୍ୟ ଦାସ ସୋରେନ, ଚମାରଗାଁ ସରପଞ୍ଚ ଚନ୍ଦ୍ରକାନ୍ତ ମଲ୍ଲିକ ସମେତ ବିଭିନ୍ନ ଅଞ୍ଚଳରେ ବନ ସୁରକ୍ଷା ଯୋଗାଇ ଆସୁଥିବା ଗଜସାଥ ବନ ସାଥୀ ଓ ଅନେକ ନିମନ୍ତ୍ରିତ ଅତିଥି ମାନେ ଯୋଗ ଦେଇ ଜଙ୍ଗଲରେ ଲାଗୁଥିବା ବନାଗ୍ନୀକୁ କିପରି ରୋକା ଯାଇ ପାରିବ ସେ ନେଇ ଅଭିଭାଷଣ ରଖିଥିଲେ। ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ କୁମାର ଦାସ ବରଡିହା ସେକ୍ସନର ବନପାଳ ପ୍ରହ୍ଲାଦ ନାୟକ, ପଶ୍ଚିମବଙ୍ଗ ରାଜ୍ୟର କେଶରରେଖା ରେଞ୍ଜର ଫରେଷ୍ଟର ବିନୟ ସିଂ, ସ୍କ୍ୱାଡ୍ ସଦସ୍ୟ ପିଣ୍ଟୁ ମହାନ୍ତ, ଫରେଷ୍ଟ ଗାର୍ଡ ସୁଲୋଚନା ବେହେରା, ଗାର୍ଡ ଶିବ ମହାନ୍ତି, ବରଡିହା ସରପଞ୍ଚ ଅଜୟ କୁମାର ମହାନ୍ତି, ଶ୍ୟାମନଗର ସରପଞ୍ଚ ଗିରଜା ଶଙ୍କର ସାସମଲ, କଳମା ସମିତି ସଭ୍ୟ ଚିତ୍ତରଞ୍ଜନ ବେହେରା, ଖୁଆଡ଼ ସମିତି ସଭ୍ୟ ଦାସ ସୋରେନ, ଚମାରଗାଁ ସରପଞ୍ଚ ଚନ୍ଦ୍ରକାନ୍ତ ମଲ୍ଲିକ ସମେତ ବିଭିନ୍ନ ଅଞ୍ଚଳରେ ବନ ସୁରକ୍ଷାରେ ନିୟୋଜିତ ହୋଇଥିବା ଗଜ ସାଥୀ ବନ ସାଥୀ ଓ ଅନେକ ନିମନ୍ତ୍ରିତ ଅତୀଥି ମାନେ ଯୋଗ ଦେଇ ଜଙ୍ଗଲରେ ଲାଗୁଥିବା ବନାଗ୍ନୀ କୁ କିପରି ରୋକା ଯାଇ ପାରିବ ସେ ନେଇ ଅଭିଭାଷଣ ରଖିଥିଲେ ଓ ଜଙ୍ଗଲକୁ ନିଆଁରୁ ରକ୍ଷା ପାଇଁ ଶପଥ ନେଇଥିଲେ।

# ରକ୍ତଦାନ ଶିବିର; ୬୪ ୟୁନିଟ୍ ସଂଗୃହୀତ

ଜଳେଶ୍ୱର,୨୧।୨ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ଗ୍ରାମ ପଞ୍ଚାୟତସ୍ଥିତ ବାଲିକବାଡର୍ ଗ୍ରାମର ଶୀତଳାମାତା କ୍ଲବ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ବାଲିକବାଡର୍ ଗ୍ରାମର ଗ୍ରାମ ମୁଖ୍ୟ ଲକ୍ଷ୍ମୀଧର ଜେନା ଉକ୍ତ ଶିବିରକୁ ଉଦ୍ଘାଟନ କରିଥିଲେ। ଏଥିରେ ବହୁ ଯୁବକ ଯୁବତୀ ପଢ଼ିଆରୀ, ଚନ୍ଦନ ସାହୁ, ସୁଶୀଲ ମହାପାତ୍ର, ପୁରୁଷୋତ୍ତମ ଜେନା, ଶଶୀକାନ୍ତ ମହାପାତ୍ର, ରବୀନ୍ଦ୍ର ସିଂ ମାନସ ମହାପାତ୍ର, ମନ୍ତୋଷ ଧଳ, ଦଶରଥ ପ୍ରଧାନ ପ୍ରମୁଖ ଓ ସର୍ବୋପରି ଯୁବ ନେତୃତ୍ୱଙ୍କ ସହଯୋଗରେ ରକ୍ତଦାନ ଶିବିରଟି ସାଫଲ୍ୟ ମଣ୍ଡିତ ହୋଇଥିଲା। ବାଲେଶ୍ୱର ରକ୍ତ ଭଣ୍ଡାର ଡାକ୍ତର ଭବଶଙ୍କର ଗିରି ରକ୍ତଦାତାଙ୍କ ପରୀକ୍ଷା ନିରୀକ୍ଷା କରିବା



ଅଂଶ ଗ୍ରହଣ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କ୍ଲବର ପରିଚାଳକ ଉଜ୍ଜଳ କୁମାର ମହାପାତ୍ର ଓ ଯୁବ ନେତୃତ୍ୱ ପ୍ରବୀର ମହାପାତ୍ର, ଗଗନ ଜେନା, ଚନ୍ଦନ ପରେ ରାଜେଶ ମିଶ୍ର, ମୋନାଲିଶା ମହାନ୍ତି, ଅଜୟ ମହାପାତ୍ର ପ୍ରମୁଖ ଡାକ୍ତରୀ ଦଳ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ମୋଟ ୬୪ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା।

## ଭତ୍ତା ଟଙ୍କା ହଡ଼ପ ଘଟଣା

# ପିଇଓଙ୍କୁ ନିଲମ୍ବନ କଲେ ଜିଲ୍ଲାପାଳ

ବସ୍ତା ବ୍ଲକ, ୨୧।୨ (ସମିସ): ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମ ଭଳି ଅସହାୟଙ୍କୁ ଭତ୍ତା ଟଙ୍କାକୁ ଜନୈକା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଠକେଇ କରି ହଡ଼ପ କରିବା ନେଇ ହିତାଧିକାରୀମାନେ ବିଡ଼ିଓଙ୍କୁ ଗତ ୧୯ ତାରିଖରେ ଅଭିଯୋଗ ପରେ ଏହି ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବାପରେ ଜିଲ୍ଲାପାଳ ସଂପୃକ୍ତ ଅଧିକାରିଣୀଙ୍କୁ ନିଲମ୍ବନ କରିଥିବା ଜଣା ପଡ଼ିଛି। ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତରେ ଏହିଭଳି ଅସହାୟଙ୍କ ଭତ୍ତା ଟଙ୍କାକୁ ଲୁଟି ଖାଇ ଥିବା ଜାଣିପାରି ହିତାଧିକାରୀ ମାନେ ରଞ୍ଜିତା ଶତପଥୀଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗ ଦେଖି ଅଧିକାରିଣୀ ଜଣଙ୍କ ତରବରିଆ ଭାବେ ଭତ୍ତା ଟଙ୍କା ବାଣ୍ଟିବାକୁ ଗ୍ରାମରେ ପହଞ୍ଚିବା ପରେ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନ ଚେଇଁ ଉଠିଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଜିଲ୍ଲାପାଳ ଅର୍ଡର୍ ନମ୍ବର -୨୫/ ୨୧.୨.୨୬ ମୂଳେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ଜଣା ପଡ଼ିଛି। ଓ ସି ଏସ ( ସି ସି ଏ) ନିୟମ - ୧୯୬୨ ର ଉପ ନିୟମ ୧ ଧାରା (ଏ) ଅନୁସାରେ କ୍ଷମତାର ଅପବ୍ୟବହାର ହୋଇଥିବା ଚିଠି ରେ ଉଲ୍ଲେଖ ରହିଛି।। ପିଇଓଙ୍କ ନିଲମ୍ବନ ସମୟ ମଧ୍ୟରେ ସେ ମୁଖ୍ୟାଳୟ ଜଳେଶ୍ୱର ବ୍ଲକରେ ରହିବେ। ସେ ଜଳେଶ୍ୱର ବ୍ଲକରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ରହିବେ ଏବଂ ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା ମୁଖ୍ୟାଳୟ ଛାଡିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ଘଟଣା ଜିଲ୍ଲାପାଳଙ୍କ ନଜରକୁ ଆସିବା ପରେ ତୁରନ୍ତ ନିଲମ୍ବନ କରାଯାଇଛି ଓ ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ବିଚାରାଧୀନ ରହିଛି।



# ଚଢ଼ିଗଲା ଚାଉଳ ଟ୍ରକ୍, ବାଇକ୍ ଆରୋହୀ ମୃତ

ବସ୍ତା ବ୍ଲକ/ରାଜଘାଟ, ୨୧।୨ (ସମିସ): ବସ୍ତା ଥାନା ଅର୍ନ୍ତଗତ ୬୦ ନମ୍ବର ଜାତୀୟ ରାଜପଥ ର ଦଣ୍ଡିକା ନିକଟରେ ଜନୈକ ବାଇକ ଆରୋହୀଙ୍କ ଉପରେ ଏକ ମାଲବାହୀ ଟ୍ରକ ଚଢ଼ି ଯିବାରୁ ଘଟଣା ସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ମୃତକ ଜଣକ ହେଲେ ବାଲିଆପାଳ ଅଞ୍ଚଳର ସେକ୍ ଅହମ୍ମଦ ଉଲ୍ଲା (୪୧) ପ୍ରକାଶ ଯେ ଶୁକ୍ରବାର ବିଳମ୍ବିତ ରାତିରେ ପଶ୍ଚିମବଙ୍ଗରୁ ଚାଉଳ ବୋଝେଇ କରି ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଟ୍ରକ ଦଣ୍ଡିକା ଛକ ନିକଟରେ ଏକ ବାଇକକୁ ଧକ୍କାଦେଇ ଉପରେ ଚଢିଯିବା ସହ ରାସ୍ତା ରେ ଘୋଷାଡି ନେଇଥିଲା। ଯାହା ଫଳରେ ବାଇକ ଟି ଟ୍ରକ ଚକା ଭିତରେ ଫସି ଯିବାରୁ ଟ୍ରକ ଆଉ ଆଗକୁ ଯାଇ ପାରି ନଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକ ଆରୋହୀଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇ ଯାଇଥିଲା। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ଭ୍ୟାନ ଏବଂ ବସ୍ତା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇବା ସହିତ ଦୁର୍ଘଟଣା ଘଟାଇ ଥିବା ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ବାଲିଆପାଳ ବ୍ଲକ୍ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

ବାଲିଆପାଳ, ୨୧।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବିଜୁଜନତା ଦଳରେ ବାଲିଆପାଳ ବ୍ଲକ ସଭାପତି ଭାବରେ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ଏ ନେଇ ଶନିବାର ବାଲିଆପାଳ ବିଜେଡି କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତା ସଭାପତି ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଶ୍ରୀ ଦାସ ଜଣେ ଶିକ୍ଷାବିତ, ସମାଜସେବୀ ଭାବରେ ବେଶ ପରିଚିତ। ପୁନର୍ବାର ତାଙ୍କୁ ସଭାପତି ଭାବେ ଚୟନ କରିଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରବିନ୍ଦ୍ର ଜେନା, ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପରିଷଦ ବେଣୁଧର ଜେନା, ନିଶାକର ସେଠି, ବରିଷ୍ଠ କର୍ମକର୍ତ୍ତା ଅଜୟ ସାମଲ, ହରେକୃଷ୍ଣ ଜେନା, ମନ୍ମଥ ବାରିକ, ମନ୍ମଥ ଗିରି, ସାର୍ଥକ ରଣଜିତ, କମୋଳ ଲୋଚନ କର, ପିତାମ୍ବର ପ୍ରଧାନ, ଲକ୍ଷ୍ମୀ କାନ୍ତ ଦେ, ସପନ ଦାସ ହେମନ୍ତ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ 'ଖାଦ୍ୟ ବଜାର'




ଜଳେଶ୍ୱର,୨୧।୨ (ସମିସ): ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ "ଖାଦ୍ୟ ବଜାର' ମହାବିଦ୍ୟାଳୟ ସଭା ଗୃହରେ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ସରୋଜ କୁମାର ମହାନ୍ତିଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟ ଆଗକୁ ଚାଲୁ ରଖିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରବାର୍ତ୍ତାଇ ଥିଲେ। ମୁଖ୍ୟବକ୍ତା ଭାବେ ଜିକେ ଭଞ୍ଜ ଚିକିତ୍ସାଳୟର ପୁଷ୍ଟିବିତ ସ୍ୱୟଂଶ୍ରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଦୀନକୃଷ୍ଣ ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ହିମାଂଶୁ ସାମଲ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ରାଜନୀତି ବିଭାଗ ମୁଖ୍ୟ ଅଧ୍ୟାପକ ଶ୍ରବଣ କୁମାର ନାଥ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବେଦପାଠ କରିଥିଲେ। ଉକ୍ତ ଖାଦ୍ୟ ବଜାରରେ ୧୪ଟି ଦଳ ଅଂଶ ଗ୍ରହଣ କରିଥିଲେ। କକ୍ଷ ନମ୍ବର ୯ ପ୍ରତିଯୋଗୀ ଦଳରେ ଅଂଶ ଗ୍ରହଣ କରିଥିବା ଅଲିଭା ଗାନ୍ଧୀ ସୃତିରାଣୀ ଗିରି, ସୁଷମା ମୁର୍ମୁ, ପୁଷ୍ପାଞ୍ଜଳି ମାରାଣ୍ଡି ପ୍ରମୁଖ ଓଡ଼ିଆ ପାରମ୍ପାରିକଖାଦ୍ୟ "ପଖାଳ' ସହିତ ମାଛ ବେସର ଓ ଆନୁସଙ୍ଗିକ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। କକ୍ଷ ନମ୍ବର ୧୦ ଖାଦ୍ୟ-ଟଙ୍କ ତୋରାଣୀ ପ୍ରତିଯୋଗୀ ବୈଶାଖୀ ମିତ୍ର, ଜ୍ୟୋତିର୍ମୟୀ ରଣା, ତାପସୀ ପାତ୍ର, ଗାୟତ୍ରୀ ସାମଲ, ଲକ୍ଷ୍ମୀପ୍ରିୟା, ରାଜଲକ୍ଷ୍ମୀ ଦତ୍ତ, ସସ୍ମିତା ପାଳ ପ୍ରମୁଖ ଦ୍ୱିତୀୟ ସ୍ଥାନ ପାଇଥିବା ବେଳେ କକ୍ଷ ନମ୍ବର ୮ରେ ଖାଦ୍ୟ ପିଠା ପସରା ପ୍ରଦର୍ଶନ ହୋଇଥିଲା। ସେଥିରେ ଭାଗ୍ୟଶ୍ରୀ ପ୍ରମାଣିକ, ତେଜଶ୍ରୀ ମହାନ୍ତି, ମଧୁମିତା ସାହୁ ଓ ବର୍ଷା ରଣା ପ୍ରମୁଖ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ୨୭୯ ଗ୍ରାମ୍ ବ୍ରାଉନସୁଗର ଜବତ, ମହିଳା ଗିରଫ

ଜଳେଶ୍ୱର, ୨୧।୨ (ସମିସ): ଜଳେଶ୍ୱର ପୁଲିସ ୨୭୯ ଗ୍ରାମର ବ୍ରାଉନସୁଗର ଜବତ କରିବା ସହିତ ଜଣେ ମହିଳାଙ୍କୁ ଗିରଫ କରିଛି। ଗତକାଲି ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ଅଂଚଳର ସୁବର୍ଣ୍ଣରେଖା ନଦୀବନ୍ଧ ନିକଟସ୍ଥ ସେକ ସରାଜୁଲଙ୍କ ଘରେ ପୁଲିସ ଚଢ଼ଉ କରିଥିଲେ। ସରାଜୁଲ ପୁଲିସକୁ ଦେଖି ଚମ୍ପଟ ମାରିଥିବା ବେଳେ ତାର ସ୍ତ୍ରୀ ରୁବିନା ବିବି (୨୭) ପାଖରୁ ୨୫୯ ଗ୍ରାମର ବ୍ରାଉନସୁଗାର ପୁଡିଆକୁ ପୁଲିସ ଜବତ କରିଥିଲା। ଏଥିନେଇ ଜଳେଶ୍ୱର ଥାନାରେ ଏନ୍.ଡି.ପି. ଏସ୍ ଆଇନ ଅନୁଯାଇ ୧୦୨/୨୬ ନଂ ମାମଲା ରୁଜୁ କରାଯାଇ ରୁବିନାକୁ ଗିରଫ କରାଯାଇଥିଲା। ସେହିପରି ଫତୁଘଣ୍ଟା ଗ୍ରାମ ଅଂଚଳରେ ଚଢ଼ଉ କରି ୩ଜଣ ଯୁବକଙ୍କ ପାଖରୁ ୨୦ଗ୍ରାମର ବ୍ରାଉନ ସୁଗାର ଜବତ କରିବା ସହିତ ସେମାନଙ୍କ ନିକଟରୁ ଏକ ମୋବାଇଲ ଫୋନ ଓ ଏକ ମଟର ସାଇକେଲ ଜବତ କରିଥିବା ଜଣାଯାଇଛି। ଅଧିକ ତଦନ୍ତ ପାଇଁ ସେମାନଙ୍କୁ ଥାନାରେ ଅଟକ ରଖିଥିବା ଜଣାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୮ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି।

## ରାସ୍ତା ମଝିରୁ ହଟୁନି ବିଜୁଳି ଖୁଣ୍ଟ

# ଶକ୍ତି ମନ୍ତ୍ରୀଙ୍କୁ ପ୍ରଶ୍ନକରି ଉତ୍ତର ମାଗିଲେ ଭୋଗରାଇ ବିଧାୟକ

ବାଲେଶ୍ୱର(ଉତ୍ତର), ୨୧।୨ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଛି ରାସ୍ତା ନିର୍ମାଣ କାର୍ଯ୍ୟ। ମାତ୍ର ଏହି ଉନ୍ନୟନ ମୂଳକ କାର୍ଯ୍ୟରେ ଦେଖା ଦେଇଛି ବିଭିନ୍ନ ସମସ୍ୟା। ରାସ୍ତା ମଝିରୁ ବିଜୁଳି ଖୁଣ୍ଟକୁ ସ୍ଥାନାନ୍ତର ନକରି ହେଉଛି ନିର୍ମାଣ କାର୍ଯ୍ୟ। ବିଦ୍ୟୁତ ବିଭାଗକୁ ପଚାରିଲେ ନିର୍ମାଣ ସଂସ୍ଥାକୁ ଆଙ୍ଗୁଳି ଦେଖାଉ ଥିବା ବେଳେ ନିର୍ମାଣ ସଂସ୍ଥା କହୁଛନ୍ତି ବିଦ୍ୟୁତ ବିଭାଗ କଥା ଶୁଣୁନାହାନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ କୌଣସି ସନ୍ତୋଷ ଜନକ ଉତ୍ତର ନପାଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କୁ ପ୍ରଶ୍ନକରି ଉତ୍ତର ମାଗିଛନ୍ତି। ସୂଚନାଯୋଗ୍ୟ ଯେ ଭୋଗରାଇର ବାଡ଼ସରିଷା କାଳି ମନ୍ଦିର ନିକଟରୁ ତାଳସାରୀ,ଚନ୍ଦନେଶ୍ୱର ଫାଣ୍ଡି ଛକରୁ କଖଡା, ବିକେ ଏକାଡେମୀ ସୋହରିଆ ଉଚ୍ଚ ବିଦ୍ୟାଳୟରୁ ଜଳ ସୋହରିଆ ପାନ ମାର୍କେଟ, ହାଣ୍ଡିପଡାରୁ-ନୂଆଗାଁ ପର୍ଯ୍ୟନ୍ତ ଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନାର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏହା ବ୍ୟତୀତ ଭୋଗରାଇର ଆହୁରି ବହୁ ରାସ୍ତା ସମ୍ପ୍ରସାରଣ ମଧ୍ୟ ହେଉଛି। ରାସ୍ତାର ଉଭୟ ପଟକୁ ୪ଫୁଟ ଲେଖାଏଁ ବୃଦ୍ଧି ପାଉଛି। ବିଶେଷକରି ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ସବୁର ନିର୍ମାଣ ଭାର ନେଇଛନ୍ତି। ମାତ୍ର ସବୁଠି ବିଜୁଳି ଖୁଣ୍ଟକୁ ମଝିରେ ରଖି ନିର୍ମାଣ କାର୍ଯ୍ୟ ହେଉଥିବା ନଜରକୁ ଆସିଛି। ଏନେଇ ଚନ୍ଦନେଶ୍ୱର ବିଦ୍ୟୁତ ସେକ୍ସନର କନିଷ୍ଠ ଯନ୍ତ୍ରୀ ଦୀପ୍ତିକାର ନୟକଙ୍କ ସହିତ ଆଲୋଚନା ବେଳେ ସେ କହିଥିଲେ ଯେ ଖୁଣ୍ଟ ସ୍ଥାନାନ୍ତର କରିବା ପାଇଁ କୌଣସି ନିର୍ମାଣ ବିଭାଗ ପକ୍ଷରୁ କୌଣସି ଚିଠି ଆସିନାହିଁ। ସମ୍ପୃକ୍ତ ଠିକାଦାର କହିଛନ୍ତି ବିଦ୍ୟୁତ ବିଭାଗ ଖୁଣ୍ଟ ନଉଠାଇଲେ ଆମେ କ'ଣ କରିବୁ। ରାସ୍ତା ମଝିରେ ବିଜୁଳି ଖୁଣ୍ଟ ରହିବା ଫଳରେ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଛଡ଼ା ପରେ ଏହାର ସମ୍ପ୍ରସାରଣ ହେଲେ ବିଭିନ୍ନ ସମସ୍ୟା ମଧ୍ୟ ଉପୁଜିବ। ରାସ୍ତା ପୁଣି ଭାଙ୍ଗି ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ ବିଧାୟକ ଶ୍ରୀଦାସଙ୍କ ବିଧାନସଭାର ଅଣତାରକା ପ୍ରଶ୍ନ ସଂଖ୍ୟା ୧୮୪ର ଉତ୍ତରରେ ଉପ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ଶ୍ରୀ କେ ଭି ସିଂହ ଦେଓ ରାସ୍ତା ପ୍ରଶସ୍ତୀକରଣ ପାଇଁ ବିଦ୍ୟୁତ ଖୁଣ୍ଟ ଅପସାରଣ କରିବା ନିମନ୍ତେ ଟାଟା ପାୱାର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ମିଳିତ କ୍ଷେତ୍ର ପରିଦର୍ଶନ କରାଯାଇ ୬ ପ୍ରତିଶତ ସୁପର ଭିଜନ ସ୍କିମ ରେ ଏଷ୍ଟିମେଟ କରାଯାଇଥାଏ। ଆବଶ୍ୟକୀୟ ରାଶି ପୈଠ ହେବା ପରେ ଟାଟା ପାୱାର ତତ୍ତ୍ୱାବଧାନରେ ସମ୍ପୃକ୍ତ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯିବ। ଅନ୍ୟପକ୍ଷରେ ପ୍ରଥମେ ଖୁଣ୍ଟ ସ୍ଥାନାନ୍ତର କରା ନ ଯାଇ କହିଁକି ଏଭଳି ଖାମଖିଆଲ ଭାବେ ନିର୍ମାଣ କାର୍ଯ୍ୟ ଚାଲିଛି ତାହା ସାଧାରଣଲୋକେ ବୁଝି ପାରୁ ନାହାନ୍ତି। ବଡ ଦୂର୍ଘଟଣାକୁ ଅପେକ୍ଷା କରିଛନ୍ତି କି ସରକାର। କେବେ ସୁପର ଭିଜନ ସ୍କିମରେ ଏଷ୍ଟିମେଟ ହୋଇ ବିଦ୍ୟୁତ ଖୁଣ୍ଟ ସବୁ ସ୍ଥାନାନ୍ତର ହେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମଦମୃତ୍ୟୁ ସମ୍ବନ୍ଧରେ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା

ବାଲେଶ୍ୱର,୨୧।୨(ସମିସ): ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବୈଠକରେ ନିଷ୍ପତ୍ତି ଅନୁସାରେ ଆଜି ମନାର କର୍ମକର୍ତ୍ତା ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ସହିତ ସାକ୍ଷାତ କରି ସୋର ବ୍ଲକର ଶୀଙ୍ଗାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବନ୍ଧସାହି ଗ୍ରାମରେ ବିଗତ ଦୁଇ ବର୍ଷରେ ପ୍ରାୟ ୫୦ରୁ ଅଧିକ ଲୋକଙ୍କର ମଦ୍ୟପାନ ଜନିତ ମୃତ୍ୟୁ ଘଟଣା ସମ୍ପର୍କରେ ଆଲୋଚନା କରି ଏହାର ପ୍ରତିକାର କାମନା କରିଥିଲେ। ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସେହି ଗାଁକୁ ଗସ୍ତ କରି ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଶ୍ରୀ ନାୟକ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତନିଧି ଦଳରେ ଉପଦେଷ୍ଟା ସୁବ୍ରତ କର, ସାଧାରଣ ସମ୍ପାଦିକା ମମତା ମହାପାତ୍ର, ଉପସଭାପତି ଡ଼. କ୍ଷିତୀଶ୍ୱର ଦାଶ ଓ ସମ୍ପାଦିକା ସୁଶ୍ରୀ ଗୀତାଞ୍ଜଳି ସିଂହ ଉପସ୍ଥିତ ଥିଲେ।



# ଆସାମ ଦଙ୍ଗା ପୀଡ଼ିତ ସାନ୍ତାଳ ପରିବାରଙ୍କୁ ସହାୟତା ପ୍ରଦାନ



ବାରିପଦା, ୨୧।୨(ସମିସ): ଭଞ୍ଜ ଦିଶମ ମାଝି ମହଲ ପକ୍ଷରୁ ଆସାମ ଦଙ୍ଗାରେ ପୀଡିତ ସାନ୍ତାଳ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ଆସାମ ରାଜ୍ୟ କକ୍ରାଝର ଜିଲ୍ଲା କରିଆ ଗାଁରେ ହୋଇଥିବା ଦଙ୍ଗାରେ କ୍ଷତିଗ୍ରସ୍ତ ହୋଇଥିବା ୨୯ଟି ସାନ୍ତାଳ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହିତ ଭଞ୍ଜ ଦିଶମ ମାଝି ମହଲ ତରଫରୁ ସମ୍ପୂର୍ଣ୍ଣ କ୍ଷତି ହୋଇଥିବା ପରିବାରମାନଙ୍କୁ ୧ ଲକ୍ଷ ଟଙ୍କା, ୧୯ ଜଣ କୁନି ପିଲାଙ୍କୁ ୧୯ ହଜାର ଟଙ୍କା ଓ ଜେଲରେ ଥିବା ୫ ପରିବାରକୁ ୧୫ ହଜାର ଟଙ୍କା, ଦଙ୍ଗାରେ ମୃତ୍ୟୁବରଣ କରିଥିବା ସୁନୀଲ ମୁର୍ମୁଙ୍କ ପିତାଙ୍କୁ ୧୦ ହଜାର ଟଙ୍କା, ଦଙ୍ଗାରେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବ୍ୟକ୍ତିଙ୍କୁ ୬ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ସହିତ ୬୮ଟି ଜ୍ୟାକେଟ, ୬୦ଟି ଫୁଟା କାଛା ୬୦ଟି ଫୁଟା ଶାଢୀ ପ୍ରଦାନ କରିଥିଲେ। ପ୍ରତିନିଧି ଦଳରେ ସୁବୋଧ ଚନ୍ଦ୍ର ସୋରେନ, ଦୁର୍ଯ୍ୟୋଧନ ମୁର୍ମୁ, ଶ୍ୟାମସୁନ୍ଦର ବାସ୍କେ, ଲବ ମୁର୍ମୁ, ଲାଲ ବାହାଦୁର ମାର୍ଣ୍ଡି, ମିଥୁନ ମୁର୍ମୁ, ଜଗେନ ହାଁସଦା, ଗଙ୍ଗାଧର ମୁର୍ମୁ, ଲକ୍ଷ୍ମୀଧର ମୁର୍ମୁ, ରଘୁ ମାର୍ଣ୍ଡି, କାଶୀନାଥ ମୁର୍ମୁ, ମନୋରଞ୍ଜନ ହେମ୍ବ୍ରମ, ସଞ୍ଜୟ କିସ୍କୁ, ହିକିମ ମାର୍ଣ୍ଡି, ନର୍ସିଂ କିସ୍କୁ, ସୁରେନ୍ଦ୍ର ବାସ୍କେ, ଠାକୁର ପ୍ରସାଦ ଟୁଡୁ, ଡୁଙ୍ଗା ବାବୁ, କିଶନ କିସ୍କୁ, ସଞ୍ଜୟ ଟୁଡୁ ପ୍ରମୁଖ ସାମିଲ ହୋଇ ଘଟଣାର ଅନୁଧ୍ୟାନ କରିବା ସହିତ ସହାୟତା ପ୍ରଦାନ କରିଥିଲେ।

# ହଟିଲେ ବିବାଦୀୟ ପିଇଓ; ଅଶୋକ ମହାନ୍ତଙ୍କୁ ନିଯୁକ୍ତି

ଡୁରୁମୁଙ୍ଗା, ୨୧।୨(ସମିସ):



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତର ବିବାଦୀୟ ପିଇଓ ତପନ ମହାନ୍ତଙ୍କୁ ପଦରୁ ହଟାଇ ଦିଆଯାଇ ବ୍ଲକ କାର୍ଯ୍ୟାଳୟରେ ସଂଯୁକ୍ତ କରାଯାଇଛି। ଏନେଇ ପାଟଣା ପଞ୍ଚାୟତ କାର୍ଯ୍ୟାଳୟ ଚିଠି ସଂଖ୍ୟା ୬୫୯ରେ ବିଡ଼ିଓ ମାନସ କୁମାର ଦଣ୍ଡପାଟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ମହାନ୍ତ ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ନେଇ ପୂର୍ବରୁ ବଡପାଟଣା ସରପଞ୍ଚ ବିନତୀ ବାନାରା ଅଭିଯୋଗ କରିଥିବା ବିଡିଓ ମାନସ ଦଣ୍ଡପାଟ କହିଥିବା ବେଳେ ସରାସକୋଲା ପଞ୍ଚାୟତରେ କରିଥିବା ବିଭିନ୍ନ ଦୁର୍ନୀତି ପାଇଁ ଶତାଧିକ ପଞ୍ଚାୟତବାସୀ ଗତ ସୋମବାର ପାଟଣା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗତ ମଙ୍ଗଳବାର ସରାସକୋଲା ପଞ୍ଚାୟତରୁ ଦାୟିତ୍ୱରେ ହଟିଥିବା ବେଳେ ଦୁଇଦିନ ମଧ୍ୟରେ ପୁଣି ବଡପାଟଣା ପଞ୍ଚାୟତ ଦାୟିତ୍ୱରୁ ହଟିବା ଏବେ ସାରା ବ୍ଲକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବଡପାଟଣା ଓ ସରସକୋଲା ଭଳି ୨ ବଡ ପଞ୍ଚାୟତର ଦାୟିତ୍ୱରେ ରହିଥିବା ବେଳେ ବିଭିନ୍ନ ସମୟରେ ବିବାଦୀୟ ହୋଇ ପଡ଼ିଥିବାରୁ ତାଙ୍କୁ ପଞ୍ଚାୟତ ଦାୟିତ୍ୱରୁ ହଟାଯାଇ ପୋଲାଣଘାଟି ପଞ୍ଚାୟତର ପିଇଓ ଅଶୋକ ମହାନ୍ତଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# କୋଟିଏରୁ ଅଧିକ ସାଇବର ଠକେଇ

● ଅଭିଯୁକ୍ତ ଗିରଫ



ଆନନ୍ଦପୁର, ୨୧।୨ (ସମିସ): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଯାମିତିରା ଗ୍ରାମର ଅତିଶ କୁମାର ପଣ୍ଡାଙ୍କୁ ପୁଲିସ ଅଭିଯୁକ୍ତ ଗିରଫ କରିଛି। ଅନଲାଇନରେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ପ୍ରାୟ କୋଟିଏ ଟଙ୍କା ଠକେଇ କରିଥିବା ତାଙ୍କ ବିରୋଧରେ ଅଭିଯୋଗ ନେଇ ପୁଲିସ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛି। ଆନନ୍ଦପୁର ପୁଲିସ ଏସଡିପିଓ କମଳ କୁମାର ପଣ୍ଡା ଏନେଇ ଆନନ୍ଦପୁର ଥାନାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ୮ ଏକାଉଣ୍ଟ ସହ ମୋବାଇଲ ଜବତ କରାଯାଇଛି। ପ୍ରାୟ ଏକ କୋଟି ୨୫ ଲକ୍ଷ ଟଙ୍କା ଗୋଟିଏ ଏକାଉଣ୍ଟରୁ କାରବାର ହୋଇଥିବା ଜଣାଯାଇଛି।

# ରାଇରଙ୍ଗପୁର ହସ୍ପିଟାଲରେ ଖୋଲିଲା ଅସ୍ଥାୟୀ ଆୟୁର୍ବେଦିକ ଓପିଡି



ରାଇରଙ୍ଗପୁର,୨୧।୨(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଅସ୍ଥାୟୀ ଆୟୁର୍ବେଦିକ ଓପିଡି ଖୋଲିଛି। ଆୟୁର୍ବେଦିକ ଚିକିତ୍ସା ଯୋଗାଇବା ନିମନ୍ତେ ଉକ୍ତ ଓପିଡି ସେବା ଆରମ୍ଭ ହୋଇଛି। ହସ୍ପିଟାଲର ଆଉଟଡୋର ନିକଟରେ ଉକ୍ତ ସେବା ଆରମ୍ଭ ହୋଇଛି। ଆୟୁଷ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା ବ୍ୟବସ୍ଥା ଆରମ୍ଭ କରାଯାଇଛି। ଉକ୍ତ ବ୍ୟବସ୍ଥାର ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଅନୁଧ୍ୟାନ କରିଛନ୍ତି। ରାଇରଙ୍ଗପୁରରେ ଦାଣ୍ଡବୋଷ ନିକଟସ୍ଥ ମୁରୁଗାଘୁଟୁରେ ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜ ଓ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଇରଙ୍ଗପୁର ଗସ୍ତ ଅବସରରେ ଏହାର ଶିଳାନ୍ୟାସ କରିଛନ୍ତି। ତେବେ ତାହା କାର୍ଯ୍ୟକ୍ଷମ ପୂର୍ବରୁ ଅସ୍ଥାୟୀ ଭାବେ ସେବା ଆରମ୍ଭ ହୋଇଛି। ଆଗକୁ ଆୟୁର୍ବେଦିକ ଓପିଡ଼ି ନିମନ୍ତେ ସ୍ୱତନ୍ତ୍ର ଡାକ୍ତର ନିଯୁକ୍ତ ହେବାକୁ ଯାଉଛନ୍ତି। ହସ୍ପିଟାଲ ପରିସରରେ ନିର୍ମାଣ ହେଉଥିବା ୨୦୦ଶଯ୍ୟା ବିଶିଷ୍ଟ ବିଲ୍ଡିଂରେ ଉକ୍ତ ଆୟୁର୍ବେଦିକ ଓପିଡ଼ି ରହିବ। ଏହା ଦ୍?ାରା ସ୍ଥାନୀୟ ଲୋକମାନେ ଆୟୁର୍ବେଦ ଚିକିତ୍ସା ସୁବିଧା ସହଜରେ ପାଇପାରିବେ।

# ଚୋରା କାଠ ବୋଝେଇ ଗାଡ଼ି ଜବତ

ବୈଶିଙ୍ଗା,୨୧।୨(ସମିସ): ବୈଶିଙ୍ଗା ଥାନା ଅଧୀନ ଫୁଲଝରିଠାରେ ଶନିବାର ଚଢ଼ଉ କରାଯାଇ ଏକ ଚୋରା କାଠ ବୋଝେଇ ଟାଟାଏସିଇ ଗାଡି ଜବତ କରିଛି ବନ ବିଭାଗ। ନଡପୁର ପଞ୍ଚାୟତ ଅଧୀନ ଫୁଲଝରି ଅଞ୍ଚଳରୁ ଚୋରାକାଠ ଚାଲାଣ କରାଯିବା ବାବଦରେ ଖବରପାଇ ବେତନଟୀ ରେଞ୍ଜ ହେଡ଼କ୍ୱାର୍ଟର ବନପାଳ କାର୍ତ୍ତିକଚନ୍ଦ୍ର ରାଉତ, ବନରକ୍ଷୀ ଉତ୍ତମ ଦାସ, ସରସ୍ୱତୀ ବେହେରା ପ୍ରମୁଖ ସଦଳବଳେ ଫୁଲଝରିଠାରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ସଞ୍ଜୟ କୁମାର ପାତ୍ର ନାମରେ ପଞ୍ଜିକୃତ ଚୋରା କାଠ ବୋଝେଇ ଗାଡିକୁ ଜବତ କରିଥିଲେ। ବନ ବିଭାଗର ଚଢ଼ଉ ସମୟରେ ରାସ୍ତାରେ ଗାଡି ଛାଡି ଦେଇ ଚାଳକ ଫେରାର ହୋଇଯାଇଥିବାବେଳେ ଜବତ ଚୋରା କାଠ ବୋଝେଇ ଟାଟାଏସି ଗାଡିକୁ ବେତନଟୀ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଜବତ ଟାଟାଏସି ଗାଡ଼ିରେ ବିଭିନ୍ନ ମୋଟେଇର ୫ରୁ ଅଧିକ ଜାମୁକାଠ ଗଣ୍ଡି ଥିବାର ବନବିଭାଗ ଦେଖିବାକୁ ପାଇଛି। ଏ ନେଇ ବେତନଟୀ ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ କରାଯାଇଛି।



# ତମାଖୁ ମୁକ୍ତ ଗ୍ରାମ ସମ୍ପର୍କିତ କର୍ମଶାଳା

ବାରିପଦା, ୨୧।୨(ସମିସ): ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ଅଣସଂକ୍ରମକ ଅଧିକାରୀ ଡ. ଜ୍ଞାନେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବାଙ୍ଗିରିପୋଷି ସ୍ୱାସ୍ଥ୍ୟକେନ୍ଦ୍ରରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବାଙ୍ଗିରିପୋଷି ବ୍ଲକର ବିଡିଓ ପରମାନନ୍ଦ ଖଣ୍ଡେଇ ତମାଖୁର କୁପ୍ରଭାବ ଯୋଗୁଁ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅଣସଂକ୍ରାମକ ବିଭାଗ ପରାମର୍ଶ ଡାଟା ନିହାର ରଞ୍ଜନ ପୃଷ୍ଟି ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ସରପଞ୍ଚ ଓ ସମିତି ସଭ୍ୟଙ୍କ ଦାୟିତ୍ୱ ବିଷୟରେ ଆଲୋଚନା କରି ସିଓଟିପିଏ ଆଇନ୍ ୨୦୦୩ ଓ ଅନ୍ୟାନ୍ୟ ତମାଖୁ ନିୟନ୍ତ୍ରଣ ଆଇନ ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଓ ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

■ ଲୋପ ପାଉଥିବା କାତି ଖେଳକୁ ପୁନର୍ଜିବିତ କରିବାକୁ ପ୍ରୟାସ

# କାତି ଖେଳ ପ୍ରିମିୟର ଲିଗ୍ ଆୟୋଜିତ



ରାଇରଙ୍ଗପୁର,୨୧।୨(ସମିସ): ଲୋପ ପାଉଥିବା ଆଦିବାସୀ ସମ୍ପ୍ରଦାୟର ପୁରାତନ କାତି ଖେଳକୁ ପୁନର୍ଜିବିତ କରିବାକୁ ପ୍ରୟାସ କରାଯାଇଛି। ଆଧୁନିକତା ସ୍ପର୍ଶରେ ପରିଚୟ ହରାଉଥିବା କାତି ଖେଳକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ଷ୍ଟିଲ ଅଣ୍ଟା ଭିଡ଼ିଛି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଜାଗାରେ ଟାଟା ଷ୍ଟିଲ ପକ୍ଷରୁ କାତି ପ୍ରିମିୟର ଲିଗ ଆୟୋଜିତ ହୋଇଛି। ଦିନେ ଏହା ଆଦିବାସୀଙ୍କ ମୁଖ୍ୟ ଖେଳ ଥିଲା। ପ୍ରତି ଗାଁରେ ପୁରାତନ ପାରମ୍ପରିକ କାତି ଖେଳ ହେଉଥିଲା। ଆଉ ଖେଳ ମାଧ୍ୟମରେ ବଢୁଥିଲା ବନ୍ଧୁତାର ନିବି?ତା। କାଠରେ ନିର୍ମିତ ଅର୍ଦ୍ଧଚନ୍ଦ୍ର କାତିକୁ ବାଡ଼ିରେ ଖେଳାଯାଏ। ଚାରି ରାଉଣ୍ଡ ଖେଳ ହେଉଥିବା ବେଳେ ପ୍ରତିଦ୍ୱନ୍ଦୀ ଦଳର କାତିକୁ ବଜାଇବା ଟାର୍ଗେଟକୁ ହିଁ ପଏଣ୍ଟ ଭାବେ ନିଆଯାଇଥାଏ। ଆଧୁନିକତାର ସ୍ପର୍ଶରେ ଖେଳ ଲୋପ ପାଇବାକୁ ବସିଲାଣି। କାତି ଦେଖିବାକୁ ମିଳୁନଥିବା ବେଳେ ଖେଳାଳିଙ୍କ ମଧ୍ୟରେ ମଧ୍ୟ ସେଭଳି ଆଉ ଉତ୍ସାହ ଦେଖିବାକୁ ମିଳୁନାହିଁ। ଆଦିବାସୀଙ୍କ ପାରମ୍ପରିକ କାତି ଖେଳକୁ ପ୍ରୋତ୍ସାହିତ କରିବା ନେଇ ଟାଟା ଷ୍ଟିଲ ଫାଉଣ୍ଡେସନ ପ୍ରୟାସ ଚଳାଇଛି। ଚଳିତ ବର୍ଷ ବିଭିନ୍ନ ଜାଗାରେ ଏହି କାତି ଖେଳ ଖେଳାଯାଉଥିବା ବେଳେ ବିଜାତଳା ବ୍ଲକ ମିରୁଡ଼ି ଗାଁରେ ଅନୁଷ୍ଠିତ ଖେଳରେ ଜାମଦା ବ୍ଲକର 'ଗୁଡୁଟା' କାତି ଟିମ ପ୍ରଥମ ସ୍ଥାନ ଓ 'ଜିଆଳ ଟାଣ୍ଡିଦା' ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଚଳିତ ବର୍ଷ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ବିଜାତଳା ବ୍ଲକର ରେଙ୍ଗାଲବେଡା, ବାଙ୍କୀ, ତୁଳସିବଣୀ ରାଇରଙ୍ଗପୁର ବ୍ଲକର ଚାପଲ, ଜାମଦା ବ୍ଲକର ପାସନା ଏବଂ ବହଳଦା ବ୍ଲକର ଭିତରାମଦା ଓ ଷଷ ଗାଁରେ ଏହି ଖେଳ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଖେଳକୁ ଟାଟା ଷ୍ଟିଲ ଫାଉଣ୍ଡେସନର ରାମଚନ୍ଦ୍ର ଟୁଡୁ, ଶିବନାରାୟଣ ହେମ୍ବ୍ରମ ଏବଂ ବୀରେନ ତିୟୁ ପରିଚାଳନା କରୁଛନ୍ତି। ନିଆରା ଏହି ପୁରାତନ କାତି ଖେଳକୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ ଜମୁଥିବା ବେଳେ ଆଦିବାସୀଙ୍କ ଏହି କାତି ଖେଳଟିକୁ ଭାରତ ସରକାରଙ୍କ କ୍ରୀଡା ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଜାତୀୟସ୍ତରୀୟ ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାରିପଦା, ୨୧।୨(ସମିସ): ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ ୟୁନିଅନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ୭ମ ଦିବସର ୧ମ ମ୍ୟାଚରେ ପ୍ଲେ ବ୍ୟାକ ଚ୍ୟାଲେଞ୍ଜର ୮୧ ରନରେ ବଜରଙ୍ଗୀ ଦି ସାଭିୟାରକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ପ୍ଲେ ବ୍ୟାକ ୧୨ ଓଭରରେ ୮ ୱିକେଟ ହରାଇ ୧୬୦ ରନ କରିଥିବାବେଳେ ବଜରଙ୍ଗୀ ଦଳ ୧୦. ୩ ଓଭରରେ ସମସ୍ତ ୱିକେଟ ହରାଇ ୭୯ ରନ ସଂଗ୍ରହ କରିଥିଲା। ପ୍ଲେ ବ୍ୟାକ ଦଳର ଅଞ୍ଜନ କୁମାର ତମରେକର ସର୍ବାଧିକ ୪୩ ରନ କରିବା ସହ ୪ଟି ୱିକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ମ୍ୟାଚରେ ଦାନୀ ଏକାଦଶ ୪୫ ରନରେ ଭାମ୍ପୟାର ମାରୁତି ସ୍ପୋର୍ଟ୍ସକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଦାନୀ ଏକାଦଶ ୧୨ ଓଭରରେ ୪ ୱିକେଟ ହରାଇ ୧୬୯ ରନ ସଂଗ୍ରହ କରିଥିବାବେଳେ ଭାମ୍ପୟାର ମାରୁତି ସ୍ପୋର୍ଟସ ୧୧. ୩ ଓଭରରେ ସମସ୍ତ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ଦାନୀ ଦଳର ରିତୁନ ମହାନ୍ତି ସର୍ବାଧିକ ୫୩ ରନ କରିବା ସହ ୩ଟି ୱିକେଟ ଅକ୍ତିଆର କରିଥିଲେ। ସୌମ୍ୟରଞ୍ଜନ ଧଳ ୪୫ ରନ କରିଥିଲେ। ରତିକାନ୍ତ ଦାସ, ଲକ୍ଷ୍ମୀଧର ସିଂ, ସଞ୍ଜୟ ସିଂ ଓ ଗଦାଧର ନାୟକ ଖେଳ ପରିଚାଳନା କରିଥିବାବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ପୂର୍ବ ଦିନର ୩ୟ ମ୍ୟାଚରେ ମହାକାଲ ୩୨ ରନରେ ଜଗନ୍ନାଥ ୱରିୟାରକୁ ଓ ୪ର୍ଥ ମ୍ୟାଚରେ ପ୍ଲେ ବେକ ଚ୍ୟାଲେଞ୍ଜର ୮ ୱିକେଟରେ ରୁଦ୍ରାକ୍ଷ ଦଳକୁ ପରାସ୍ତ କରିଥିଲା। ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଉଦ୍ୟୋଗପତି ଦେବାଶିଷ ଦଳବେହେରା ଓ କଲ୍ୟାଣ ଦତ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ସୌମ୍ୟରଞ୍ଜନ ମିଶ୍ର, ଉପସଭାପତି ରମାକାନ୍ତ ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଓ ଗୌତମ ଦାସ ଉପସ୍ଥିତ ଥିଲେ।

● ବକେୟା ପାରିଶ୍ରମିକକୁ କେନ୍ଦ୍ର କରି ଛୁରାମାଡ଼ ଘଟଣା

# ଯୁବକ ଗୁରୁତର,୨୪ ଘଣ୍ଟା ପରେ ବି ପୁଲିସ ହାତ ଖାଲି

ବଡ଼ସାହି,୨୧।୨(ସମିସ): ବଡ଼ସାହି ଥାନା ଅଧୀନ ସିଂହଟିଆ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ବକେୟା ପାରିଶ୍ରମିକ ମାଗିବାକୁ କେନ୍ଦ୍ର କରି ମାଲିକ ଓ ଟେକ୍ନିସିଆନ ମଧ୍ୟରେ ବଚସା ହୋଇଥିଲା । ତେବେ ମାଲିକ ଜଣଙ୍କ ଉତକ୍ଷିପ୍ତ ହୋଇ ଟେକ୍ନିସିଆନଙ୍କୁ ଛୁରୀରେ ମାରଣାନ୍ତକ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ଆହତ ଜଣଙ୍କ ବଳଭଦ୍ରପୁର ଗ୍ରାମର ମିଥୁନ ନାଏକ (୩୨)। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବଡସାହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ତାଙ୍କ ଭଉଣୀ ରୀନା ନାଏକର ଏତଲାକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ୨୪ ଘଣ୍ଟା ପରେ ମଧ ପୁଲିସ ଅଭିଯୁକ୍ତ ସିଂହଟିଆ ଗ୍ରାମର ସୁମନ୍ତ ବଳାଙ୍କୁ ଗିରଫ କରି ପାରିନଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସେ ଫେରାର ଥିବାବେଳେ ତାଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି। ଆକ୍ରମଣକାରୀ ଜଣଙ୍କ ସିସି କ୍ୟାମେରା ଇନଷ୍ଟଲ କରନ୍ତି। ଆହତ ମିଥୁନ ତାଙ୍କ ପାଖରେ କାମ କରୁଥିବାବେଳେ ୧୨ ହଜାର ପାଖାପାଖି ଟଙ୍କା ପାରିଶ୍ରମିକ ପାଇବାକୁ ଥିଲା। ବାରମ୍ବାର ପାରିଶ୍ରମିକ ମାଗି ସେ ବିଫଳ ହୋଇଥିବାବେଳେ ଶୁକ୍ରବାର ଜିଦ କରି ଟଙ୍କା ମାଗିବାରୁ ମାଲିକ ଶ୍ରୀ ବଳା ଉତକ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ, ମାଡ ମାରିବା ସହିତ ଏକ ଧାରୁଆ ଅସ୍ତ୍ରରେ ମାରଣାନ୍ତକ ଆକ୍ରମଣ କରିଥିବାର ଜଣାଯାଇଛି।

# ଜାମୁଁବଣି ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ



ସାରସକଣା, ୨୧।୨(ସମିସ): ସଂପ୍ରତିକ ସମାଜରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ, ପରସ୍ପର ମଧ୍ୟରେ ଭାଇଚାରାର ସମ୍ପର୍କ, ଅକସ୍ମାତ୍ ସଂସାରରେ ମାଡ଼ି ଆସୁଥିବା ବିଭିନ୍ନ ରୋଗ ବ୍ୟାଧିର ନିବାରଣ ନିମନ୍ତେ ସାରସକଣା ବ୍ଲକ୍ ଅନ୍ତର୍ଗତ ଜମୁବଣି ଗ୍ରାମରେ ଶ୍ରୀଶ୍ରୀ ବାଙ୍କ ବିହାରୀ ମହାପ୍ରଭୁଙ୍କ ଅଖଣ୍ଡ ରାଧାନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏହି ସଂକୀର୍ତ୍ତନରେ ଗ୍ରାମବାସୀ, ବନ୍ଧୁ ପରିଜନ, ଆଖ ପାଖ ଗ୍ରାମରୁ ପ୍ରାୟ ଶହ ଶହ ଭକ୍ତ ଅଂଶଗ୍ରହଣ କରିଥଲେ। ଚଳିତବର୍ଷ ପରି ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି ସଭାପତି ସୁଶାନ୍ତ କୁମାର ପାଢ଼ୀ ମତବ୍ୟକ୍ତ କରିଛନ୍ତି।

# ଶତାୟୁ ପୂଜକଙ୍କ ପରଲୋକ



ବଡସାହି,୨୧।୨(ସମିସ): ବଡ଼ସାହି ବ୍ଲକ୍ ଛେଳିଆ (କ) ଗ୍ରାମର ଶତାୟୁ ପୁରୁଷ ତଥା ଜଣେ ଧାର୍ମିକ ଓ ପୂଜକ ବ୍ରାହ୍ମଣ ଆଦିକନ୍ଦ ଆଚାର୍ଯ୍ୟ ଦେବଶର୍ମାଙ୍କ ପରଲୋକ ଘଟିଛି। ସେ କର୍ମକାଣ୍ଡରେ ନିପୁଣ ସହ ବଡସାହି,ତାଳପଦା ତଥା ନିକଟସ୍ଥ ଗ୍ରାମର ବିଭିନ୍ନ ପୂଜାନୁଷ୍ଠାନ, ସମାଜସେବା ଅନୁଷ୍ଠାନରେ ସଂପୃକ୍ତ ଥାଇ ୧୦୫ ବର୍ଷ ବୟସରେ ଚଳଚଞ୍ଚଳ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର ପୁତ୍ର କାର୍ତ୍ତିକଚନ୍ଦ୍ର, ପୁତ୍ରବଧୂ ଝରଣା ସହ ନାତି ଇଂ ସନ୍ତୋଷ କୁମାର, ନାତୁଣୀବୋହୂ ପ୍ରିୟମ୍ବଦା ସହ ଅଣନାତୁଣୀ ପ୍ରଚଣ୍ଡ ପ୍ରତିଭାଧାରୀ ଦିବ୍ୟାଂଶୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥି। ତାଙ୍କ ମରଶରୀରକୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ କରାଯାଇଛି। ତାଙ୍କ ବିୟୋଗରେ ଗ୍ରାମବାସୀ, ପରିବାରବର୍ଗ, ବିଭିନ୍ନ ଧର୍ମାନୁଷ୍ଠାନ, ସମାଜସେବୀ ଶୋକ ପ୍ରକାଶ କରିଛନ୍ତି।

# ଟସର ଚାଷୀଙ୍କୁ ତିନିଦିନିଆ ତାଲିମ




ମହୁଲଡିହା,୨୧/୨(ସମିସ): ଠାକୁରମୁଣ୍ଡା ଟସର ସମବାୟ ସମିତି ସଭାକକ୍ଷରେ କେନ୍ଦ୍ରୀୟ ରେଶମ ବୋର୍ଡ ଆଞ୍ଚଳିକ ରେଶମ ଗବେଷଣା କେନ୍ଦ୍ର ବାରିପଦା ଓ ଟସର ଚାଷୀ ସମବାୟ ସମିତି ମିଳିତ ଆନୁକୂଲ୍ୟରେ ୧୯ ତାରିଖରୁ ତ୍ରିଦିବସୀୟ ଟସର ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଞ୍ଚଳିକ ରେଶମ ଗବେଷଣା କେନ୍ଦ୍ର ବାରିପଦାର ବୈଜ୍ଞାନିକ ଡଃ ସ୍ୱାତିକା ଜି ଯୋଗଦେଇ ଟସର ଚାଷରେ ରୋଗ ପୋକରୁ ରକ୍ଷା କରିବାର ବିଧି ବିଷୟରେ ଅବଗତ କରାଇଥିଲେ। ସହକାରୀ ରେଶମ ଶିଳ୍ପ ନିର୍ଦ୍ଦେଶକ ବାରିପଦା ନିରଞ୍ଜନ ମଲ୍ଲିକ ଯୋଗଦେଇ ଟସର ଚାଷ ଏକ ଲାଭଜନକ ଚାଷ ଅଳ୍ପ ପରିଶ୍ରମ ୪୦ରୁ ୫୦ ଦିନରେ ଜଣେ ଚାଷୀ ୫୦ ହଜାରରୁ ୮୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ଉଠାଇପାରିବ। ଠିକ୍ ସମୟରେ ଟସର ପୋକର ଯତ୍ନ ନେବା ଆବଶ୍ୟକ ପରିମାଣରେ ଗୋଟିଏ ଗଛରୁ ଅନ୍ୟ ଗଛକୁ ପୋକମାନଙ୍କୁ ସ୍ଥାନାନ୍ତର କରିବା, ବିରୁଡି ପୋକ ଓ ଜଙ୍ଗଲି ପକ୍ଷୀଙ୍କ ଦାଉରୁ ରକ୍ଷା କଲେ ଜଣେ ଚାଷୀ ଲାଭବାନ ହୋଇପାରିବ ବୋଲି କହିଥିଲେ। ଦ୍ୱିତୀୟ ଦିନରେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଯୋଗଦେଇ ଟସର ଚାଷର ପ୍ରଣାଳୀ ଓ ସରକାରଙ୍କ ଯୋଜନା ବିଷୟରେ ଚାଷୀଙ୍କୁ ଅବଗତ କରିଥିଲେ। ୩ ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବ୍ଲକରେ ଥିବା ୩ଟି ଟସର ସମବାୟ ସମିତି ଠାକୁରମୁଣ୍ଡା, ମହୁଲଡିହା ଓ କେନ୍ଦୁଜିଆଣିରୁ ମୋଟ ୨୫ ଜଣ ଚାଷୀ ଭାଗନେଇଥିଲେ। ବରିଷ୍ଠ ଟେକନିକ ସହାୟକ ବସନ୍ତ କୁମାର ମହାନ୍ତ ଚାଷୀ ମାନଙ୍କୁ ଟସର ଚାଷର ନୂତନ ପ୍ରଣାଳୀ ଏବଂ କିପରି ଉନ୍ନତମାନର ଚାଷ କରି ଅଧିକ ଲାଭବାନ ହେବ ସେ ବିଷୟରେ ଅବଗତ କରିଥିଲେ। ଟସର ସମବାୟ ସମିତିର ସମ୍ପାଦକ ପ୍ରଦୀପ କୁମାର ପ୍ରଧାନ ଚାଷୀ ମାନଙ୍କୁ ଅଡାପାହି ଗଛମୂଳ ସଫାକରିବା ଏବଂ କାଇମୁକ୍ତ କରିବାକୁ ପରାମର୍ଶ ଦେଇଥିଲେ।

# ହୋ' ଭାଷାର ଅନନ୍ୟ ପୂଜାରୀ ଗୋପୀନାଥ

ଶରତ, ୨୧।୨(ସମିସ):



ଭାଷା ଗୋଟିଏ ଜାତିର ପରିଚୟ, ସଂସ୍କୃତିର ପରିଚାୟକ। ଭାଷା ଚିହ୍ନାଏ ମଣିଷକୁ, ଏକ ଭୁଖଣ୍ଡକୁ। ଭାଷା ପ୍ରତି ପ୍ରୀତି ରଖିଥିବା ମଣିଷ ସର୍ବଦା ନିଜ ଭାଷାକୁ ସମୃଦ୍ଧ କରିବାକୁ ଚାହେଁ। ଭାଷା ବଞ୍ଚିଲେ ସଂସ୍କୃତି ଓ ଜାତି ବଞ୍ଚିବ। ସଂସ୍କୃତି, କଥା, ଗାଥା, ରୀତିନୀତି, ଆଚାର ବ୍ୟବହାର, ପୋଷାକ ଆଦି ପରିଚୟ ଦିଏ ଭାଷା। ସେହିଭଳି ସ୍ୱତନ୍ତ୍ର ଓ ବ୍ୟାକରଣରେ ଭରା ଭାଷା ହେଉଛି ହୋ'। ଯାହାର ସୁରକ୍ଷା ପାଇଁ ଭାଷାର ପୂଜାରୀ ସାଜିଛନ୍ତି ଗୋପୀନାଥ ହାଇବୁରୁ (୫୧)। ପେଶାରେ ସେ ଜଣେ ରାଜମିସ୍ତ୍ରୀ ହୋଇଥିବାବେଳେ ନିଶା ତାଙ୍କର ମାତୃଭାଷା ପ୍ରୀତି। ସାମାଜିକ ପରମ୍ପରା, ପର୍ବପର୍ବାଣୀ, ଭାଷା ସଂସ୍କୃତି ଓ ଜୀବନ ଶୈଳୀରେ ହୋ ଜନଜାତିର ଏକ ସ୍ୱତନ୍ତ୍ରତା ରହିଛି। ପ୍ରାକୃତିକ ଜଙ୍ଗଲ ପରିବେଶ ମଧ୍ୟରେ ବଢି ଆସିଥିବା ଏହି ଜନଜାତି ଆଧୁନିକ ସଭ୍ୟତାଠାରୁ ବହୁ ଦୂରରେ। ସେମାନଙ୍କର ବିଭିନ୍ନ ପର୍ବପର୍ବାଣୀ କିମ୍ବା କର୍ମମୟ ଜୀବନରୁ ଟିକିଏ ଅବସର ପାଇଲେ ହୋଇ ଉଠନ୍ତି ମତୁଆଲା।

କପ୍ତିପଦା ବ୍ଲକର ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଶରତ ପଞ୍ଚାୟତ ଅଧୀନ କେଶପଡ଼ା ନିବାସୀ ଗୋପୀନାଥ ହାଇବୁରୁ(୫୧)। ପାଠ ମାତ୍ର ନବମ ଶ୍ରେଣୀ। ମାତ୍ର ହୋ' ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବା ନିମନ୍ତେ ଅନେକ କବିତା ଓ ଗଳ୍ପ ଲେଖିଛନ୍ତି। ୩୬ ବର୍ଷ କାଳ ୱାରାଙ୍ଗଚିତି ଲିପିକୁ ସମୃଦ୍ଧ କରିବା ପାଇଁ ଶରତ, ଠାକୁରମୁଣ୍ଡା ଓ କରଞ୍ଜିଆ ଅଞ୍ଚଳରେ ଏହି ଲିପିରେ ପାଠ ପଢ଼ାଇ ଆସୁଛନ୍ତି। ତାଙ୍କ ଲେଖନୀ ନିସୃତ ଶିର୍ଜନାଃ ବିଲିକି, ଜରଙ୍ଗ ଚିଳା, ଲୁକୁ ଗାଣା, ହେନ୍ଦେ ରୀମିଲ, ଲାନ୍ଦା ବାଗାନରେ, ଯେଟେ ଆଶାଳା, ଆଞ୍ଜା ନୁତୁମ ତୁଣ୍ଟିଲେ ଇତ୍ୟାଦି ହୋ ସମାଜ ପାଇଁ ଗୋଟିଏ ଗୋଟିଏ ଅମୂଲ୍ୟ ସମ୍ପଦ। ଗୋପୀନାଥ ନିଜର ଅଜା ମାଉତିଆ ସିଂ ହାଇବୁରୁଙ୍କ ପାଖରୁ ଏହି ଲିପି ଶିଖିଥିବା କହିଛନ୍ତି। ତାଙ୍କ ସଂକଳନ ଅର୍ଥାଭାବ ଯୋଗୁଁ ପ୍ରକାଶ ହୋଇପାରୁନାହିଁ। ଭାରତରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରୁ ହୋ ଜନଜାତି ଏକ ପୁରାତନ ଜନଜାତି। ସଂପ୍ରତି ରାଜ୍ୟର ବିଭିନ୍ନ ଅଞ୍ଚଳରେ ୬୨ ପ୍ରକାର ଆଦିବାସୀ, ୧୩ ପ୍ରକାର ଆଦିମ ଅଧିବାସୀ ବସବାସ କରୁଥିବାବେଳେ ଏମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୨ ପ୍ରତିଶତ। ମୟୂରଭଞ୍ଜରେ କୋହ୍ଲ, କେନ୍ଦୁଝର ଓ ଯାଜପୁର ଜିଲ୍ଲାରେ ମୁଣ୍ଡା, ଅନୁଗୋଳ ଜିଲ୍ଲାରେ ହୋ, ଦେବଗଡ଼ ଜିଲ୍ଲାରେ କୋଲ ଓ ଅନ୍ୟ ଜିଲ୍ଲାରେ ହୋ ଓ କୋଲ, କୋହ୍ଲ ମୁଣ୍ଡା ଏଭଳି ସରକାରୀ ରେକର୍ଡରେ ରହିଥିଲେ ମଧ ଏମାନେ ଏକ। ଏମାନଙ୍କର ଜାତି, ଭାଷା ହୋ। ସେମାନେ ପରସ୍ପର ଅଭିନ୍ନ। ରାଜ୍ୟରେ ମୟୂରଭଞ୍ଜ ବ୍ୟତୀତ ସୁନ୍ଦରଗଡ, ଢେଙ୍କାନାଳ, କଟକ, ବାଲେଶ୍ୱର ଜିଲ୍ଲାରେ ମଧ ଏହି ସମ୍ପ୍ରଦାୟର ଲୋକ ବସବାସ କରୁଥିବାବେଳେ ଭାରତବର୍ଷର ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ବିହାର, ଆନ୍ଧ୍ରପ୍ରଦେଶ, ଆସାମ ଓ ହିମାଚଳପ୍ରଦେଶ ଆଦି ରାଜ୍ୟରେ ବସବାସ କରନ୍ତି।

ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୧୫ ଲକ୍ଷରୁ ଅଧିକ। ୧୮୨୧ରୁ ୧୮୩୬ ମଧ୍ୟରେ ଏମାନେ ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମି ଅଞ୍ଚଳରୁ ଆସି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବାସ କରୁଛନ୍ତି। ହୋ' ସମ୍ପ୍ରଦାୟର ଅତୀତ ଅତ୍ୟନ୍ତ ଗୌରବମୟ। ବର୍ତ୍ତମାନ ସମ୍ପ୍ରଦାୟରେ ପ୍ରଚଳିତ ପର୍ବପର୍ବାଣୀ, ପରମ୍ପରା, ଲୋକକଥା, ଧର୍ମବିଶ୍ୱାସକୁ ଐତିହାସିକ ନୃତତ୍ତ୍ୱ ଦୃଷ୍ଟିକୋଣରୁ ଅନୁଶୀଳନ କଲେ ସ୍ପଷ୍ଟ ଜଣାପଡ଼େ। ଏହି ଜାତିର ନିଜସ୍ୱ ଲିପି ୱାରାଙ୍ଗଚିତିକୁ ପଣ୍ଡିତ ଲାକୋ ବଦ୍ରା ଆବିଷ୍କୃତ କରିଥିଲେ। ୧୯୮୪ରେ ରାଞ୍ଚି ବିଶ୍ୱବିଦ୍ୟାଳୟ ଓ ୨୦୧୧ରେ କୋହ୍ଲାନ ବିଶ୍ୱବିଦ୍ୟାଳୟରେ ହୋ ଭାଷାର ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲା ଯାଇଥିବାବେଳେ ଝାଡ଼ଖଣ୍ଡ ସରକାର ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ଦେଇଛନ୍ତି। ଯେଉଁ ଜାତିର ଏଭଳି ମହାନ ସଂସ୍କୃତି ରହିଛି, ସେ ଜାତି ଆଜି ସମାଜର ଆଦର୍ଶ ସ୍ରୋତଠାରୁ ବହୁ ପଛରେ। ସେମାନଙ୍କର ଲିପି ୱାରାଙ୍ଗଚିତିକୁ ସାମ୍ବିଧାନିକ ସ୍ୱୀକୃତି ମିଳି ନ ଥିବାରୁ ଶିକ୍ଷା ସଚେତନତାର ଅଭାବରୁ ଏବେ ବି ବିଭିନ୍ନ ଅନ୍ଧବିଶ୍ୱାସ ସେମାନଙ୍କ ମନରୁ ଲିଭିନାହିଁ। ଏହି ଭାଷାଭାଷୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ତତ୍କାଳୀନ ବିଜେଡି ସରକାର ୱାରାଙ୍ଗଚିତି ଲିପିକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ସୁପାରିଶ କରିଥିଲେ ମଧ ବିଜେପି ନେତୃତ୍ୱ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଏହି ଲିପିକୁ ସାମ୍ବିଧାନିକ ସ୍ୱୀକୃତି ଦେବାକୁ ଆନ୍ତରିକତା ପ୍ରକାଶ କରିନାହାନ୍ତି। ଗୋପୀନାଥଙ୍କୁ ସରକାରୀ ପ୍ରୋତ୍ସାହନ ସହ ଲେଖିଥିବା ଗଳ୍ପ ସଂକଳନ ପ୍ରକାଶ କରାଗଲେ ହୋ ଭାଷା ସମୃଦ୍ଧ ହୋଇପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ସମାଜସେବୀ ଗାମାଏ ରୀମିଲ ସିଂ ଗୋଇପାଇ ପ୍ରକାଶ କରିଛନ୍ତି।

# 'ନବମ ୨.୦'ର ଟ୍ରେଲର ଲୋକାର୍ପିତ

'ନବମ ଶ୍ରେଣୀ ଝିଅଟା ଛାତିକୁ ମୋ ହଟ୍ କରୁଛି...' ହେଉଛି ୨୦୦୫ ମସିହାରେ ପ୍ରସିଦ୍ଧ ସିନେ ଗାୟକ ବିଭୁ କିଶୋର ଗାଇଥିବା ସବୁଠାରୁ ଲୋକପ୍ରିୟ ଗୀତ ମଧ୍ୟରୁ ଏହା ଅନ୍ୟତମ । ଯାହା ସେତେବେଳେ ସୁପରହିଟ୍ ହୋଇଥିଲା । ବିଭୁ କିଶୋର ଓ ରାକ୍ଷୀ ଦାଶଙ୍କ କନ୍ୟା ଇଶିତା ଉର୍ବି ଏହି ଗୀତକୁ 'ନବମ ୨.୦' ଭାବେ ପୁନଃ ସଂସ୍କରଣ କରିଛନ୍ତି । ଯାହାର ଟ୍ରେଲର ଇତି ମଧ୍ୟରେ ମୁକ୍ତିଲାଭ କରି ସାରିଛି । ଇଶିତା ଉର୍ବିଙ୍କ ପରିକଳ୍ପନାରେ ବିଭାସ ଏଣ୍ଟରଟେନ୍‌ମେଣ୍ଟ ପ୍ରସ୍ତୁତ 'ନବମ ୨.୦'ରେ ଅଭିନୟ କରିଛନ୍ତି ନେହା ନାଗେଶ୍ୱରୀ ଓ ଦୀପେଶ ସାମନ୍ତରାୟ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ବାପି ଦାସ । ସେହିପରି ପ୍ରଯୋଜନା ଇଶିତା ଉର୍ବି କରିଥିବା ବେଳେ ଗୀତଟି ଗାଇଛନ୍ତି ବିଭୁ କିଶୋର । ସଙ୍ଗୀତ ନିର୍ଦ୍ଦେଶନା ଗୌରବ ଆନନ୍ଦ ଦେଇଥିବା ବେଳେ ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ । ଖୁବ ଶୀଘ୍ର 'ବିଭାସ ଏଣ୍ଟରଟେନମେଣ୍ଟ' ୟୁଟ୍ୟୁବ୍ ଚ୍ୟାନେଲରେ ଏହା ପ୍ରସାରିତ ହେବ ।





# 'କାନ୍ଦ ମାଷ୍ଟ୍ରେ'ର ଅଡିଓ ରିଲିଜ୍

ନିକଟରେ ଓଡ଼ିଆ ଚଳଚ୍ଚିତ୍ର 'କାନ୍ଦ ମାଷ୍ଟ୍ରେ'ର ଅଡିଓ ଏବଂ ଟ୍ରେଲର ରିଲିଜ୍ ହୋଇଛି । ଓଡ଼ିଶାରେ ଝିଅମାନେ ବିବାହ ବିଦାୟୀ ବେଳେ ବାପା, ମାଆ, ବନ୍ଧୁବାନ୍ଧବଙ୍କୁ ଧରି ବିଭିନ୍ନ କଥାକୁ ପଦ୍ୟରେ ଗାଇ କାନ୍ଦିଥାଆନ୍ତି । ଏ ପରମ୍ପରା ଧୀରେ ଧୀରେ ନବେ ଦଶକଠୁ ଏକ ପ୍ରକାର ଲୋପ ପାଇ ବସିଲାଣି । ଏବେ ପ୍ରାୟତଃ ଆଉ କାନ୍ଦଣା ଦେଖିବାକୁ ମିଳୁ ନାହିଁ । ଏପରି ଏକ କହାଣୀକୁ ନେଇ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ର ଚିତ୍ରଣ କରାଯାଇଛି । ନାଟ୍ୟକାର ତଥା ସାହିତ୍ୟିକ ଜାକିର ଖାନ୍‌ଙ୍କ ସଫଳ ନାଟକକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । ପ୍ରଯୋଜନା କରିଥିବା ସହ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱଜିତ ପଣ୍ଡା, କାହାଣୀ ଓ ସଂଳାପ ଜାକିର ଖାନ୍ ଲେଖିଥିବାବେଳେ ଚିତ୍ରନାଟ୍ୟରେ ଜାକିର ଖାନ ଓ ବିଶ୍ୱଜିତ ପଣ୍ଡା ଅଛନ୍ତି । ମୁଖ୍ୟ କଳାକାର ମଧ୍ୟରେ ଅଭିନେତ୍ରୀ ଲିପ୍ସା ମିଶ୍ର, ବିଭୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଢ଼ୀ ପ୍ରମୁଖ ଅଭିନୟ କରିଛନ୍ତି । ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ଓ ଶାନ୍ତନୁ ନାୟକ । ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ସନ୍ତୋଷ ନାୟକ । ଚଳଚ୍ଚିତ୍ରଟି ଫେବୃଆରୀ ଶେଷରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରକାଶ ।



# 'ବର ବଧୂ'ରେ ରିତେନ୍‌ଙ୍କ କମାଲ୍

ନିକଟରେ ମୁକ୍ତିଲାଭ କରିଛି ଚନ୍ଦ୍ରମଣିଙ୍କ ପ୍ରଯୋଜିତ ତଥା ବିଶ୍ୱରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ବର ବଧୂ' । ଏହା ଗ୍ରାମ୍ୟ ବେକାରୀ ସମସ୍ୟା ଓ ଏକ ନିଆରା ପ୍ରେମ କାହାଣୀ ଉପରେ ଆଧାରିତ ଏକ ଭିନ୍ନ ସ୍ୱାଦର କଳାତ୍ମକ ସିନେମା । ଏଥିରେ ସମ୍ବଲପୁରର ଷ୍ଟାଣ୍ଡଅପ୍ କମେଡିଆନ୍ ରିତେନ୍ ପଟ୍ଟନାୟକ ଆଡ୍‌ଭୋକେଟ୍ ସାଧୁ ଚରିତ୍ରରେ ଅଭିନୟ କରି ଦର୍ଶକମାନଙ୍କର ମନ ଜିଣି ପାରିଛନ୍ତି । ସେ ସିନେମାରେ ନୋଟାରିଙ୍କ ଆଫିଡେଭିଟ୍‌କୁ ମାରେଜ୍ ସାର୍ଟିଫିକେଟ୍ କହି ଏକ ଘଣ୍ଟାରେ ବିବାହ ରେଜିଷ୍ଟ୍ରେସନ୍ କରିପାରୁଥିବା ଦାବି କରି ଲୋକଙ୍କୁ ଠକି ଚାଲିଛନ୍ତି । ତାଙ୍କ ବାକ୍ ଚାତୁରୀ ଭରା ଅଭିନୟ ଶୈଳୀ ହୃଦୟସ୍ପର୍ଶୀ ହୋଇଛି । ଅଭିନେତ୍ରୀ ସୂର୍ଯ୍ୟମୟୀ ଓ ଶିବାନୀଙ୍କ ସହିତ ରିତେନ୍‌ଙ୍କ ଆଳାପ ମନଛୁଆଁ ହୋଇ ପାରିଛି । ରିତେନ୍ ହେଉଛନ୍ତି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଦୀପେନ୍ କୁମାର ପଟ୍ଟନାୟକ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସେ ଓଡ଼ିଆ ଚଳଚ୍ଚିତ୍ର 'ରସଗୋଲା'ରେ ମଧ୍ୟ ଅଭିନୟ କରିଛନ୍ତି । କମେଡି ଅଭିନୟ ପାଇଁ ରିତେନ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି । ଓଡ଼ିଶା ବାହାରେ ମଧ୍ୟ ସେ କମେଡି କରି ବେଶ୍ ନାଁ କରିଛନ୍ତି ।

ଟେଲିଭିଜନ ପ୍ରିମିୟର

# ଇନସ୍ପେକ୍ଟର ସନା

ଆଜି ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ ସିନେମା 'ଇନସ୍ପେକ୍ଟର ସନା ।' କମେଡି, ଆକ୍ସନ ଏବଂ ରୋମାନ୍ସର ଏକ ଭରପୂର ମନୋରଞ୍ଜନ ପ୍ୟାକେଜ୍ ନେଇ ଆସୁଛି ଏହି ସିନେମା । ସନା ଜଣେ ଜଣାଶୁଣା ତ ଥ । ସରଳମନା ବ୍ୟକ୍ତି । ଯିଏ ଏକ ଅପରାଧମୁକ୍ତ ଗାଁରେ ନିଜର ହାସ୍ୟାସ୍ପଦ ଏବଂ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସମସ୍ତଙ୍କର ପ୍ରିୟ ପାତ୍ର ହୋଇପାରିଛନ୍ତି । ତାଙ୍କ ଜୀବନରେ ଏକ ନୂଆ ମୋଡ଼ ଆସେ ଯେତେବେଳେ ସେ ଅନ୍ୟ ଏକ ଗାଁରେ ପୋଲିସ୍ ଅଫିସର୍ ଭାବେ ନିଯୁକ୍ତି ପାଇଛନ୍ତି । ସେଠାରେ ସନାଙ୍କ ସାମ୍ନାରେ ଏକ ବଡ଼ ଆହ୍ୱାନ ଥାଏ । ମନ୍ଦିରର ରତ୍ନଭଣ୍ଡାରରେ ଥିବା ପ୍ରାଚୀନ ଅଳଙ୍କାରକୁ ଜଣେ ଚତୁର ଖଳନାୟକ କବଳରୁ ରକ୍ଷା କରିବା । ତେବେ ଏହି ରୋମାଞ୍ଚକର ପରିସ୍ଥିତି ମଧ୍ୟରେ ସନାଙ୍କ ଜୀବନରେ ପ୍ରେମର ଆଗମନ କାହାଣୀକୁ ଆହୁରି ହୃଦୟସ୍ପର୍ଶୀ କରିଛି । ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ଭାବରେ ଅଭିନୟ କରିଛନ୍ତି ସୋସିଆଲ ମିଡ଼ିଆ ଷ୍ଟାର ଓ କମେଡିଆନ୍ ଅନୁଗୁଳିଆ ବଣ୍ଟି । ଅଶୋକ ଦାସ, ଅଭିଜିତ ମିଶ୍ର, ଅର୍ଚ୍ଚିତା ମହାନ୍ତି ପ୍ରମୁଖ କଳାକାର ଅଛନ୍ତି । 'ଅମରା ଷ୍ଟୁଡିଓଜ୍' ଦ୍ୱାରା ପ୍ରଯୋଜିତ ଏବଂ ନିର୍ଦ୍ଦେଶକ ରାଜା ଡି'ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅସଦ୍ ନିଜାମ ଓ ଗୀତଗୁଡ଼ିକ ବେଶ୍ ଶ୍ରୁତି ମଧୁର ଏବଂ ଭାବପୂର୍ଣ୍ଣ ହୋଇଛି । ହାସ୍ୟରସ, ପ୍ରେମ ଏବଂ ସସପେନ୍ସରେ ଭରପୂର 'ଇନ୍ସପେକ୍ଟର ସନା' ସବୁ ବର୍ଗର ଦର୍ଶକଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ମନୋରଞ୍ଜନର ଖୋରାକ ଯୋଗାଇବ ।



ପରଦା ପଛର କାହାଣୀ

# ସଙ୍ଗୀତକାରଙ୍କ ଗୋଡ଼ ଧରି ଗୀତିକାରଙ୍କ କ୍ଷମା ପ୍ରାର୍ଥନା



୧୯୯୯ ମସିହାରେ ମୁକ୍ତିଲାଭ କରିଥିଲା ଆକ୍ସନ ଥ୍ରୀଲର୍ ଫିଲ୍ମ 'କଚ୍ଚେ ଧାଗେ' । ମିଲନ ଲୁଥ୍‌ରିୟା ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଜୟ ଦେବଗନ ଓ ସୈଫ୍ ଅଲ୍ଲୀ ଖାନ୍ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । ଏହି ଫିଲ୍ମର କାହାଣୀ ଅଞ୍ଜୁମ ରାଜାବାଲୀ ଓ ସଂଳାପ ସଞ୍ଜୟ ଛେଲ - ମିଲନ ଲୁଥରିୟା ଲେଖିଥିଲେ । ଫିଲ୍ମର ମ୍ୟୁଜିକ୍ ପାକିସ୍ତାନୀ ଗାୟକ ନୁସ୍‌ରତ୍ ଫତେହ ଅଲୀ କମ୍ପୋଜ କରିଥିଲେ । ଏଥିରେ ମୋଟ ଆଠଟି ଗୀତ ରହିଛି । ପ୍ରତ୍ୟେକ ଗୀତ ସୁପରହିଟ୍ ହୋଇଥିଲା । ଫିଲ୍ମରେ ଗୀତ ସୁଟିଂ ପଛରେ ଏକ କାହାଣୀ ରହିଛି । ନିଜର ଆତ୍ମଗର୍ବ ଏବଂ ଅହଙ୍କାର ପାଇଁ ଗୀତିକାର ଆନନ୍ଦ ବକ୍ସି, ସଙ୍ଗୀତକାର ନୁସ୍‌ରତ ଫତେହ ଅଲୀଙ୍କୁ ଭେଟିବାକୁ ଚାହୁଁ ନ ଥିଲେ । ଫିଲ୍ମର ଗୀତ ପାଇଁ ସଙ୍ଗୀତକାର ନୁସ୍‌ରତ୍ ଫତେହ ପାକିସ୍ତାନରୁ ଆସି ମୁମ୍ବାଇର ଏକ ହୋଟେଲରେ ରହୁଥିଲେ । ମାସ ମାସ ଧରି ସେ ହୋଟେଲରେ କେବଳ ଗୀତ କମ୍ପୋଜ୍ ପାଇଁ ରହିଥିଲେ । ସେ ସମୟରେ ତାଙ୍କର ଓଜନ ବୃଦ୍ଧି ହୋଇଯାଇଥିଲା । ସେ ଠିକ୍‌ରେ ଚାଲି ପାରୁ ନଥିଲେ । ଚାରିପାଞ୍ଚ ଜଣ ଲୋକଙ୍କ ସହାୟତାରେ ସେ ଯିବା ଆସିବା କରୁଥିଲେ । ଏଥିପାଇଁ ସେ ହୋଟେଲ୍‌ରେ ଗୀତିକାର ଆନନ୍ଦ ବକ୍ସିଙ୍କ ସହ ଆଲୋଚନା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରଖିଥିଲେ । ସମସ୍ତେ ଅପେକ୍ଷା କରିଥିଲେ ହେଲେ ସେହି ସମୟରେ ବକ୍ସି ଆସି ନଥିଲେ । ତାଙ୍କୁ ଅପେକ୍ଷା କରି କରି ପାଞ୍ଚଦିନ ବିତିଗଲା । ହେଲେ ଆନନ୍ଦ ଆଲୋଚନା ନିମନ୍ତେ ଆସୁ ନଥିବା ପଛର କାରଣ ନୁସ୍‌ରତ ବୁଝି ପାରୁ ନ ଥିଲେ । ବକ୍ସି ଯାହା ଗୀତ ଲେଖି ପଠାଉଥିଲେ ତାକୁ ନୁସ୍‌ରତ୍ ପ୍ରତ୍ୟାଖ୍ୟାନ କରୁଥିଲେ । ନୁସ୍‌ରତ ଯେଉଁ ଧୁନ୍ ତିଆରି କରୁଥିଲେ ତାକୁ ବକ୍ସି ରିଜେକ୍ଟ କରି ଦେଉଥିଲେ । ଏହିପରି ୧୫ ଦିନ ଚାଲିଲା । ଶେଷରେ ବକ୍ସିଙ୍କୁ ଭେଟିବାକୁ ନୁସରତ୍ ସ୍ଥିର କଲେ । ସେ ନିର୍ଦ୍ଦେଶକ ମିଲନ ଲୁଥରିୟାଙ୍କ ସହ ବାନ୍ଦ୍ରା ପହଞ୍ଚିଥିଲେ । ବକ୍ସି ଯେଉଁଠି ରହୁଥିଲେ ସେଠାରେ ଲିଫ୍ଟ ନ ଥିଲା । ନୁସ୍‌ରତ୍ ଚାରି ଜଣ ଲୋକଙ୍କ ସହାୟତାରେ ଖୁବ୍ କଷ୍ଟରେ ତାଙ୍କ ପାଖରେ ପହଞ୍ଚିଥିଲେ । ବକ୍ସି ଏହି ଦୃଶ୍ୟକୁ ଝରକାରୁ ଦେଖି ଖୁବ୍ ଦୁଃଖ ପ୍ରକାଶ କରିଥିଲେ । ସେ ଗେଟ୍‌ରେ ପହଞ୍ଚି ନୁସ୍‌ରତ୍‌ଙ୍କୁ ଦେଖି ଜୋର୍‌ରେ କାନ୍ଦି ଥିଲେ । ତାଙ୍କ ଗୋଡ଼ ଧରି ପକାଇଥିଲେ । କହିଥିଲେ – "ମୁଁ ଅହଂକାରୀ ଥିଲି । ମନେ ମନେ ଭାବୁଥିଲି ଅନ୍ୟ ଦେଶରୁ ଆସିଥିବା ସଙ୍ଗୀତକାରଙ୍କ ପାଖକୁ ମୁଁ କାହିଁ ଯିବି ! ସେ ମୋ ପାଖକୁ ଆସନ୍ତୁ । ମତେ କ୍ଷମା କରି ଦିଅନ୍ତୁ । କାଲିଠୁ ମୁଁ ଆପଣଙ୍କ ପାଖକୁ ଯିବି ।" ତେବେ ୧୯୯୭ ମସିହାରେ ନୁସ୍‌ରତ୍ ଫତେହ ଅଲୀଙ୍କ ମୃତ୍ୟୁ ହୋଇଥିଲା । 'କଚ୍ଚେ ଧାଗେ'ର ଅଧିକାଂଶ ଗୀତ ତାଙ୍କ ମୃତ୍ୟୁ ପରେ ରେକର୍ଡ ହୋଇଥିଲା ।





## ସାକ୍ଷାତକାର

**କଥାରେ ଅଛି ଦୃଢ଼ ମନୋବଳ ଆଉ ଅଦମ୍ୟ ଇଚ୍ଛାଶକ୍ତି ଯେକୌଣସି କଠିନ କାର୍ଯ୍ୟକୁ ସହଜ କରେ । ଯେ କୌଣସି ବ୍ୟକ୍ତିଙ୍କୁ ସଫଳତା ଦେଇପାରେ । ଏହି ଉକ୍ତି ସତ ପ୍ରମାଣିତ ହୋଇଛି ଆଦିତ୍ୟଙ୍କ କ୍ଷେତ୍ରରେ । ଭୁବନେଶ୍ୱରର ଆଦିତ୍ୟ ମହାପାତ୍ର । ଅଧ୍ୟୟନ ସମୟରେ ସେ ଡ୍ରାମା କରୁଥିଲେ । ତାଙ୍କ ଅଭିନୀତ ଡ୍ରାମା ଦେଖି ଫିଲ୍ମ ପ୍ରଯୋଜକ ସଞ୍ଜୟ ନାୟକ ତାଙ୍କୁ 'ଆଇ ଲଭ୍ ୟୁ-୨' ସିନେମାରେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ । ଏବେ ଆଦିତ୍ୟ 'ମୋନଷ୍ଟର୍' ସୁଟିଂରେ ବ୍ୟସ୍ତ ରହିଛନ୍ତି । ରୋମାଣ୍ଟିକ୍ ନାୟକରୁ ସିଧା ମୋନଷ୍ଟର ଚରିତ୍ର ନିଭାଇବାକୁ ଆଦିତ୍ୟଙ୍କୁ କେତେ ପରିଶ୍ରମ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ ।**

# "ଦର୍ଶକଙ୍କୁ ବାନ୍ଧି ରଖିବା ପାଇଁ ବାସ୍ତବ କାହାଣୀ ଆବଶ୍ୟକ"

**ଆଦିତ୍ୟ ମହାପାତ୍ର, ଅଭିନେତା**

**କଳା ଜଗତକୁ କେମିତି ଆସିଲେ?**

● ମୋ ବାପା ଜଣେ ପ୍ରଶାସନିକ ଅଧିକାରୀ । ମୁଁ କିଟ୍‌ରେ ବିବିଏ କରୁଥିଲି । ସିଭିଲ୍ ସର୍ଭିସ୍ କରିବି ବୋଲି ଭାବିଥିଲି । ସେତେବେଳେ କଲେଜ୍ ଫଙ୍କସନ୍‌ରେ ମୁଁ ଡ୍ରାମା କରୁଥିଲି । ଥରେ କଲେଜ୍‌ରେ ଟୁଟୁ ଦାଦା ମୋ ଡ୍ରାମା ଦେଖି ବହୁତ ଭଲ ଅଭିନୟ କରୁଛୁ ବୋଲି ପ୍ରଶଂସା କରିଥିଲେ । ତାଙ୍କୁ ଭେଟିବା ପାଇଁ ମୋତେ ସେ ପ୍ରସ୍ତାବ ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ଭେଟିଥିଲି । ଆଉ ତାଙ୍କରି ପ୍ରେରଣାରେ ହିଁ କଳା ଜଗତକୁ ଟାଣି ହୋଇ ଆସିଥିଲି ।

**'ଆଇ ଲଭ୍ ୟୁ-୨'ରେ କାମ କରିବାକୁ କେତେ ପରିଶ୍ରମ କରିବାକୁ ପଡ଼ିଥିଲା?**

● ଟୁଟୁ ଦାଦା ମୋତେ ନେଇ 'ଆଇ ଲଭ୍ ୟୁ-୨' ସିନେମା କରିବାକୁ ଚିନ୍ତା କରିଥିଲାବେଳେ ମୋର ଓଜନ ୧୪୮ କେଜି ଥିଲା । ତେଣୁ ପ୍ରଥମେ ମୋତେ ଓଜନ କମାଇ ଡ୍ୟାନ୍ସ ଶିଖିବାକୁ କୁହାଯାଇଥିଲା । ଗିରିଶ ସାର୍‌ଙ୍କ ପାଖରୁ ଡ୍ୟାନ୍ସ ଶିଖିଲି । ଦୁଇ ବେଳା ଜିମ୍ ଯାଉଥିଲି । 'ଆଇ ଲଭ୍ ୟୁ-୨' ସୁଟ୍‌ର ଅଢ଼େଇ ମାସ ପୂର୍ବରୁ ସୁଧାଂଶୁ ସାର୍ ମୋର ୱାର୍କସପ୍ କରାଇଥିଲେ । କ୍ୟାମେରା ସାମ୍ନାରେ କିପରି ଅଭିନୟ କରିବି, ସେ ବିଷୟରେ ତାଲିମ ଦେଇଥିଲେ । ଏହା ପରେ ସୁଟିଂ କରିଥିଲି ।

**ଅପ୍‌ସରା ରାନୀଙ୍କ ସହ କାମ କରିବାର ଅନୁଭୂତି?**

● ତାଙ୍କ ସହିତ କାମ କରିବାକୁ ଖୁସି ଲାଗିଥିଲା । ସେ ବିଭିନ୍ନ ଫିଲ୍ମ ଇଣ୍ଡଷ୍ଟ୍ରିରେ ଲୋକପ୍ରିୟ କଳାକାରଙ୍କ ସହ କାମ କରିଛନ୍ତି । ତାଙ୍କର ଅଭିଜ୍ଞତା ଢେର୍ । ତେଣୁ କେମିତି ଅଭିନୟ କରାଯିବ, ସମୟାନୁବର୍ତ୍ତିତା ଏବଂ ଶୃଙ୍ଖଳିତ ରହି ତାଙ୍କଠୁ ଶିଖିଛି ।

**ପ୍ରଥମ ସିନେମାରେ ଦର୍ଶକଙ୍କ ପ୍ରତିକ୍ରିୟା କେମିତି ଥିଲା?**

● ପ୍ରଥମରୁ ତିନିରୁ ଚାରିଦିନ ଦର୍ଶକ ବହୁତ ଭଲପାଇବା ଦେଇଥିଲେ । ହେଲେ ଆମ ଇଣ୍ଡଷ୍ଟ୍ରିର କିଛି ଲୋକମାନେ ଜାଣିଶୁଣି ଫିଲ୍ମକୁ ଖରାପ ରିଭ୍ୟୁ ଦେଇ ଫିଲ୍ମର ବ୍ୟବସାୟରେ ବାଧା ସୃଷ୍ଟି କରିଥିଲେ । ଫିଲ୍ମ ରିଲିଜ୍ କରିବାକୁ ସୁଯୋଗ ଦିଆଗଲା ନାହିଁ । ଓଡ଼ିଶାରେ ୪୦ ବଦଳରେ କେବଳ ୧୧ଟି ସ୍କ୍ରିନ୍‌ରେ ଫିଲ୍ମ ରିଲିଜ୍ ହୋଇଥିଲା । ଏହି ସିନେମାଟି ବହୁତ ରାଜନୀତିର ସମ୍ମୁଖୀନ ହୋଇଥିଲା । ଦର୍ଶକମାନେ ମୋ ଡ୍ୟାନ୍ସ ଷ୍ଟେପ୍‌କୁ ନେଇ ଭିନ୍ନ ଭିନ୍ନ ମତ ରଖିଥିଲେ ।

**ଖାଲି ସମୟରେ କ'ଣ କରନ୍ତି?**

● ସକାଳୁ ଉଠି ଜିମ୍ ଯାଏ । ଘରେ ପପି ସହ ସମୟ ବିତାଏ । ଅନ୍ୟ ଭାଷାଭାଷୀର କଳାକାରମାନଙ୍କର ସିନେମା ଦେଖେ । କାହାଣୀ ଲେଖିବାକୁ ବି ପସନ୍ଦ କରେ ।

**'ମୋନଷ୍ଟର୍'କୁ ନେଇ କ'ଣ କହିବେ?**

● ମୋନଷ୍ଟର' ସିନେମାଟି ଓଡ଼ିଶାର ସବୁଠୁ ଭାଇଲେଣ୍ଟ ସିନେମା ହେବ । ଲଜିକ୍ ସହିତ । ଏଥିରେ ମୋ ବିପକ୍ଷରେ ଅଛନ୍ତି ଦିବ୍ୟଜ୍ୟୋତି ତ୍ରିପାଠୀ । ଏହା ଏକ ଫ୍ୟାମିଲି ଇମୋସନ୍ ଡ୍ରାମା । ଏଥିରେ ମୋର ଭିନ୍ନ ଭିନ୍ନ ଚରିତ୍ର ଅଛି । ଅତୀତରେ ମୋ ସହିତ ଏମିତି କିଛି ଘଟିଛି ଯାହା ମୋତେ ପରିବର୍ତ୍ତନ କରିଛି । ଏହା ପରେ ମୁଁ ମୋର ପରିବାରଠାରୁ ଦୂରେଇ ଯାଉଛି । ଗୋଟେ ଗୋଟେ ମୁହୂର୍ତ୍ତରେ କେତେ ଭୟଙ୍କର ହୋଇଛି ତାହା ଦେଖିବାକୁ ମିଳିଛି । ଏହି ଚରିତ୍ର ପାଇଁ ମୋତେ ବହୁତ ପରିଶ୍ରମ କରିବାକୁ ପଡ଼ିଛି ।

**ଡ୍ରିମ୍ ରୋଲ?**

● ମୋର ଯାହା ଡ୍ରିମ ରୋଲ୍ ଥିଲା ସେମିତି ଏକ ଚରିତ୍ର ମୋତେ 'ମୋନଷ୍ଟର୍'ରେ ମିଳିଛି ।

**କେଉଁ ଭଳି ସିନେମାରେ କାମ କରିବାକୁ ଇଚ୍ଛା ଅଛି?**

● ଦର୍ଶକଙ୍କୁ ବାନ୍ଧି ରଖିବାକୁ ହେଲେ ବାସ୍ତବ କାହାଣୀ ସହିତ ବିଗ୍ ବଜେଟ ସିନେମା କଲେ ସଫଳ ମିଳିବ । ଏହି ଚିନ୍ତାଧାରା ପାଇଁ ପ୍ରଥମ ସିନେମା ପରେ ବର୍ଷେ ଚୁପ୍ ବସିଥିଲି । ୧୦ରୁ ୧୨ଟି ସିନେମାରେ କାମ ମିଳିଥିଲେ ବି ମୁଁ ତାକୁ ପ୍ରତ୍ୟାଖ୍ୟାନ କରିଥିଲି ।

**ଅଭିନୟ ଜଗତକୁ ଆସୁଥିବା ପିଲାମାନଙ୍କୁ କ'ଣ କହିବେ?**

● କେବେ ନିଜ ମନୋବଳ ଭାଗନ୍ତୁନି । ଧୈର୍ଯ୍ୟ ରଖନ୍ତୁ । ନିଜ କାମକୁ ଗୁରୁତ୍ୱ ଦିଅନ୍ତୁ । କେବେ ହାର ମାନିବା କଥା ନୁହେଁ ।



### ଅଷ୍ଟ୍ରେଲିଆ ବିପକ୍ଷ ମହିଳା ଟି-୨୦ ମୁକାବିଲା; ମନ୍ଧାନା ଶ୍ରେଷ୍ଠ ଖେଳାଳି

# ୧୦ ବର୍ଷ ପରେ ଭାରତର ସିରିଜ୍ ବିଜୟ

ଆଡିଲେଡ ଓଭାଲ,୨୧।୨(ଏଜେନ୍ସି):



ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗ୍ସଙ୍କ ଦମ୍‌ଦାର ବ୍ୟାଟିଂ ସାଙ୍ଗକୁ ସ୍ପିନରଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଟି-୨୦ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ଦୀର୍ଘ ୧୦ ବର୍ଷ ପରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଟି-୨୦ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ପୂର୍ବରୁ ୨୦୧୬ରେ ମିତାଲି ରାଜଙ୍କ ନେତୃତ୍ୱରେ ଗଠିତ ଭାରତୀୟ ମହିଳା ଦଳ ପ୍ରଥମଥର ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ୍ କବ୍‌ଜା କରିଥିଲା। ଏହି ସିରିଜ୍ ମଧ୍ୟ ଅଷ୍ଟ୍ରେଲିଆରେ ଖେଳାଯାଇଥିଲା। ଏହାର ଅର୍ଥ ଭାରତ ଘରୋଇ ମାଟିରେ ଅଷ୍ଟ୍ରେଲିଆକୁ କେବେ ପରାଜିତ କରିବାରେ ସମର୍ଥ ହୋଇନାହିଁ। ଆଡିଲେଡ ଓଭାଲରେ ଶନିବାର ଅନୁଷ୍ଠିତ ତୃତୀୟ ଟି-୨୦ରେ ଭାରତ ପକ୍ଷରୁ ୫୫ ବଲ୍‌ରେ ୮୨ ରନ୍ କରିଥିବା ସ୍ମୃତି ମନ୍ଧାନାଙ୍କୁ ମ୍ୟାଚ୍ ଏବଂ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହା ପରେ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏହି ଫର୍ମାଟରେ ଭାରତ ଏବେ ଚାମ୍ପିଅନ ରହିଛି। ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଭାରତ ଫାଇନାଲରେ ପ୍ରବେଶ କରିଥିଲା। ଅଷ୍ଟ୍ରେଲିଆ ଏହି ପରାଜୟର ପ୍ରତିଶୋଧ ନେବା ଲାଗି ଅପେକ୍ଷା କରିଥିଲାବେଳେ ଅବସର ନେବାକୁ ଘୋଷଣା କରିଥିବା ଆଲିସା ହିଲିଙ୍କୁ ଶେଷଥର ଲାଗି ଏହି ସିରିଜ୍‌ରେ ଅଷ୍ଟ୍ରେଲିଆ ଖେଳିବାକୁ ସୁଯୋଗ ଦେଇଛି। ସିରିଜ୍‌ର ମ୍ୟାଚ୍ ଗୁଡିକ ଫେବୃଆରୀ ୨୪, ୨୭ ଓ ମାର୍ଚ୍ଚ ୧ରେ ଖେଳାଯିବ।

ଆଡିଲେଡ୍ ଓଭାଲରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୬ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ସ୍ମୃତି ମନ୍ଧାନା ୫୫ ବଲ୍‌ରେ ୮୨ ଓ ଜେମିମା ରୋଡ୍ରିଗ୍ସ ୪୬ ବଲ୍‌ରେ ୫୯ ରନ୍ କରିଥିଲା। ଏମାନଙ୍କ ଦ୍ୱିତୀୟ ୱିକେଟ ଭାଗୀଦାରିରୁ ୮୨ ବଲ୍‌ରେ ୧୨୧ ରନ୍ ସଂଗୃହୀତ ହେବା ଫଳରେ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୭୬ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୯ ରନ୍ କରିଥିଲା। ଦଳ ପକ୍ଷରୁ ଆଶଲେ ଗାର୍ଡନର ୪୫ ବଲ୍‌ରେ ଲଢୁଆ ୫୭ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଫୋଏବି ଲିଚଫିଲ୍ଡ ୨୬ ରନ୍ କରିଥିଲାବେଳେ ଅନ୍ୟ ସମସ୍ତ ବ୍ୟାଟର ବିଫଳ ହୋଇଥିଲେ। ଭାରତ ପକ୍ଷରୁ ଦୁଇ ସ୍ପିନର ଶ୍ରେୟଙ୍କା ପାଟିଲ ଓ ଶ୍ରୀଚରଣି ୪ ଓଭର ଲେଖାଏଁ ବୋଲିଂ କରି ଯଥାକ୍ରମେ ୨୨ ଓ ୩୨ ରନ୍ ଦେଇ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅରୁନ୍ଧତୀ ରେଡ୍ଡୀ ୨ଟି ଓ ରେଣୁକା ସିଂ ଠାକୁର ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଡିଏଲଏସ୍ ମେଥଡ ଅନୁଯାୟୀ ୨୧ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୯ ରନ୍‌ରେ ବିଜୟୀ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଭାରତ : ୧୭୬/୬, ୨୦ ଓଭର** (ସ୍ମୃତି ମନ୍ଧାନା-୮୨, ଜେମିମା ରୋଡ୍ରିଗ୍ସ-୫୯, ଆନାବେଲ ସଦରଲାଣ୍ଡ-୨/୩୪)।

**ଅଷ୍ଟ୍ରେଲିଆ : ୧୫୯/୯, ୨୦ ଓଭର** (ଆଶଲେ ଗାର୍ଡନର-୫୭, ଫୋଏବି ଲିଚଫିଲ୍ଡ-୨୬, ଶ୍ରେୟଙ୍କା ପାଟିଲ-୩/୨୨, ଶ୍ରୀ ଚରଣି-୩/୩୨, ଅରୁନ୍ଧତୀ ରେଡ୍ଡୀ-୨/୩୫)।

# ପାକିସ୍ତାନ-ନ୍ୟୁଜିଲାଣ୍ଡ ମ୍ୟାଚ୍‌ରେ ବର୍ଷା ବାଧକ

କଲମ୍ବୋ, ୨୧।୨ (ଏଜେନ୍ସି): ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆଜି ଏଠାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ର ପ୍ରଥମ ସୁପର ଏଇଟ୍‌ସ ମୁକାବିଲାରେ ବର୍ଷା ବାଧା ସୃଷ୍ଟି କରିଛି। ରିପୋର୍ଟ ଲେଖା ହେଲା ବେଳକୁ ବର୍ଷା ଛାଡି ନ ଥିଲା। ପଡ଼ିଆରେ ପାଣି ଜମି ରହିଥିଲା। ରାତି ୮ଟା ସୁଦ୍ଧା ଖେଳ ଆରମ୍ଭ ହୋଇ ନ ପାରିଲେ ମ୍ୟାଚ୍‌ରେ ଓଭର ସଂଖ୍ୟା କମିବ। ଏହି ମୁକାବିଲାରେ ରିଜର୍ଭ ଦିବସ ନ ଥିବାରୁ ମ୍ୟାଚ୍ ବାତିଲ ହେଲେ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିବ। ଫଳାଫଳ ଲାଗି ଅତିକମ୍‌ରେ ୫ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯିବାର ବ୍ୟବସ୍ଥା ରହିଛି।

ଆଜି ଖେଳ ଆରମ୍ଭରେ ବର୍ଷା ନ ଥିଲା। ଏଣୁ ଟସ୍ ପଡ଼ିଥିଲା। ଏଥିରେ ପାକିସ୍ତାନ ଟସ୍ ଜିତିପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ବର୍ଷା ଆରମ୍ଭ ହୋଇଥିଲା। ଏହି ମ୍ୟାଚ୍ ଲାଗି ପାକିସ୍ତାନ ଫକର ଜମାନଙ୍କୁ ପ୍ରଥମଥର ଦଳରେ ସାମିଲ କରିଛି। ସେ ଅସୁସ୍ଥ ଅଛନ୍ତି। ତାଙ୍କୁ ଖେଳାଇ ପାକିସ୍ତାନ ରିସ୍କ ନେଇଛି। ଯାହା ଫଳରେ ଟସ୍ ଜିତିବା ପରେ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ଉଭୟ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇ ସୁପର ଏଇଟ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପାକିସ୍ତାନ ଟାଇଟଲ ଜିତିଥିଲାବେଳେ ନ୍ୟୁଜିଲାଣ୍ଡ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି। ଏଣୁ ଉଭୟ ଦଳ ଏଥର ଟାଇଟଲ ଜିତିବାକୁ ସମସ୍ତ ପ୍ରକାର ଉଦ୍ୟମ କରିବେ। ଏଠାରେ ପିଚ୍ ସ୍ପିନରଙ୍କୁ ବେଶ ସୁହାଇଥାଏ। ଏଣୁ ଯେଉଁ ଦଳର ସ୍ପିନର ଭଲ ପ୍ରଦର୍ଶନ କରିବେ କଲମ୍ବୋରେ ସେହି ଦଳ ବିଜୟୀ ହେବ।

## ପ୍ରୋ ଲିଗ୍ ହକି: ସ୍ପେନ୍ ଠାରୁ ହାରିଲା ଭାରତ

ଆଡିଲେଡ୍,୨୧।୨(ଏଜେନ୍ସି): ପୁରୁଷ ହକି ପ୍ରୋ ଲିଗ୍‌ର ଅଷ୍ଟ୍ରେଲିଆ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଛି। ଶକ୍ତିଶାଳୀ ସ୍ପେନ୍ ୨-୦ ଗୋଲରେ ଭାରତକୁ ପରାସ୍ତ କରି ଏହି ବିଜୟ ହାସଲ କରିଛି। ଭାରତ ଆରମ୍ଭରୁ ଭଲ ଆକ୍ରମଣ କରିଥିଲେ ମଧ୍ୟ ସ୍ପେନ୍ ପ୍ରତ୍ୟାକ୍ରମଣ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲା। ଯାହା ଫଳରେ ଫରୱାର୍ଡ ଖେଳାଳି ଇଗ୍ନାସିଓ ଆବାଜୋ ଓ ଇଗ୍ନାସିଓ କୋବୋସ ଉଭୟ ହାଫ୍‌ରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ରାଉରକେଲା ଲେଗ୍‌ରେ ଖେଳାଯାଇଥିବା ପ୍ରୋ-ଲିଗ୍ ମୁକାବିଲାରେ ଭାରତ ୪ଟି ଯାକ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଏଠାରେ ଭାରତ ତାହାର ପରବର୍ତ୍ତୀ ମ୍ୟାଚ ଅଷ୍ଟ୍ରେଲିଆ ସହ ହୋବାର୍ଟରେ ଫେବୃଆରୀ ୨୨ ବା ଆସନ୍ତାକାଲି ଖେଳିବ।

## ପେରୁ କ୍ଲବ୍ ଲାଗି ଗୋଲ ଦେଲେ ମନୀଷା

ନୂଆଦିଲ୍ଲୀ,୨୧।୨(ଏଜେନ୍ସି): ଭାରତର ଉଦୀୟମାନ ମହିଳା ଫରୱାର୍ଡ ଖେଳାଳି ମନୀଷା କଲ୍ୟାଣ ପେରୁର ଚାମ୍ପିଅନ କ୍ଲବ୍ ଆଲିଆଞ୍ଜା ଲିମା ପକ୍ଷରୁ ଗୋଲ ସ୍କୋର କରିଛନ୍ତି। ଏହି ମ୍ୟାଚ୍‌ରେ ଦଳ ବିଜୟୀ ହୋଇଛି। ବିଦେଶୀ କ୍ଲବ୍ ପକ୍ଷରୁ ଖେଳି ସେ ଦ୍ୱିତୀୟଥର ଗୋଲ ସ୍କୋର କରିଛନ୍ତି। ପୂର୍ବର ସାଇପ୍ରସ ଓ ଗ୍ରୀସ୍‌ରେ ସେ ଖେଳିବା ପରେ ଚଳିତବର୍ଷ ଜାନୁଆରୀ ମାସରେ ଲିମା ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ଏହି କ୍ଲବ୍ ପକ୍ଷରୁ ସେ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଦଳ ୩-୧ରେ ଡିପୋର୍ଟିଭା ୟୁନିଭର୍ସିଟାରିଆକୁ ହରାଇଥିଲେ। ଚିଲିରେ କ୍ଲବ ଏକ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲାରେ ୟୁନିଭର୍ସିଡାଡ କାଟୋଲିକା ବିପକ୍ଷରେ ୪-୧ରେ ବିଜୟୀ ହୋଇଥିଲା। ପୂର୍ବରୁ ଦକ୍ଷିଣ ଆମେରିକାରେ ମନୀଷା ୨୦୨୧ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ବ୍ରାଜିଲଠାରୁ ୬-୧ ଗୋଲରେ ଭାରତ ପରାଜିତ ହୋଇଥିଲାବେଳେ ଏହି ଗୋଲଟି ମନୀଷା ସ୍କୋର କରିଥିଲେ।

### ଏଡିସିଏ ଟି-୨୦ ଏସିଆକପ୍

## ନେପାଳକୁ ହରାଇଲା ଶ୍ରୀଲଙ୍କା




ଭୁବନେଶ୍ୱର,୨୧।୨(ସମିସ): କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏଡିସିଏ ଟି-୨୦ ଏସିଆ କପ୍‌ରେ ଶନିବାର ଶ୍ରୀଲଙ୍କା ୬ ୱିକେଟରେ ନେପାଳକୁ ପରାସ୍ତ କରିଛି। ଟସ୍ ଜିତି ନେପାଳ ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ମାତ୍ର ୬୧ ରନକରି ଅଲଆଉଟ ହୋଇଥିଲା। ଶ୍ରୀଲଙ୍କା ଶୃଙ୍ଖଳିତ ବୋଲିଂ ଆଗରେ ନେପାଳ ବ୍ୟାଟର ତିଷ୍ଠି ପାରି ନଥିଲେ। ନେପାଳ ତରଫରୁ ହିମଲ ଗୁରାଗେନ୍ ଅପରାଜିତ ୧୪, ବୈଦନାଥ ଚୌଧୁରୀ ୧୪ ଓ ଅଭିଷେକ କୁମାର ମିଶ୍ର ୧୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଶ୍ରୀଲଙ୍କାର ଜିହାନ ଲାସିଡୁ ଡେ ସିଲ୍‌ଭା ୪, ଆଲାନରୋଜ କାରେପ୨ ଓ ଅଶଙ୍କା ମଞ୍ଜୁଳା ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଶ୍ରୀଲଙ୍କା ୧୦.୩ ଓଭରରେ ୪ ୱିକେଟ ହରାଇ ୬୪ ରନ ସଂଗ୍ରହ କରିବା ସହ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଶ୍ରୀଲଙ୍କାର ଆଲାନରୋଜ କାଲେପ୍ ୧୯, ଗୋୟୁମ ଶନକା ୧୬, ଦିନୁକା ସଚିନ ୧୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ନେପାଳ ତରଫରୁ ଅଭିଷେକ, ଅଂଶୁ କୁମାର ଯାଦବ ଓ ବୈଦନାଥ ଚୌଧୁରୀ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ବିହାରୀଲାଲ କ୍ରିକେଟ

## ରାମେଶ୍ୱର ଓ କିଶୋର ଫାଇନାଲ ମୁକାବିଲା

ଭୁବନେଶ୍ୱର,୨୧।୨(ସମିସ): ରାଜଧାନୀର ଦୁଇ ପ୍ରତିଷ୍ଠିତ କ୍ଲବ୍ ରାମେଶ୍ୱର ସ୍ପୋର୍ଟିଂ ଓ କିଶୋର କ୍ଲବ୍ ମଧ୍ୟରେ ବିହାରୀଲାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଖେଳାଯିବ। ଆଜିର ପ୍ରଥମ ସେମିଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ୨୪ ରନ୍‌ରେ ମହାବୀର ସ୍ପୋର୍ଟିଂକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ କିଶୋର କ୍ଲବ୍ ୧୪ ରନ୍‌ରେ ମୁକ୍ତେଶ୍ୱର କ୍ଲବ୍‌କୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଭେଟେରାନ କାଟାଗୋରୀର ଫାଇନାଲ ମୁକାବିଲା କିଶୋର କ୍ଲବ୍ ଓ ପୁରୀର ଜେପି ବ୍ଲାଷ୍ଟର୍ସ ମଧ୍ୟରେ ଖେଳାଯିବ। ଆଜିର ଖେଳରେ ବିହାରୀଲାଲ ଟ୍ରଷ୍ଟର ସଭାପତି ଅକ୍ଷୟ କୁମାର ଜେନା ଓ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ତମାଣ୍ଡୋ ପ୍ରିମିୟର ଲିଗ୍

## ଫାଇନାଲରେ ଟିସିସି-ଆଦିତ୍ୟ ଏକାଦଶ

ଭୁବନେଶ୍ୱର,୨୧।୨(ସମିସ): ମ୍ୟାନ୍ ଅଫ୍ ଦି ମ୍ୟାଚ୍ ତଥା ୱିକେଟରକ୍ଷକ ଅଶ୍ୱିନ କୁମାର ଖଟେଇଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୟୁବି ରକ୍‌ଷ୍ଟାରଙ୍କୁ ୩ ୱିକେଟରେ ହରାଇ ଆଦିତ୍ୟ ଏକାଦଶ ଦ୍ୱିତୀୟ ଦଳ ଭାବେ ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ହେବାକୁ ଥିବା ଫାଇନାଲରେ ଆଦିତ୍ୟ ଏକାଦଶ ସହ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ (ଟିସିସି)ର ମୁକାବିଲା ହେବ। ଗତକାଲି ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଟିସିସି ୪୫ ରନ୍‌ରେ ସମ୍ବଲପୁରର ଏମ୍‌ଏମ୍‌ସିସିକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ରବିବାର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

ତମାଣ୍ଡୋ କ୍ରିକେଟ କ୍ଲବ୍ ପଡ଼ିଆରେ ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ୟୁବି ରକ୍‌ଷ୍ଟାର ୫ ୱିକେଟରେ ୨୧୫ ରନ୍ କରିଥିଲା। ଦଳ ପକ୍ଷରୁ ଟୁକୁନା ସାହୁ ୪୮, ସେକ୍ ସଲମାନ ଅପରାଜିତ ୪୬, ରାକେଶ ବିଶ୍ୱାଳ ଅପରାଜିତ ୪୩ ଓ ଆଶିଷ ରାୟ ୩୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ମନୋଜ ବାରିକଙ୍କୁ ସର୍ବାଧିକ୍ ୨ଟି ୱିକେଟ ମିଳିଥିଲା। ଜବାବରେ ୨୧୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆଦିତ୍ୟ ଏକାଦଶ ୨ଟି ବଲ୍ ବାକିଥାଇ ୭ ୱିକେଟ ବିନିମୟରେ ମ୍ୟାଚ୍ ଜିତିନେଇଥିଲା। ଦଳ ପକ୍ଷରୁ ଅଶ୍ୱିନ କୁମାର ୩୩ ବଲ୍‌ରେ ୯ ଚୌକା ଓ ୫ଛକା ସହ ସର୍ବାଧିକ ୭୩ ରନ୍ କରିଥିଲେ। ଜନ୍ମେଜୟ ସାହୁ ୪୫, ଅନିକେତ ସିଂ ୩୭ ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ପରାଜିତ ଦଳର ଅମିତ ଦାସ ୨ଟି, ମିଳନ ସାମଲ, ଆଲୋକ ବାରିକ, ଅବ୍‌ଦୁଲ ଖାନ୍ ଓ ଜୀବନ ଜେନା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆଜିର ମ୍ୟାଚ୍‌ରେ ରବିନାରାୟଣ ଧଳ, କସ୍ତୁରୀବାଳା ସ୍ୱାଇଁ ଓ ଚନ୍ଦ୍ରକାନ୍ତ ସାହୁ ଅତିଥିଭାବେ ଯୋଗଦେଇଥିଲେ।




### କଳାହାଣ୍ଡି କପ୍ କ୍ରିକେଟ

## ସୁନ୍ଦରଗଡ଼, ସମ୍ବଲପୁର, ନୟାଗଡ଼, ଖୋର୍ଦ୍ଧା, ବଲାଙ୍ଗୀର, ଯାଜପୁର, କୋରାପୁଟ ବିଜୟୀ


ବିଶ୍ୱଜିତ ପ୍ରଧାନ-୧୨୬


ବିଶ୍ୱଭୂଷଣ ବିହାରୀ-୧୧୮


ଦେବାଶିଷ ବାଗ-୧୦୨


ଅର୍ଶାଦ କିରଣ-୭/୨୬


କ୍ରିଷ୍ଣା ପଲାଇ-୬/୨୪

ଭୁବନେଶ୍ୱର, ୨୧।୨ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡିକପ୍ କ୍ରିକେଟ ସିନିଅର ଟୁର୍ଣ୍ଣାମେଣ୍ଟରେ ଶନିବାର ଖେଳାଯାଇଥିବା ପ୍ରଥମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍‌ଗୁଡ଼ିକରେ ସୁନ୍ଦରଗଡ଼, ସମ୍ବଲପୁର, ନୟାଗଡ଼, ଖୋର୍ଦ୍ଧା, ବଲାଙ୍ଗୀର, ଯାଜପୁର, କୋରାପୁଟ ଓ ଇକୋର୍ସା ବିଜୟ ହାସଲ କରିଛନ୍ତି। ସୁନ୍ଦରଗଡ଼ ୮ ୱିକେଟରେ ନବରଙ୍ଗପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ନବରଙ୍ଗପୁର ୨୫.୪ ଓଭରରେ ୬୮ ରନ କରି ଅଲଆଉଟ ହୋଇଥିଲା। ଜବାବରେ ସୁନ୍ଦରଗଡ଼ ୧୨.୧ ଓଭରରେ ୭୨ ରନକରି ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ବିଜୟୀ ଦଳର କ୍ରିଷ୍ଣା ପଟେଲ ସର୍ବାଧିକ୍ ୬ ୱିକେଟ ନେଇଛନ୍ତି। ସେହିପରି ଅନ୍ୟଏକ ମ୍ୟାଚ୍‌ରେ ସମ୍ବଲପୁର-ବି ୯ ୱିକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ଅନ୍ୟଏକ ମ୍ୟାଚ୍‌ରେ ନୟାଗଡ଼ ୨ ୱିକେଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ନୟାଗଡ଼ ତରଫରୁ ବିଶ୍ୱଜିତ ପ୍ରଧାନ ୧୨୬ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ଇକୋର୍ସା ଅନ୍ୟଏକ ମୁକାବିଲାରେ ୨୧ ରନରେ ସୋନପୁରକୁ ହରାଇଛି। ଅପରପକ୍ଷରେ ଖୋର୍ଦ୍ଧା ୧୨ ରନରେ ସମ୍ବଲପୁର-ଏ'କୁ ପରାସ୍ତ କରିଛି। ଖୋର୍ଦ୍ଧା ତରଫରୁ ବିଶ୍ୱଭୂଷଣ ବିହାରୀ ୧୧୮ ଓ ସମ୍ବଲପୁର ପକ୍ଷରୁ ଦେବାଶିଷ ବାଗ ୧୦୨ ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟଏକ ମ୍ୟାଚ୍‌ରେ ବଲାଙ୍ଗୀର ୮୦ ରନରେ କଟକ-ବିକୁ ପରାସ୍ତ କରିଛି। ସେହପରି ଯାଜପୁର ମାତ୍ର ୧ ରନରେ ସଂଘର୍ଷପୂର୍ଣ୍ଣ ଢ଼ଙ୍ଗରେ ମାଲକାନାଗିରିକୁ ପରାସ୍ତ କରିଛି। ଅନ୍ତିମ ମୁକାବିଲାରେ କୋରାପୁଟ ୪୧ ରନରେ ଦେବଗଡ଼କୁ ହରାଇଛି। ଦେବଗଡ଼ର ଅର୍ସାଦ କିରଣ ସର୍ବାଧିକ ୭ ୱିକେଟ ଅକ୍ତିଆର କରିଥିଲେ।

**ବିଶ୍ୱଭୂଷଣ, ଦେବାଶିଷ, ବିଶ୍ୱଜିତଙ୍କ ଶତକ**

**କ୍ରିଷ୍ଣାଙ୍କୁ ୬, କିରଣଙ୍କୁ ୭ ୱିକେଟ**

### ଦକ୍ଷିଣ ଆଫ୍ରିକା ବିପକ୍ଷ ବିଶ୍ୱକପ୍ ସୁପର ଏଇଟ୍‌ସ ମୁକାବିଲା

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

ଅହମ୍ମଦାବାଦ୍,୨୧।୨(ଏଜେନ୍ସି):



ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସୁପର ଏଇଟ୍‌ସ ମୁକାବିଲା ଆସନ୍ତାକାଲି ଅନୁଷ୍ଠିତ ହେବ। ଏହି ସିରିଜ୍ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଭାରତରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭାରତ ୩-୧ରେ ଜିତିନେଇଥିଲା। ଚଳିତ ବିଶ୍ୱକପ୍‌ରେ ଭାରତ ସମସ୍ତ ୪ଟି ମ୍ୟାଚ୍ ଜିତିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଭଳି ସହଜ ବିଜୟ ହାସଲ କରିନାହିଁ। ଏଭଳି ସ୍ଥିତିରେ ଦକ୍ଷିଣ ଆଫ୍ରିକା ଯେ ଭଲ ଫର୍ମରେ ଅଛି କହିହେବ ନାହିଁ। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ୩୧ଟି ଟି-୨୦ ମୁକାବିଲାରେ ଭାରତ ୧୮ଟି ଜିତି ଆଗୁଆ ରହିଛି। ଦକ୍ଷିଣ ଆଫ୍ରିକା ୧୨ଟିରେ ବିଜୟୀ ହୋଇଛି। ଘରୋଇ ମାଟି ହେଉ ବା ବିଦେଶରେ କିମ୍ବା ନ୍ୟୁଟ୍ରାଲ ଭେନ୍ୟୁରେ ଭାରତ ଅଧିକ ମ୍ୟାଚ୍ ଜିତି ସମସ୍ତଙ୍କ ଆଗରେ ରହିଛି। ଏଣୁ ରେକର୍ଡ ଦୃଷ୍ଟିରୁ ଦେଖିଲେ ଭାରତ ସାମାନ୍ୟ ଆଗୁଆ ରହିଥିଲାବେଳେ ବିଶ୍ୱକପ ମୁକାବିଲାରେ ଏହାର ପ୍ରଭାବ ପଡ଼ିବ ନାହିଁ। ଗତ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା। ଦେଖିବାକୁ ଗଲେ ଚଳିତ ବିଶ୍ୱକପ୍‌ରେ ଉଭୟ ଦଳ ବେଶ ଦକ୍ଷ। ଏଣୁ ଏମାନଙ୍କ ମୁକାବିଲା ଜୋରଦାର ହେବ।

ଚଳିତ ବିଶ୍ୱକପ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ସେମାନଙ୍କ ଗ୍ରୁପ୍‌ରେ ସମସ୍ତ ୪ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ସୁପର ଏଇଟସରେ ପ୍ରବେଶ କରିଛନ୍ତି। ଏଣୁ ଉଭୟ ଦଳ ସେମାନଙ୍କ ଶ୍ରେଷ୍ଠ ଟିମ୍‌କୁ ନେଇ ମୈଦାନକୁ ଓହ୍ଲାଇବେ। ଗୋଟିଏ ପଟେ ଭାରତ ବିଜୟ ଧାରା ବଜାୟ ରଖିବାକୁ ଉଦ୍ୟମ କରିବ। ଅନ୍ୟ ପଟେ ଦକ୍ଷିଣ ଆଫ୍ରିକା ଗତ ବିଶ୍ୱକପ୍ ଓ ସିରିଜ୍ ପରାଜୟର ପ୍ରତିଶୋଧ ନେବାକୁ ନିଶ୍ଚିତ ସମସ୍ତ ପ୍ରକାର ଚେଷ୍ଟା କରିବ। ସୁପର ଏଇଟ୍‌ସରେ ଗୋଟିଏ ଦଳ ୨ଟି ମ୍ୟାଚ୍ ଜିତିଲେ ସେମିଫାଇନାଲ ଖେଳିବା ଆଶା ରହିବ। ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ ଏହି ଗ୍ରୁପ୍‌ରେ ଅନ୍ୟ ଦୁଇ ଦଳ ଭାବେ ରହିଛନ୍ତି। ଏଣୁ ସେମାନଙ୍କୁ ହରାଇବା ମଧ୍ୟ ଭାରତ ଲାଗି ଆବଶ୍ୟକ। ଘରୋଇ ମାଟିରେ ଭାରତ ଯେପରି ଶକ୍ତିଶାଳୀ ରହିଛି, ଠିକ୍ ସେହିପରି ଚାପରେ ମଧ୍ୟ ରହୁଛି। ଭାରତ ଚଳିତ ବିଶ୍ୱକପ୍‌ରେ ଏହାର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିନାହିଁ। ଏହାର ବଡ଼ କାରଣ ହେଲା ଦଳର ଓପନର ଅଭିଷେକ ଶର୍ମା ଏଯାଏ ୩ଟି ମ୍ୟାଚ୍‌ରେ ଖାତା ଖୋଲି ପାରି ନାହାନ୍ତି। ଏଣୁ ଅଭିଷେକ ଶର୍ମାଙ୍କ ଉପରେ ନଜର ରହିଛି। ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ମତରେ ବର୍ଷସାରା ଅଭିଷେକ ଆମକୁ ସାହାଯ୍ୟ କରିଆସୁଛନ୍ତି। ଏବେ ଆମେ ତାଙ୍କୁ ସମର୍ଥନ ଦେବାର ଆବଶ୍ୟକତା ରହିଛି। ଚଳିତ ବିଶ୍ୱକପ୍‌ରେ ଏହି ବିସ୍ଫୋରକ ବ୍ୟାଟର ୩ଟି ମ୍ୟାଚ୍ ଖେଳି ମଧ୍ୟ ଖାତା ଖୋଲି ପାରି ନାହାନ୍ତି। ଏଣୁ ଅଭିଷେକଙ୍କ ଉପରେ ନିଶ୍ଚିତ ନଜର ରହିବ। ଇଶାନ କିଶାନ, ଶିବମ ଦୁବେ, ରିଙ୍କୁ ସିଂ, ତିଲକ ବର୍ମା, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ବ୍ୟାଟରଙ୍କ ଯୋଗୁ ଅଭିଷେକଙ୍କ ବିଫଳତା ଜଣାପଡ଼ିନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ମଧ୍ୟ ଭାରତ ଦଳଗତ ଖେଳ ପ୍ରଦର୍ଶନ କରି ବିଜୟୀ ହେବ ବୋଲି ଆଶା କରାଯାଇପାରେ।

ଏହି ମୁକାବିଲାରେ ଭାରତର ଶକ୍ତିଶାଳୀ ବାମହାତୀ ବ୍ୟାଟିଂ ଲାଇନ୍‌ଅପ୍ ଓ ଦକ୍ଷିଣ ଆଫ୍ରିକାର ଅଫ୍ ସ୍ପିନରଙ୍କ ମଧ୍ୟରେ ମୁକାବିଲା ହେବ ବୋଲି ଚର୍ଚ୍ଚା ଚାଲିଛି। ଏହା କିଭଳି ସଫଳତା ହାସଲ କରିବ ତାହା ଆସନ୍ତାକାଲି ମୁକାବିଲା ପରେ ଜଣାପଡ଼ିବ। ଦକ୍ଷିଣ ଆଫ୍ରିକା ମଧ୍ୟ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କୁ ଉଚିତ ମୁକାବିଲା କରିବା ଅପେକ୍ଷାରେ ରହିଛି।

**ଆଜିର ସୁପର ଏଇଟ୍‌ସ ମ୍ୟାଚ୍**

| ପ୍ରତିଦ୍ୱନ୍ଦୀ | ସମୟ | ସ୍ଥାନ |
|---|---|---|
| ଇଂଲଣ୍ଡ-ଶ୍ରୀଲଙ୍କା | ଅପରାହ୍ଣ ୩ଟା | ପାଲେକେଲେ |
| ଭାରତ-ଦକ୍ଷିଣ ଆଫ୍ରିକା | ରାତି ୭ଟା | ଅହମ୍ମଦାବାଦ୍ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS